

# ରେ ହେଲେ କହିଯାଅ

ରମେଶ ଚନ୍ଦ୍ର ମିଶ୍ର

# ଥରେ ହେଲେ କହିଯାଅ

Ispat Market, Rourkela-8.

ଶ୍ରୀ ରମେଶଚନ୍ଦ୍ର ମିଶ୍ର

ସାଥୀ ପ୍ରକାଶନ

ପ୍ରକାଶିତ

କଟକ-୨

ପ୍ରଥମ ସଂସ୍କରଣ : ୧୯୬୭

ମୁଦ୍ରକ : ସତ୍ୟପ୍ରଭା ପ୍ରେସ
[illegible], କଟକ-୨

ମୂଲ୍ୟ—ଏକଟଙ୍କା ପଚିଶ ପଇସା ମାତ୍ର

... ସଂଘ ଲାଇବ୍ରେରୀ ...
୯୩/୮୦

—ଏକ—

ଶାଳୁଆର ଗର୍ଜ୍ଜମାନ ଜଳସ୍ରୋତ କୂଳେ କୂଳେ ଲମ୍ବିଯାଇଚି ଦୀର୍ଘ ଉନ୍ନତ ସୁବିଶାଳ ଗିରିଶ୍ରେଣୀ—କେଉଁଠି, ତୃଣଲତାର ଶ୍ୟାମଳିମା, କେଉଁଠ କଠିନ ଠାଙ୍ଗର । ଗୋଟାଏ ଗୋଟାଏ ସ୍ଥାନରେ ଘର କରି ପାର୍ବତ୍ୟ ଜାତି ବାସ କରିଚନ୍ତି । ପାହାଡ଼ ଏପାଖେ ପ୍ରକୃତିର ବାୟୁଚଞ୍ଚଳ ପଣତ ଭଳି ହିଲ୍ଲୋଳିତ ଶ୍ୟାମ ଶସ୍ୟକ୍ଷେତ୍ର ।

ରାତିର ଦ୍ୱିତୀୟ ପ୍ରହର ଅତିକ୍ରାନ୍ତ ହେଉଚି । ଚାରିଆଡ଼ ନିଝୁମ ନିସ୍ତବ୍‌ଧ, ଯେମିତି ଗୋଟାଏ ନିର୍ଜ୍ଜନ ଶ୍ମଶାନ । ଅନ୍ଧାର ଭିତରେ ରୂପକଥାର ଅସୁର ଭଳି ଶାଖାବାହୁ ବିସ୍ତାର କରି ଗୋଟାଏ ଗୋଟାଏ ଅତିକାୟ ବୃକ୍ଷ ଠିଆହେଉଚି । କୁହୁଡ଼ିର ପର୍ଦ୍ଦାରେ ଆକାଶ ଆଉ ଧରଣୀ ଏକାକାର ହୋଇଯାଇଚି । ଅଦୂର କୁଟୀରନିର୍ଗତ ଆଲୋକରେଖା ବିଚ୍ଛୁରିତ ହୋଇ ପଡ଼ୁଚି । ସେଇ କୁହୁଡ଼ିଘେରା ଅନ୍ଧାର ଭିତରେ ପୂର୍ଣ୍ଣଯୌବନା ଅଭିସାରିଣୀ ଭଳି ଶାଳୁଆ ଲୁଚି ଲୁଚି କଳ କଳ ସ୍ୱରରେ ଢେଉ ଭାଙ୍ଗି ଚାଲିଚି ।

ପାହାଡ଼ର ପଥରଗୁଡ଼ାକ ସଜାଡ଼ି ଉପରକୁ ଉଠିବାର ରାସ୍ତା ତିଆରି ହେଉଚି । ତା'ର ଗୋଟାଏ ପାଖରେ ଗୋଟିଏ ଛୋଟ କୁଟୀର, ଭିତରେ ଆଲୁଅ ଜଳୁଚି । କଳା ମଚମଚ, କୁଞ୍ଚିତ କେଶ, ସୁଗଠିତ ଦେହ ଗୋଟିଏ ଯୁବକ, ତା ପାଖରେ ବସିଥିବା ଝିଅଟିକୁ ଲକ୍ଷ୍ୟକରି କହୁଥିଲା—

—"ଶୁଣିଚୁ ତ ଫୁଲ ?"

ଫୁଲ ଷୋଡ଼ଶୀ, ତରୁଣୀ ; ଶ୍ରାବଣରେ ଉଚ୍ଛୁଳା ନଈ ଭଳି ତା'ର ସର୍ବାଙ୍ଗରେ ଯୌବନର କଳସ୍ରୋତ ଖେଳିଉଠୁଚି । ଦେହର ବର୍ଣ୍ଣ ଶୁଭ୍ର ନୁହେଁ, ଶ୍ୟାମ ; ଆଖିଦୁଇଟାରେ ନୀଳ ଆକାଶର ଶ୍ୟାମ ସ୍ୱପ୍ନ ପୂରେଇଦିଚି ।

ପାଭୁଆର ପ୍ରଶ୍ନର ଉତ୍ତରରେ ଫୁଲ ପଚାରିଲା, "କୋଉ କଥା କହୁଚୁ, ପାଭୁଆ ?"

ଅକାରଣରେ ପାଭୁଆର ଆଖିଦୁଇଟା ଥରକ ପାଇଁ ଉତ୍ସାହିତ ହୋଇଉଠିଲା । କହିଲା, "ଶୁଣିନୁ, କାଲି ଏଇ ବଣ-ମାହାଲର ମାଲିକ ଆସିବ ?"

ଫୁଲ ଟିକିଏ ହସିଦେଇ କହିଲା, "ଶୁଣିଚି ତ । କ'ଣ ହେଲା ସେଇଠୁ ?"

ପାଭୁଆ ସଳଖି ହୋଇ ବସିପଡ଼ିଲା ସ୍ୱରଟା ତା'ର ଟିକିଏ ଗମ୍ଭୀର ହୋଇଉଠିଲା । କହିଲା, "ତୁ ପୁଣି ହସୁଚୁ ? ଡର ଲାଗୁନି ତତେ ?"

—"ଡରିବାର ଏଥିରେ କ'ଣ ଅଛି, କହିଲୁ ? ସେ ବି ତ ପୁଣି ତୋ' ମୋ ଭଳି ମଣିଷ, ନା ଅନ୍ୟ କିଛି ?"

— "ମଣିଷ ସତ ; କିନ୍ତୁ ମଣିଷ ଭିତରେ କଳଙ୍କ । ପୋଷାକ-ପତ୍ର ଥିବା ଦେହ ତଳେ ସେମାନଙ୍କର ଜୀବନ ନାହିଁ; ଅଛି ଖାଲି ପଥର ।"

—"ତୁ କେମିତି ଜାଣିଲୁ ଏତେ କଥା ? ତୁ ତାଙ୍କୁ ଦେଖିଚୁ ?"

—"ମୁଁ ନିଜେ ଦେଖିନି ସତ; କିନ୍ତୁ ଆମର ବାପ-ଜେଜେବାପମାନେ ଏମାନଙ୍କ ପୂର୍ବପୁରୁଷଙ୍କଠାରୁ ଅନେକ ଅତ୍ୟାଚାର ସହିଥିଲେ, ସେ କଥା ଜାଣିଚୁ ?"

—"ଜାଣିନି । ତେବେ ଶୁଣିବାପାଇଁ ମୋର ଭରି ଲୋଭ ହେଉଚି ।"

—"ଲୋଭ ହେଉଚି ? ବଡ଼ ଆଶ୍ଚର୍ଯ୍ୟ ! ସେ କାହାଣୀ ଶୁଣିଲେ ଗୋଡ଼ହାତ ଆଉ ତୋର ଚଳିବନି; ଭୋକଶୋଷ ଭୁଲିଯିବୁ ।"

—"ହଉ ପଛେ, କହ ।"

ପାରୁଆ ଅଳ୍ପ ସମୟ ଚୁପ୍ ହୋଇ ରହିଲା, ତା'ପରେ କଣ୍ଠସ୍ୱର ସତେଜ କରି କହିଲା, "ଶୁଣ୍ ତେବେ, ବର୍ତ୍ତମାନ ଆମର ଯୋଉ ମାଲିକ କାଲି ଆସିବ, ତା'ର ଜେଜେବାପର ଗୋଟାଏ ପୈଶାଚିକ ଅତ୍ୟାଚାରର କାହାଣୀ । ସେମାନେ ବର୍ଷକୁ ବର୍ଷ ଜମିଦାରୀ ଦେଖାଶୁଣା କରିବାକୁ ଆସନ୍ତିନି—ଦରକାର ବି ହୁଏନି । ପ୍ରତିବର୍ଷ ଥରେ ତହସିଲଦାରକୁ ପଠେଇ ଖଜଣା ଗଣ୍ଡାକ ଆଦାୟ କରିନିଅନ୍ତି ; କେବେ କେମିତି ଇଚ୍ଛା ହେଲେ ଲୋକବାକ ନେଇ ଆସନ୍ତି । ଝାଡ଼େଶ୍ୱରୀ ମନ୍ଦିର ପାଖ କୁଦ ଉପରେ ସେଇ ଯୋଉ ଧଳା କୋଠାଘରଟା ତ ଦେଖିଚୁ ?"

—"ହଁ, ତା'ପରେ କ'ଣ ହେଲା, କହ ।"

—"ଏଆଡ଼େ ଆସିଲେ ସେମାନେ ସେଇଠି ଆସି ରହନ୍ତି । ସେଥରକ ବି ହଠାତ୍ ଦିନେ ଶୁଣାଗଲା—ହଜୁର୍ ଆସୁଚନ୍ତି ; ସାଙ୍ଗରେ ଲୋକବାକ, ଚାକର ନଉକର, ଆହୁରି କେତେ କ'ଣ ଆସୁଚନ୍ତି । ଶିକାର ହେବାବେଳେ ଗାଈ ବାଛୁରୀ ବି ବାହାରକୁ ବାହାରିପାରିଲେନି । ଯେତେବେଳେ ଶୁଣିବୁ — ପାହାଡ଼ରେ ଠୋ-ଠା ବନ୍ଧୁକ ଫୁଟୁଚି, କୋଠାଘରେ ଦିନରାତି ଗାଉଣାବାଜଣା, ଭୋଜଭାତର ଧୁମ୍ ଲାଗିଥାଏ ।"

—"ଅସଲ କଥାଟା କ'ଣ କହୁନୁ !"

—"କହୁଚି । ହଜୁର୍‌ଙ୍କ ବୟସ କିଛି କମ୍ ନ ଥିଲା; କିନ୍ତୁ ମନଟା ଚେଙ୍ଗା ଥିଲା । ଶିକାରରେ ହାଲିଆ ହୋଇ ଦିନେ ସେଇ ପାହାଡ଼ ତଳେ ଥିବା ଗୋଟାଏ ଘର ଆଗରେ ଯାଇ 'ପାଣିପାଣି' ବୋଲି ଗର୍ଜନ ଆରମ୍ଭ କରିଦେଲେ ।

"ଲଚ୍ଛିଆ—ମୋର ଯୋଡ଼ ସାଙ୍ଗ, ତା'ର ଜେଜେମାଆ ସେତେବେଳକୁ ଘରେ ଏକୁଟିଆ ଥାଏ । ସେ ଡରି ଡରି ପାଣି ଆଣି ଦେଲା । ରଜାସାହେବଙ୍କର ପାଣି ଶୋଷ ମଲା, ରୂପର ଭୋକ ଆରମ୍ଭ ହେଲା । ଉନ୍ମତ୍ତ ହୋଇପଡ଼ିଲେ ରଜାସାହେବ; ଆଉ ସେଇ ଭୋକ ମାରିବାପାଇଁ ଦିନେ ଲଚ୍ଛିଆର ଜେଜେମାଆ ପାଲିଂ ଯାଇ ରଜାସାହେବଙ୍କ ସେଇ କୋଠା ଭିତରେ ବନ୍ଦୀ ହୋଇ ରହିଲା ।"

—"ତା'ପରେ ?"

—"ଭିତରର କଥା କେହି ଜାଣନ୍ତିନି । ଗଲା ଦିନ ରଜା-ସାହେବ ପାଲିଂକୁ ଅଇଁଠା ପତର ଭଳି ପକେଇଦେଇ ଗଲେ । ଲାଞ୍ଛିତା ପାଲିଂ ଅସି ତା'ର ସ୍ୱାମୀର ଦୁଆରେ ଠିଆ ହେଲା; ବହୁତ ଗୋଡ଼ ଧରି କାନ୍ଦିକରୁଣ୍ଡ ହୋଇ ଆଶ୍ରୟ ମାଗିଲା । କିନ୍ତୁ ତା'ର ସ୍ୱାମୀ ଦୁର୍ଦ୍ଦାନ୍ତ ତେଜସ୍ୱୀନ ଥିଲା । ଧର୍ମଭ୍ରଷ୍ଟା ସ୍ତ୍ରୀକୁ ଆଶ୍ରୟ ଦେବା ପାଇଁ ସେ ରାଜି ହେଲାନି । ଗୋଡ଼ହାତ ବାନ୍ଧି ସେଇଦିନ ତାକୁ ଶାଳୁଆ ନଈରେ ଭସେଇ ଦିଆଗଲା । ତା'ପରେ ପାଲିଂର କ'ଣ ହେଲା କେହି ଜାଣନ୍ତିନି । ଅତ୍ୟାଚାରୀ ରଜାସାହେବଙ୍କ କାମ-ଲାଳସାର ଅଗ୍ନିରେ ସେଦିନ ଗୋଟାଏ ସ୍ତ୍ରୀ ଏମିତି ପ୍ରାଣ ଦେଇଥିଲା । ସେଇଥିପାଇଁ କହୁଥିଲି, ଏଗୁଡ଼ାକ ମଣିଷ ନୁହନ୍ତି; ମଣିଷ ଚମଡ଼ା ପିନ୍ଧିଥିବା ପଶୁ । ବାହାରେ ଏମାନେ ଖୁବ୍ ବେଶପୋଷାକ ହୋଇଥିଲେ

କ'ଣ ହେବ, ଭିତରଟା ଏମାନଙ୍କର ପଶୁଠୁ ବଳି ନିର୍ଲଜ୍ଜ—ପୋଚରା ।"

ଫୁଲ କିଛି ସମୟ ତଳକୁ ମୁହଁ ପୋତି ବସିବା ପରେ କହିଲା, "ଜଣକ ପାଇଁ ସମସ୍ତଙ୍କୁ ଅପରାଧୀ କରିବା ହୁଏତ ଠିକ୍ ନୁହେଁ, ପାଉଁଆ !"

ପାଉଁଆ ଉତ୍ତେଜିତ ହୋଇ କହିଉଠିଲା, "ଜଣକ ପାଇଁ ? ତା ଆଗରୁ ଯେ ଆହୁରି କେତେ ପାଲି ଏଇଭଳି ଭାବରେ ଆତ୍ମାହୁତି ଦେଇନାହାନ୍ତି, ସେକଥା କିଏ ଜାଣେ, ଫୁଲ ? ଆମେମାନେ ତାଙ୍କର ପ୍ରଜା, ଆମେ ଗରିବ; ଆମମାନଙ୍କ ଉପରେ ତ ସେମାନଙ୍କର ଅତ୍ୟାଚାର ସ୍ୱାଭାବିକ । ସେଇ ଅତ୍ୟାଚାରୀ ଜମିଦାରଙ୍କ ନାତି ଯେ ପରମ ସାଧୁପୁରୁଷ ହୋଇ ଜନ୍ମଗ୍ରହଣ କରିବ, ଏ କଥା ବି ନିଶ୍ଚିତ ।"

ଫୁଲ କହିଲା, "ହୁଏତ ତୋର ଧାରଣା ଅହେତୁକ ନୁହେଁ; କିନ୍ତୁ ନିଶ୍ଚିତ ବୋଲି କହିହେବନି ।"

ପାଉଁଆ ଜାଣିବାକୁ ଇଚ୍ଛା କଲା, "କାହିଁକି, କହିଲୁ ?"

ଫୁଲ ଉତ୍ତର ଦେଲା, "ମଣିଷ ଭଳି ଆଶ୍ଚର୍ଯ୍ୟ ଜୀବଷ ଆଉ ଦୁଇଟା ନାହିଁ, ପାଉଁଆ ! ସେମାନଙ୍କ ଭିତରୁ କାହାରି ସମ୍ବନ୍ଧରେ କିଛି ସ୍ଥିର କରି କହିହେବନି ।"

ପାଉଁଆ କହିଲା, "ଏସବୁ ବଡ଼ର ବୁଝାମଣା କଥା ଆମେ ବୁଝିନି । କେବଳ ଜାଣୁ, ଆମେମାନେ ଅସଭ୍ୟ, ସେମାନେ ସଭ୍ୟ; ଆମେ ପ୍ରଜା, ସେମାନେ ଶାସକ; ଆମେମାନେ ଉତ୍ପୀଡ଼ିତ, ସେମାନେ ଉତ୍ପୀଡ଼କ । ଆମେମାନେ ଯେ ସେମାନଙ୍କ ଭଳି ମଣିଷ ପ୍ରାଣ ନେଇ ବଞ୍ଚିଚୁ ସେକଥା ସେମାନେ ସ୍ୱୀକାର କରନ୍ତିନି—କରିବାକୁ ବି ଇଚ୍ଛା କରନ୍ତିନି । ଭାବନ୍ତି, ଆମେମାନେ ତାଙ୍କର

ଖିଆଲର ଖେଳଣା—ଇଚ୍ଛା କଲେ ଅଇଁଠା କରିହୁଏ, ଇଚ୍ଛା କଲେ ଫୋପାଡ଼ି ବି ଦେଇହୁଏ । କିନ୍ତୁ ସେମାନଙ୍କର ଏ ଭୁଲ ଭାଙ୍ଗିଯିବ, ଫୁଲ ! "ଆମେ ଦେଖେଇଦେବୁଁ, ଆମେ ବି ସେମାନଙ୍କ ପରି ମଣିଷ ; ସ୍ୱାଧୀନ, ସ୍ୱଚ୍ଛନ୍ଦ ଜୀବନ ଯାପନ କରିବାର ଅଧିକାର ଆମମାନଙ୍କର ଅଛି ।"

ଫୁଲ ହସିବାର ଚେଷ୍ଟା କରି ପଚାରିଲା, "କାହିଁକି, କ'ଣ କରିବ ତମେମାନେ ?"

ପାରୁଆ ଉତ୍ତେଜିତ କଣ୍ଠରେ କହିଲା, "ଆମେମାନେ ପ୍ରତିଶୋଧ ନେବୁଁ ।"

—"କାହାର ପ୍ରତିଶୋଧ ?"

—"ପାଳି ପ୍ରତି ଯେଉଁ ଅନ୍ୟାୟ ହୋଇଥିଲା, ତା'ର !"

—"କାହା ଉପରେ ଏ ପ୍ରତିଶୋଧ ନେବ ଶୁଣେ ?"

—"ଯିଏ ଆସିବ ତା'ର ଉପରେ ।"

—"କାହିଁକି, ପାରୁଆ ? ଯେ ଆସିବ ସେ ତ ଅପରାଧୀ ନୁହେଁ; ତେବେ ?"

—"ତା'ହେଲେ··· ? ବଡ଼ ଆଶ୍ଚର୍ଯ୍ୟ ପ୍ରଶ୍ନ କରୁଚୁ, ଫୁଲ ? ବାପର କରଜ କ'ଣ ପୁଅ ଶୁଝେନି ? ଏ ମଧ୍ୟ ସେଇୟା । ବହୁ ଦିନ ହେଲା ଆମେ ଚୁପ୍‌ଚାପ୍ ଆଖି ବୁଜି ଏମିତି ଅତ୍ୟାଚାର ସହି-ଆସିଚୁଁ । କିନ୍ତୁ ଆଜି ଆମମାନଙ୍କର ନିଦ ଭାଙ୍ଗିଯାଇଚି; ଆମେ ଜାଗିଉଠିଚୁଁ ।"

—"ଏକୁ ଜାଗରଣ କୁହାଯାଏନି; କୁହାଯାଏ ରକ୍ତପିପାସା ।"

—"ହଉ, ହେଲା । ···ହଁ, ସେଇୟା । ଗୋଟାଏ ଈଶ୍ୱର ଆମ ସମସ୍ତଙ୍କୁ ସୃଷ୍ଟି କରିଚି । ଗୋଟାଏ ପୃଥିବୀରେ ଆମେମାନେ ରହୁଚୁଁ ।

କିନ୍ତୁ ସେମାନେ ରାଜା ; ଆମେମାନେ ପ୍ରଜା, ପୀଡ଼ିତ । କାହିଁକି, କହିଲୁ ?"

ଫୁଲ କୌଣସି ଉତ୍ତର ଦେଲାନି, ଚୁପ୍‌ଚାପ ଠିଆହୋଇ ରହିଲା ।

ପାରୁଆ କହିବାକୁ ଲାଗିଲା, "ଆମେ ଲହୁଲହ୍ର ନିଗାଡ଼ି ପ୍ରାଣପଣେ ଖଟି କୌଣସିପ୍ରକାରେ ମୁଠାଏ ଖାଉଚୁଁ । ଆଉ ସେମାନେ ପରମ ନିଶ୍ଚିନ୍ତରେ ସଦାବେଳେ ଚଳାସଘରେ ବସିଥାଆନ୍ତି; ସୁବିଧା ଦେଖି ଆସନ୍ତି, ଆମମାନଙ୍କର ସେଇ ପରିଶ୍ରମର ଫଳ—ଶସ୍ୟ-ସମ୍ପତ୍ତିରେ ବେଶ୍ ମୋଟାସୋଟା ହୋଇ ଫେରିଯାଆନ୍ତି । କାହିଁକି ଏ ଅତ୍ୟାଚାର ? ତା' ଛଡ଼ା ନୂଆ ଉପଦ୍ରବ ବି କିଛି କମ୍ ନୁହେଁ । ଏସବୁର ପ୍ରତିକାର ଦରକାର । ନ ହେଲେ ସେମାନଙ୍କ ଖିଆଲର ଖୋରାକ ଯୋଗେଇ ଯୋଗେଇ ଏଇ ପାହାଡ଼ିଆ ଅଧିବାସୀମାନେ ଦିନେ ଅତିଷ୍ଠ ହୋଇଉଠିବେ ।"

ଫୁଲ ପଚାରିଲା, "ଲଚ୍ଛୁଆର ମତ କ'ଣ ଏଇଥି ?"

ପାରୁଆ କହିଲା, "ନିଶ୍ଚୟ । ତୁ ସାବଧାନରେ ଥିବୁ ।"

ଫୁଲ କହିଲା, "ମୁଁ ପାଲି ହେଉନି ରେ, ମତେ ଆଉ ଶିଖେଇଦେବାକୁ ହେବନି । ମୁଁ ଖୁବ୍ ହୁସିଆର ଅଛି । ହଉ, ହଉ, ରାତି ଅନେକଗୁଡ଼ାଏ ହେଲାଣି; ମତେ ଟିକିଏ ଛାଡ଼ିଦେଇ ଆସିବୁ ଚାଲ୍ ।"

ପାରୁଆ ଘରଭିତରୁ ଠେଙ୍ଗା ଆଉ ଲଣ୍ଠନ ଧରି ବାହାରିପଡ଼ିଲା ।

ପାରୁଆର ଘରଠାରୁ କିଛି ଦୂର ତଳକୁ ଓହ୍ଲେଇଗଲେ ଫୁଲର ଘର ।

— ଦୁଇ —

ପାଭୁଆ ଆଜ ତା' ଘରେ ଏକୁଟିଆ । ବାପମାଆ ଦୁହେଁ କୋଉକାଳୁ ମରିଯାଇଚନ୍ତି । ଯେତେବେଳେ ସେମାନେ ବଞ୍ଚିଥିଲେ, ସେତେବେଳେ ଫୁଲର ମାଆ ସାଙ୍ଗେ ସେମାନଙ୍କର ନିବିଡ଼ ସୌହାର୍ଦ୍ଦ୍ୟ ଥିଲା । ପିଲାବେଳେ ଏଇ ଫୁଲ ଆଉ ପାଭୁଆ ଦୁଇଟି ଯୁକ୍ତ ଦୁରନ୍ତ ମୃଗଶିଶୁ ଭଳି ଏକ ସଙ୍ଗେ ପାହାଡ଼ ଉପରେ ଧାଇଁଧପଡ଼ ବୁଲୁଥିଲେ । ତା'ପରେ ପାଭୁଆର ବାପମାଆ ଜଣ ଜଣ ହୋଇ ମୃତ୍ୟୁ ବରଣ କଲେ । ଅସହାୟ ପାଭୁଆ ଫୁଲର ଜନନୀର ସ୍ନେହାଶ୍ରୟ ତଳେ ବଢ଼ିଉଠିବାକୁ ଲାଗିଲା । ସେ ଆଜି ବି ବଞ୍ଚିଚି । ପାହାଡ଼ତଳର ସମସ୍ତେ ଜାଣନ୍ତି ଯେ ପାଭୁଆ ଦିନେ ଫୁଲକୁ ଘରଣୀ କରି ଘରକୁ ନେଇଯିବ । ପାଭୁଆ ବି ମନେ ମନେ ସେଇ ଦିନଟାକୁ ଅପେକ୍ଷା କରିଚି ।

ରାତି ପାହିଯିବା ସଙ୍ଗେ ସଙ୍ଗେ ଏ ପାହାଡ଼ିଆ ଅଞ୍ଚଳଟାରେ ଆଲୁଅର ମୁହଁ ଦେଖାଯାଏନି — ନିବିଡ଼ ଭାବରେ ଅନେକ ସମୟ ପର୍ଯ୍ୟନ୍ତ କୁହୁଡ଼ି ଘେରି ରହିଥାଏ । ଖରା ଟିକିଏ ଟାଣ ହେବା ପରେ ଧରଣୀର ମୁହଁ ଉପରୁ କୁହୁଡ଼ିର ଓଢ଼ଣା ଖସିପଡ଼ିଲା । ପାଭୁଆ ପାହାଡ଼ ତଳ-ଆଡ଼କୁ କାମ କରିବାକୁ ବାହାରିପଡ଼ିଲା ।

ଆଉ ଫୁଲ — ସେ ରାତିରେ ଘରକୁ ଫେରିଗଲା; କିନ୍ତୁ ନିଦ ତା' ଆଖିକୁ ସହଜରେ ଆସିପାରିଲାନି । ମାଆ ଘରର ଗୋଟାଏ ପାଖରେ କେତେବେଳୁ ଶୋଇପଡ଼ିଚି । ସେ ବି ଯାଇ ତା'ରି ପାଖରେ ଶୋଇପଡ଼ିଲା । କିନ୍ତୁ ନିଦ ହଜିଯାଇଚି । ଆଖି ବନ୍ଦ କରି ଫୁଲ

କେବଳ ଆଗନ୍ତୁକ ଜମିଦାରର କଥା ଭାବିବାକୁ ଲାଗିଲା । ମନେ ମନେ ବାରମ୍ବାର ସେ ପାରୁଆକୁ ଅଭିଯୁକ୍ତ କରି କହିବାକୁ ଲାଗିଲା, ମଣିଷକୁ ନ ଜାଣି ତା' ସମ୍ବନ୍ଧରେ ବିଦ୍ୱେଷ ପୋଷଣ କରିବା ଅନ୍ୟାୟ, ପାପ । ପୂର୍ବପୁରୁଷର କିଏ କେବେ ଅତ୍ୟାଚାର କରିଯାଇଛି —ତା' ବୋଲି ଏ କ'ଣ ସେମିତି ହେବ ? ଫୁଲର ମନ କହିବାକୁ ଲାଗିଲା—ନା, ନା. ତା'ର କୌଣସି ଅର୍ଥ ନାହିଁ ।

କିନ୍ତୁ ସେ କେମିତି ଲୋକ ? ଜମିଦାରକୁ ଆଖିରେ ଦେଖିବାର ସୌଭାଗ୍ୟ ତା'ର କେବେ ହୋଇନି । ତେଣୁ ସେ ଭାବିବାକୁ ଲାଗିଲା, ସେ କେମିତି ? ଖୁବ୍ ବଳିଷ୍ଠ, ଦୀର୍ଘବାହୁ, ଶୁଭ୍ର ବର୍ଣ୍ଣ··· ?

ଫୁଲ ନିଜ ମନକୁ ଧିକ୍କାରିଉଠିଲା । ଛି, କି ଅସଙ୍ଗତ ଚିନ୍ତା ସେ କରୁଛି ! ଯିଏ ଆସିବ ସେ ତ ସେମାନଙ୍କର କେହି ନୁହେଁ । ତେବେ ସେ ତା' କଥା ଭାବିବ କାହିଁକି ? ସେ ପ୍ରଜାଶାସକ ! ସେମାନଙ୍କର ଅମାନୁଷିକ ଅତ୍ୟାଚାରର କଥା ଏଇ ବର୍ତ୍ତମାନ ତ ସେ ତା'ର ବାଲ୍ୟସଙ୍ଗୀ ପାରୁଆ ମୁହଁରୁ ଶୁଣିଆସିଲା । ପାରୁଆ ନିଶ୍ଚୟ ମିଛ କହିନି । କିନ୍ତୁ···

ଫୁଲ ବୁଝିପାରିଲା, ଏସବୁ ତା'ର ମନର ଦୁରନ୍ତ କୌତୁହଳ ଛଡ଼ା ଆଉ କିଛି ନୁହେଁ ଏବଂ ଏଇ କୌତୁହଳ ଉତ୍ପତ୍ତି ମୂଳରେ ହିଁ ରହିଛି ପାରୁଆର କଥା । ···ଆଜି ତ ସମସ୍ତଙ୍କ ଘରେ ସେଇ କଥା ସମସ୍ତେ ଆଲୋଚନା କରୁଛନ୍ତି । ସେ ବି ଯଦି କିଛି ସମୟ ପାଇଁ ତା' କଥା ଭାବିଥାଏ, ତା'ହେଲେ ସେଥିରେ ଏମିତି କ'ଣଟା ବା ଅପରାଧ ହୋଇଗଲା ?

ଅନେକ ରାତିଯାଏ ଚିନ୍ତି ଚିନ୍ତି ଶେଷକୁ ଫୁଲ ଶୋଇପଡ଼ିଲା ।

ଖରା ଟିକିଏ ଟାଣ ହୋଇଯିବାରୁ ମୁହଁହାତ ଧୋଇ ଅଁଳା ତୋଳିବା ପାଇଁ ସେ ପାହାଡ଼ କଡ଼ରେ ଥିବା ଅଁଳା ବଣକୁ ଚାଲିଗଲା ।

ମହୁଲ ଆଉ ଅଁଳା କୋଳ ତୋଳଆଣି ସେମାନେ ପ୍ରତି ସପ୍ତାହରେ ହାଟକୁ ନେଇ ବକ୍ରୀକରି ଆସନ୍ତି ।

ଦ’ପହରର ଗଡ଼ିଲାବେଳକୁ ଫୁଲ ଫେରିଆସିଲା ।

ମାଆ କହିଲା, “ତୁ ଯିବାର ଟିକିଏ ପରେ ସେମାନେ ଆସି ପହଞ୍ଚିଲେ ।”

ଫୁଲ ପଚାରିଲା, “କିଏ ଆସିଲା, ମାଆ ?”

—“ଯେଉଁମାନଙ୍କର ଆସିବାର ଥିଲା ; ସେଇ ଜମିଦାର ।”

ଫୁଲ ଟିକିଏ ଚୁପ୍ ରହିବା ପରେ ପଚାରିଲା, “ତୁ କ’ଣ ସେ ଲୋକଟାକୁ ଦେଖିଚୁ , ମାଆ ?”

ମୁଣ୍ଡରେ ହାତ ଦେଇ ମାଆ କହିଲା, “ତୁ କି କଥା କହୁଚୁ ଲୋ ଫୁଲ, କାହା କଉରେ ହାଡ଼ ଅଛି ଯେ ସେ ଯାଇ ଜମିଦାର ଆଗରେ ଠିଆହୋଇ ତାକୁ ଦେଖିବ !”

—“କାହିଁକି ମାଆ, ଆଗକୁ ଗଲେ କ’ଣ ହେବ ?”

—“କ’ଣ ହେବ ! ତାଙ୍କ କୋଠା ଭିତରକୁ ଧରିନେବେ ସୁଁ। ହୁଏତ ଘର ପୋଡ଼ିଦେବେ, ନ ହେଲେ ଗିନାଏ ମଦ ଦେଇ କହିବେ —ନେ ଖାଇଦେ ।”

—“ସତରେ ମାଆ ?”

ମାଆ ବାହାରକୁ ଦୃଷ୍ଟି ପକେଇ କହିଲା, “ମୁଁ ଜାଣେନା ଲୋ ଝିଅ ! ପାଭୁଆ ଆସୁଚ, ତାକୁଇ ପଚାର ।”

ପାଭୁଆ ଆସି ପହଞ୍ଚିଲା ।

କହିଲା, “ଶୁଣିଚୁ ଫୁଲ, ସେମାନେ ଆସିଗଲେଣି ।”

ଫୁଲ ପଚାରିଲା, “ଏକୁଟିଆ ଆସିଚି ନା କ’ଣ ?”

ପାଭୁଆ ହୋ ହୋ ହୋଇ ହସିଉଠିଲା ।

—"ଏକୁଟିଆ ! କେମିତି ଝିଲ୍ଲୀଙ୍କ ପରି କହୁଚୁ ମ ? ଖୁବ୍ କମ୍‌ରେ ପଚିଶ ଜଣଯାଏ ଲୋକ ସାଙ୍ଗରେ ଆସିଚନ୍ତି ।"

—"ଏତେ ଲୋକ ! ସେମାନେ କୋଉଠି ରହିବେ ?"

—"ଗୁଡ଼ାଏ କୋଠାରେ ରହିବେ; ଆଉ ଗୁଡ଼ାଏ ତମ୍ବୁରେ ରହିବେ । ସେମାନଙ୍କ ଭିତରେ ବହୁତ ସିପେଇ-ଜଗୁଆଳ ଆସିଚନ୍ତି । ତା ଛଡ଼ା ବାବୁଭୟା ସାଙ୍ଗ । ଶୁଣିଲ, ଦି'ଟା ଝିଅପିଲା ବି ସାଙ୍ଗରେ ଆଣିଚନ୍ତି ।"

ଫୁଲ ଯେମିତି ଜଳଉଠିଲା ; କହିଲା, "ମିଛ କଥା !"

ପାଲୁଆ କହିଲା, "ମିଛ କଥା କହିଲେ ମୋର କ'ଣ ଲାଭ ହେବ ? ଆଉ ଖାଲି ସେତିକି ନୁହେଁ, ତିନିଟା ଟ୍ରକ୍ ଭିତରେ ବିଲାତି ମଦ ବି ଆସିଚି, ବୁଝିଲୁ ? ହରକାବା ହଉଚୁ—କିନ୍ତୁ କାବା-କାଠ ହେବାର କିଛି ନାହିଁ; ସେମାନେ ସେଇୟା । ଖାଲି ଟଙ୍କା ଆଦାୟ କରିବାକୁ ତ ସେମାନେ ଆସନ୍ତିନି, କିଛି ମଉଜ ବି କରିବାକୁ ଆସନ୍ତି । ପୋଷାକ ପିନ୍ଧା ଦାଢ଼ିବାଲା ବାବୁର୍ଚ୍ଚିଆ ରୋଷେଇ କରୁଚି । ମାଉଁସ ଗନ୍ଧରେ ଏଇ ପାହାଡ଼ଟା ବି ଗନ୍ଧେଇ ଯାଉଚି । କୋଠା ଭିତରେ ଖାସ ବୈଠକଘରେ ଗାଉଣାବାଜଣା ଚାଲିଚି । ମଦ ଗିଲାସ ହାତରେ ଧରି ବାବୁମାନେ ଢୁଲୋଉଚନ୍ତି—ମୁଁ ସବୁ ନିଜ ଆଖିରେ ଦେଖିଆସିଲି ।"

—"ତୁ ଦେଖିଆସିଲୁଣି ?"

—"କାହିଁକି, ଚମକିପଡ଼ିଲୁ ଯେ ? ବିଶ୍ବାସ କରିପାରୁନୁ କି ? କିନ୍ତୁ ସେମାନଙ୍କର ଜାତି ସବୁ ସେଇୟା । ମୁଁ ଜାଣେ, ଆମ-ମାନଙ୍କର ଝାଳର ରକ୍ତ ଲାଗିଥିବା ପଇସା ଲୁଟିନେଇ ସେମାନେ ମଦ ଦୋକାନର ଦେ'ଣା ତୁଟାନ୍ତି । ଆହୁରି ଶୁଣିଲି, ଏ ଜମିଦାର କବରସ୍ଥାନ ହେଉଚି । ହେଉଥିବ—ଦେଖିଲ ତ, ମାଟିଆ କୋଟ,

ମାଟିଆ ଲମ୍ବା ପେଣ୍ଟ, କାନ୍ଧରେ ବନ୍ଧୁକ, ଗୁଡ଼ରେ ଗୁଳିଖୁନ୍ଦା ହାଉଦା ପକେଇଚ ।"

—"ସାଇବ ପୋଷାକ ତା'ହେଲେ ପିନ୍ଧିଚ ! ଦେଖିବାକୁ ତ ସାଇବ ଭଳି ହେଇଥିବ ?"

—"ହବନି କାହିଁକି ଯେ ? ସେଇ ଜନ୍ମ ହେଲାବେଳଠୁ ଏନ୍ଥୁଡ଼ିଶାଳରୁ ପଗ ମଦ ପିମ୍ପାରେ ପହଁରୁଚ । ଆମେ ବି ସେଇମିତି ଜିନିଷ ପାଇଲେ ସେମିତିକା ଗୋରା ହେଇପାରନ୍ତୁ ।"

ଫୁଲ ଦୁଷ୍ଟାମୀର ହସ ହସି କହିଲା, "ତେବେ ହଉନୁ କାହିଁକି, ମିଛଟାରେ ଟଣ୍ଡେଟୋଳ କରିବାର ଫନ୍ଦି କରୁଚୁ କାହିଁକି ?"

ରୁକ୍ଷ ଭାବରେ ପାଲୁଆ ଉତ୍ତର ଦେଲା, "ଏମିତିକା ଚମଡ଼ା ଆମର ଦରକାର ନାହିଁ । ଗୋଟାଏ ହାତରେ ତ ଭଗବାନ ଆମ ସମସ୍ତଙ୍କୁ ପୁଣି ଗଢ଼ିଚି ! କ'ଣ କହୁଚୁ ମାଆ ?"

ମାଆ କ'ଣ ଗୋଟାଏ କହିବାକୁ ଯାଉଥିଲା, କିନ୍ତୁ ତା ଆଗରୁ ଫୁଲ କହିଉଠିଲା, "ଭଗବାନର କ'ଣ ଗୋଟାଏ ହାତ, ମାଆ ?"

ପାଲୁଆ ରଗିଯାଇ କହିଲା, "ଗୋଟାଏ ହାତ କାହିଁକି ହେବ ?"

ଫୁଲ କହିଲା, "ବେଶ୍, ଗୋଟାଏ ହାତ ଯଦି ନୁହେଁ, ତା'ହେଲେ ଭଗବାନ ହୁଏ ତ ଆମମାନଙ୍କୁ ବାଆଁ ହାତରେ ଗଢ଼ିଥିବ । କ'ଣ କହୁଚୁ, ମାଆ ?"

ମାଆ କହିଲା, "ମୁଁ ଜାଣେ ନା ଲୋ ଝିଅ, ତୁ ଦିନକୁ ଦିନ ଟଗଲି ହେଇଯାଉଚୁ ।"

—"ଆଉ ଟଗଲାମି କରିବନି, ମାଆ ! ଯାଉଚି ଗାଧୋଇ-ଆସିବି ।"

ପାଲୁଆ କହିଲା, "ଏକୁଟିଆ ଯିବୁ ?"

ଫୁଲ କହିଲା, "ଏକା ଯିବନି ତ ସାଙ୍ଗରେ ପୁଣି କଏସେ ଯିବ ? ମୋର କିଛି ଡରଭୟ ନାହିଁ । ଏଇଲେ ବୁଡ଼ିପଡ଼ୁଁ ବୁଲି-ଆସିବି ।"

ହରିଣଛୁଆ ପରି ଫୁଲ ଡେଇଁ ଡେଇଁ ତଳକୁ ଓହ୍ଲାଇ-ଗଲା ।

ପାରୁଆ ଗଲାବେଳେ ଫୁଲର ମାଆକୁ କହିଦେଇଗଲା, "ଫୁଲକୁ ହୁସିଆରରେ ରଖିବୁ, ମାଆ ! ଶୁଣୁଚ, ଖାଇବାପିଇବା ଶେଷ କରି ବାବୁମାନେ ଶିକାରକୁ ବାହାରିବେ ।"

କପାଳରେ ହାତ କଚୁଡ଼ି ମାଆ କହିଲା, "ମୋ କଥା କ'ଣ ସେ ଝିଅଟା ଶୁଣୁଚି ? ତୁ ତାକୁ ଟିକଏ କହିଦେଇଯାଆ ।"

ପାରୁଆ କହିଲା, "ବୁଝିଲୁ ମାଆ, ଏଗୁଡ଼ା କୁକୁର ଜାତି—ଝିଅବାରଯା ବିଚାର ଏମାନଙ୍କ ପାଖରେ ନାହିଁ ! ଫୁଲ ଏଯାଏ ସବୁ କଥା ଜାଣିନି । ଯାଉଚି ତାକୁ ବୁଝେଇଦେବି । କାଲି ପୁଣି ଖଜଣା ଆଦାୟ କରିବାକୁ ହୁକୁମ ଜାରି ହେଇଚି ।"

ଦ୍ରୁତପଦରେ ପାରୁଆ ତଳକୁ ଓହ୍ଲାଇଗଲା । ଶାଳୁଆ ନଈ ମଧ୍ୟାହ୍ନ ଖରାରେ ଚକ୍‌ଚକ୍ ହୋଇ ଛୁଟି ଚାଲିଚି, କିନ୍ତୁ ଫୁଲର କୌଣସିଠାରେ ଦେଖା ନାହିଁ ! ଚିନ୍ତିତ ହୋଇ ପାରୁଆ ପୁଣି ଉପରକୁ ଉଠିଆସିଲା । ଇତସ୍ତତଃ ଦୃଷ୍ଟି ପାତ କରି ସେ ଦେଖି-ପାରିଲା—ଝାଡ଼େଶ୍ୱରୀ ପାହାଡ଼ପଟୁ ଫୁଲ ଓହ୍ଲାଇଆସୁଚି ।

ପାରୁଆର ମୁହଁଟା ଅନ୍ଧାରିଆ ହେଇଗଲା; ଆଖି ଦୁଇଟା ଜଳି-ଉଠିଲା । ଫୁଲ ପାଖକୁ ଆସିବାମାତ୍ରେ ସେ ତାକୁ ପଚାରିଲା, "ଏସବୁ କ'ଣ, ଫୁଲ ?"

ଫୁଲ ହସିଦେଇ କହିଲା, "କାଇଁ, କ'ଣ ?"

—"ତୁ କୋଉଠାଆଡ଼େ କାହିଁକି ଯାଇଥିଲୁ ?"

—"ଦୋଷ ହେଇଗଲା ?"

—"ସେ ସବୁ ଜାଣେ ନା । କାହିଁକି ତୁ ଯାଇଥିଲୁ କେବଳ ସେତିକି ମୋର ଜାଣିବା ଦରକାର ।"

ଫୁଲ କହିଲା, "ଆରେ ବାଃ, କୋଠାଘରଟା କେଡ଼େ ସୁନ୍ଦର ଦେଖାଯାଉଛି ! ଏମିତି ଘର ଦେଖିବାକୁ କାହାର ଲୋଭ ନ ହେବ, କହିଲୁ ?"

ପାରୁଆ ଉତ୍ତର ଦେଲା, "ତା'ପରେ ଯଦି ସେମାନେ କହି-ଥାଆନ୍ତେ—ଘରକୁ ଦେଖି ଆମର ଲୋଭ ହେଉଛି, ସେତେ-ବେଳେ ?"

ଫୁଲ ହସିବାର ଚେଷ୍ଟା କରି କହିଲା, "ମତେ ସେମାନେ କେହି ଦେଖିନାହାନ୍ତି । ମୁଁ ଏମିତି ବେହୁସିଆର ଝିଅ ନୁହେଁ । ଖାଲି କୋଟ-ପେଣ୍ଟପିନ୍ଧା ଲୋକଟା କେମିତିକା, ସେଇଟା ଟିକିଏ ଦେଖିବାକୁ ଯାଇଥିଲି । ତାକୁ ଦେଖିପାରିଲିନି । କୋଉଦିନ ତ ସେମିତି ଲୋକ ଦେଖି ନ ଥିଲି—ଘର ଇଚ୍ଛା ହେଲା, ବୁଝିଲୁ ?"

ପାରୁଆ କହିଲା, "କୌଣସି ଧନ ଦେଖିବା ଦରକାର ନାହିଁ । ଖବରଦାର ଫୁଲ, ଚୁପଚାପ ଯାଇ ଘରେ ବସ । ଏଇଲେ ସେମାନେ ଶିକାରକୁ ବାହାରିବେ । ଯା—"

ଫୁଲ କହିଲା, "କାହିଁକି, ଧରିନେଇଯିବେ ନା କ'ଣ ? କିନ୍ତୁ ମୁଁ ତ କାଳୀ, କୋଇଲି..."

ପାରୁଆ କହିଲା, "ଝିଅପିଲା ଦେଖିଲେ ସେମାନେ କଳା-ଗୋରା ରଙ୍ଗରୂପ ଭୁଲିଯାଆନ୍ତି । ଖୁବ୍ ହୁସିଆର ଥିବୁ ।"

—"ହଉ ।"

କହିଦେଇ ଫୁଲ ଗାଧୋଇବାପାଇଁ ଚାଲିଗଲା ।

ସଂସାରରେ ଏମିତି ଅନେକ ମଣିଷ ଥାଆନ୍ତି, ଯେଉଁମାନେ ହଠାତ୍ ମଣିଷ ସମ୍ବନ୍ଧରେ ଗୋଟାଏ ବିରୂପ ଧାରଣା ପୋଷଣ କରିବାକୁ ରାଜି ହୁଅନ୍ତିନି, କାରଣ ସେଥିରେ ସେମାନେ ବ୍ୟଥା ଅନୁଭବ କରନ୍ତି । ଏଇଭଳି ଗୋଟାଏ ମନ ଧରି ବୋଧହୁଏ ପାହାଡ଼ ଘରେ ଫୁଲ ଜନ୍ମ ହୋଇଥିଲା । ତେଣୁ ସେଦିନ ରାତିସାରା ସେ କେବଳ ଭାବିବାକୁ ଲାଗିଲା, ସତରେ କ'ଣ ଏ ଜମିଦାରଟା ଖରାପ ଲୋକ ? ଫୁଲ ଏବେ ବି ତାକୁ ଆଖିରେ ଦେଖିନି, କିନ୍ତୁ କେଜାଣି କାହିଁକି ଏଇ ପାହାଡ଼ତଳର ସମସ୍ତଙ୍କର ନିନ୍ଦା ଆଲୋଚନା ସତ୍ତ୍ୱେ ବି ତା'ର ମନର ନିଭୃତ କୋଣରେ ଆଶା ଜାଗିଥିଲା, ଏ ଜମିଦାର ଅନ୍ୟମାନଙ୍କ ପରି ହେବନି । କିନ୍ତୁ ଆଜି ସକାଳୁ ପାଭୁଆ ନିଜେ ଆସି ଖବର ଦେଇଗଲା । ସେଥିରେ ତା'ର ଆଶା ଯେ କେତେ କ୍ଷୀଣ, ନିମିଷକ ମଧ୍ୟରେ ତା' ବୁଝିହେଲା । ପାଭୁଆ କହିଥିଲା, ଜମିଦାର ଏକୁଟିଆ ଆସିନି, ସାଙ୍ଗରେ ବନ୍ଧୁମାନେ ଆସିଚନ୍ତି, ଦୁଇଟା ଝିଅ-ପିଲା ବି ଆସିଚନ୍ତି, ବିଲାତି ମଦ ମଧ୍ୟ ବାଦ୍ ପଡ଼ିନି, ସାହେବି ପୋଷାକ ପିନ୍ଧିଚ···ଆଶାଭଙ୍ଗର ଆଉ ବାକି କ'ଣ ରହିଲା ?

ସେଦିନ ରାତିଟା ଫୁଲର ଅସ୍ୱସ୍ତିରେ କଟିଗଲା ।

ସକାଳେ ମାଆ ଝିଅର ମୁହଁଆଡ଼େ ଚାହିଁ ଗୋଟାଏ ଦୀର୍ଘ ନିଶ୍ୱାସ ପକେଇ ପଚାରିଲା, "ତୋର କ'ଣ ହେଲା କି ଫୁଲ ? ଦେହମୁଣ୍ଡ କିଛି ହୋଇ ନି ତ ? ଆସିଲୁ, ଦେଖେ—"

ଫୁଲ ମୁହଁ ଫୁଲେଇ କହିଲା, "ମୋର କିଛି ହେଇନି ମାଆ, ଦେଖିବାର କିଛି ଦରକାର ନାହିଁ ।"

ଅଁଳା କୋଳି ଆଣିବାର ଅଖାଖଣ୍ଡିକ ଧରି ଫୁଲ ଚାଲିଗଲା ।

ଫୁଲ ଚାଲିଯିବା ପରେ ତା'ର ମାଆ ଭାବିଲା—ଫୁଲର ବାହାଘର ଆଉ ଡେରି କଲେ ଚଳିବନି । ବୟସ ବି ତାକୁ ବହୁତ ହେଇଗଲାଣି ; ହୁଏତ ସେଇ କାରଣରୁ···"

ଆକାଶର ଠିକ୍ ମଝି ଉପରକୁ ସୂର୍ଯ୍ୟ ଉଠିଆସିଲାଣି ।

ଅଁଳା କୋଳି ବସ୍ତାଟା କାନ୍ଧରେ ପକେଇ ଫୁଲ ଫେରୁଚି ।

କଟା ପଥର ପକଡ଼ା ରାସ୍ତା ଧରି ଉପରକୁ ଉଠିଆସୁଚି, ହଠାତ୍ ଗୋଟିଏ ଅପରିଚିତ ଯୁବକ ସଙ୍ଗେ ଦେଖା ହେଇଗଲା ।

ନିମିଷକ ପାଇଁ ଫୁଲର ମନଟା ସନ୍ଦେହଦୋଳାରେ ଚହଲି-ଉଠିଲା—ଏଇ କ'ଣ ତା'ହେଲେ··· ? କିନ୍ତୁ,···ନା, ଯା'ର ତ ସାଇବ ପୋଷାକ ନାହିଁ—ତେବେ, ସେମାନଙ୍କ ଭିତରୁ ଅନ୍ୟ କିଏ ?

ଯୁବକଟି ଠିକ୍ ତା'ର ପାଖ ଦେଇ ଯାଉଯାଉ ରହିଗଲା । ଫୁଲଆଡ଼େ ଚାହିଁ ପଚାରିଲା, "ତମେ କ'ଣ ଏଇଠିକାର ଲୋକ ?"

ଫୁଲ ଥରେ ଭାବିଲା, ଉତ୍ତର ନ ଦେଇ ଉପରକୁ ଉଠିଯିବ; କିନ୍ତୁ କେଜାଣି କାହିଁକି କଣ୍ଠସ୍ୱର ସଂଯତ କରି କହିଲା, "ହଁ ।"

ଯୁବକଟି ଆପ୍ଲୁତ ଦୃଷ୍ଟିରେ କିଛି ସମୟ ଫୁଲଆଡ଼େ ଚାହିଁ-ରହିଲା – ଆଉ ସେଇ ସ୍ନିଗ୍ଧ, ଅବିଚଳିତ ଚାହାଣୀ ଆଗରେ ଫୁଲ ବାରମ୍ବାର ସଙ୍କୁଚିତ ହେଇଯିବାକୁ ଲାଗିଲା ।

—"ମୋର ନାଆଁ ଧନଞ୍ଜୟ; ସେ ଧଳା କୋଠାଟା ମୋର; କାଲି ଆସିଛ ।"

ଫୁଲର ଆଜି ବିସ୍ମୟର ଅନ୍ତ ରହିଲାନି । ସେ ଆନନ୍ଦ ହେବ ନା ଭୟରେ ପଳେଇଯିବ, ଭାବି କିଛି ଠିକ କରିପାରିଲାନି । ସେ ଆଜି ଥରେ ଯୁବକଟାକୁ ଭଲ ଭାବରେ ଚାହିଁଲା—ନା, ସାହେବ ପୋଷାକ ନୁହେଁ ।

କିଛି ସମୟ ଚୁପ୍ ରହିବା ପରେ ଫୁଲ ପଚାରିଲା, "କ'ଣ କିଛି କହିବେ ?"

ଧନଞ୍ଜୟ କହିଲା, "ହଁ, ହଁ, ନ ହେଲେ ମିଛଟାରେ ତୁମକୁ ଏମିତି ଅଟକେଇ ରଖିଥାଆନ୍ତି କାହିଁକି ? ପିଠି ଉପରେ ବସ୍ତାବୋଝରେ ତମେ ଲଇଁପଡୁଚ । ତମର ଜାତିଭାଇଙ୍କର କାହା ନଜରରେ ପଡ଼ିଥିଲେ ଏତେବେଳକୁ ଫାଶିରେ ମୋ କାନ୍ଧରୁ ମୁଣ୍ଡଟାକୁ ଛାଡ଼ିଦେଇଥାନ୍ତେଣି ।"

ଫୁଲ ଜବାବ ଦେଲା, "ସେ କ'ଣ ହୁଅନ୍ତା ନ ହୁଅନ୍ତା ସେ କଥା ଥାଉ । କ'ଣ କହିବେ, କହନ୍ତୁ । ମୋର ଡେରି ହେଇଯାଉଚି ।"

ଧନଞ୍ଜୟ ଟିକିଏ ହସିଲା ; କହିଲା, "ମୁଁ ତମମାନଙ୍କର ତ ଜମିଦାର ! ଜମିଦାର ପାଇଁ ଟିକିଏ ଡେରି ହେଇଗଲେ କ'ଣ ହେଇଯିବ ? କହିବ ତ କ୍ଷତିପୂରଣ ପାଇଁ ତମ ବସ୍ତାଟା କିଛି ବାଟ ନେଇଯିବି ।"

—"ନାଇଁ ହଜୁର, ଏତିକ ମୁଁ ନେଇଯାଇପାରିବି । ପ୍ରଭିଡନ ନେଇଯାଉଚି ।"

—"ପ୍ରଭିଡନ ନେଇଯାଉଚ ! କ'ଣ ଅଛି ସେଥିରେ ?"

—"ଶୁଣିଲେ କ'ଣ ହେବ, ହଜୁର ? ଆମେମାନେ ଗରିବ ଲୋକ । ନ ଖଟିଲେ ତ ଖାଇବାକୁ ମିଳିବନି । କ'ଣ କହିବେ, କହନ୍ତୁ ।"

—"ଏଠି କୋଉଠି ଗୋଟାଏ ସୁନ୍ଦର ଝରଣା ଅଛି ବୋଲି ଶୁଣିଥିଲି । କାଲି ରାତିରେ ଆମର ବୁଢ଼ା ସିପେଇ ରତନ ସିଂହ କହୁଥିଲା । ସେଇଟା କୋଉଠି, ଜାଣିଚ ?"

—"ଏଠିକି କୋଶେ ଦୂର ହେବ ।"

—"ମୁଁ ତ କୋଶେ ଉପରେ ପ୍ରାୟ ବୁଲିସାରିଲିଣି, କୋଉଠି ଦେଖିପାରିଲିନି । ବୋଧହୁଏ ରାସ୍ତା ଭୁଲି ହେଇଗଲା । ତମେ ଠିକ ରାସ୍ତାଟା ଟିକିଏ ଦେଖେଇଦେବ ? ସେଇଟା ଦେଖିବାପାଇଁ ମୁଁ ତିନିଘଣ୍ଟାକାଳ ଏ ପାହାଡ଼ରେ ବୁଲିବାରେ ଲାଗିଚି ।"

ଫୁଲ କିଛିସମୟ ତଳକୁ ମୁହଁ ପୋତି ରହିବା ପରେ କ'ଣ ଗୋଟାଏ କହିବାକୁ ଯାଉଥିଲା, କିନ୍ତୁ ତାକୁ ବାଧା ଦେଇ ଧନଞ୍ଜୟ କହିଲା, "ଆଚ୍ଛା, ଆଜି ଥାଉ । ବେଳ ବି ଅନେକଗୁଡ଼ାଏ ହେଇଗଲାଣି । ତା' ଛଡ଼ା ତମ କାନ୍ଧରେ ଗୋଟାଏ ବୋଝ ରହିଚି । କୋଉଠି ତମ ଘର ? କାଲି ଦେଖେଇଦେଇପାରିବ ?"

ଘର ଠିକଣା ଦେବାପାଇଁ ଫୁଲ ଇତସ୍ତତଃ ହେବାକୁ ଲାଗିଲା । ଧନଞ୍ଜୟ ତା'ର ମୁହଁଆଡ଼େ ଚାହିଁ କହିଲା, "ବୁଝିଚି, କହିବାକୁ ତୁମର ଭୟ ହେଉଚି । ଥାଉ, କିଛି ଦରକାର ନାହିଁ । ଜମିଦାର ଗୋଟାଏ ଭୟଙ୍କର ଜୀବ — ଏଇ ତ ? ସେ କେବଳ ଅତ୍ୟାଚାର, ଅନାଚାର କରିଜାଣେ — ନୁହେଁ ? ...ଏଠିକାର ସମସ୍ତଙ୍କ ମନୋଭାବ ମୁଁ ଅନୁମାନ କରି ଜାଣିପାରିଚି । କିନ୍ତୁ ତୁମର ଡରିବାର କିଛି ନାହିଁ । ସେ ବସ୍ତାରେ କ'ଣ ନେଉଚ ?"

—"ଅଁଳା କୋଳି ।"

—"ହାଟରେ ବିକିବାକୁ ନେଉଚ ?"

—"ହଁ ।"

—"କିନ୍ତୁ ଅଁଳା ଜଙ୍ଗଲଟା ତ ମୋର । ତମେ ତା'ର କୋଳ ନେଇ କୋଉ ସାହସରେ ବଢ଼ୀ କରୁଚ ? ଜମିଦାର ପ୍ରାଣରେ ମାୟା ନାହିଁ, ଜାଣିଚ ତ ? ଇଚ୍ଛା କଲେ ସେ ଯାହା ଇଚ୍ଛା ତା' କରିପାରେ ! ଏକଥା ସତ ନା ମିଛ ?"

—"ଆମେ ନ ନେଲେ କୋଳଗୁଡ଼ା ତଳେ ଝଡ଼ିପଡ଼ି ଶୁଖି-ଯାଆନ୍ତା, ଗୋରୁଗାଈ ଖାଇଯାଆନ୍ତେ ତ—"

—"ଜାଣେ ; କିନ୍ତୁ ମୁଁ ସେକଥା ପଚାରୁନି । ମୁଁ ଜାଣିବାକୁ ଇଚ୍ଛା କରୁଚି, ଏ ଅଁଳା ଜଙ୍ଗଲଟା ଯେତେବେଳେ ମୋର, ସେତେ-ବେଳେ ଏଇ ଜଙ୍ଗଲର ଫଳ ଅପହରଣ କରୁଥିବା ଲୋକଙ୍କୁ ମୁଁ ଦଣ୍ଡ ଦେଇପାରେଁ କି ନାହିଁ ?"

ଫୁଲ ଭିତରେ ଭିତରେ ଜଳିଯିବାକୁ ଲାଗିଲା । ଭାବିଲା—ପ୍ରକୃତରେ ଏମାନେ ସମସ୍ତେ ସମାନ !

ଉତ୍ତର ଦେଲା, "ଦେଇପାରିବେ—ଆପଣ ତ ମାଲିକ, ହଜୁର !"

—"ତା' ସଙ୍ଗେ ମାତାଲ, ଲମ୍ପଟ—ଏଇୟା ତ ? ହଉ, ତୁମକୁ କିନ୍ତୁ ଦଣ୍ଡ ଦେଲିନି । ତା' ବଦଲରେ ତମେ କାଲି ଡାଳକୁ ଓହ୍ଲାଇଲାବେଳେ ମତେ ଯଦି ଝରଣାର ରାସ୍ତାଟା ଦେଖାଇଦିଅ..."

ଫୁଲ କହିଲା, "ଏ କାମ ତ ଆପଣଙ୍କର ସେଇ ବୁଢ଼ା ସିପେଇ କରିପାରନ୍ତି !"

—"ପାରିବ, ତେବେ ମୁଁ ତାକୁ ଅନୁରୋଧ କରିବନି । ମୁଁ ଜାଣିବାକୁ ଇଚ୍ଛା କରୁଚି, ତମେ ମୋ'ପାଇଁ ଏତିକି କଷ୍ଟ କରିପାରିବ କି ନାହିଁ ? ଯଦି ଦେଖାଇଦେବାକୁ ରାଜି ଥାଅ, ତା'ହେଲେ ମୁଁ ଆଉ ଠିକଏ ତଅଳ ଆସି ଏଇଠି ଅପେକ୍ଷା କରିଥିବ ।"

ଫୁଲ ଗୋଡ଼ ନଖରେ ମାଟିରେ ଧାର କାଟୁ କାଟୁ ଉତ୍ତର ଦେଲା, "ହଜ, ଆସିବେ ।"

ଖୁସିର ଆଲୋକରେ ଧନଞ୍ଜୟର ମୁହଁ ଉଜ୍ଜ୍ୱଳ ହୋଇ-ଉଠିଲା ।

ପଚାରିଲା, "ମନେ ରହିବ ତ ?"

—"ଜବାବ ଦେଇ ଆମେ ଭୁଲିଯାଉନା, ହଜୁର !"

—"ଧନ୍ୟବାଦ । ମୁଁ ତା'ହେଲେ ଠିକ ସମୟରେ ଆସି-ଥିବି ।"

ଫୁଲ କୌଣସି କଥା ନ କହି ଉପରକୁ ଉଠିଯିବାକୁ ଲାଗିଲା । ଧନଞ୍ଜୟ ତଳେ ଠିଆହୋଇ ସେଇ ଚାଲିଯାଉଥିବା ପାହାଡ଼ି ଝିଅଟା ଆଡ଼େ ଅପଲକ ଦୃଷ୍ଟିରେ ଚାହିଁରହିଲା । ତା' ପରେ ଧୀରେ ଅଗ୍ରସର ହେଲା ।

କୋଠାକୁ ଫେରିଆସି ଧନଞ୍ଜୟ ଦେଖିଲା—ପ୍ରଜାମାନେ ଆସି ଜମା ହେଇଚନ୍ତି । ତହସିଲଦାର ଖାତାପତ୍ର, ଚେକ ବହି ଖୋଲି ବସିଯାଇଚନ୍ତି । ଗାଧୋଇବା ଖାଇବା କଥା ଭୁଲିଯାଇ ସେ ଆସି ସେଠାରେ ଠିଆହେଲା । ତହସିଲଦାର ଖାତା ଦେଖି ଜଣଜଣଙ୍କର ନାଆଁ ଡାକିବା ଆରମ୍ଭ କରିଦେଲେ ; କିନ୍ତୁ ପ୍ରଜାମାନଙ୍କ ଭିତରୁ କେହି ଜଣେ ହେଲେ ତାଙ୍କ ପାଖକୁ ଅସିଲେନି; ସମସ୍ତେ ଚୁପ୍‌ଚାପ ଠିଆହୋଇ ରହିଲେ ।

ତହସିଲଦାର ଗୋଲକବିହାରୀ ଡାକ ପକେଇ କହିଲେ, "କରେ ଡାକୁଚି, କ'ଣ କାନକୁ ଶୁଭୁନି ? ହାରାମଜାଦାଗୁଡ଼ା ବସିଚ କାହିଁକି ?"

ଗୋଲକବିହାରୀଙ୍କର ରୁକ୍ଷ କଣ୍ଠସ୍ୱର ଶୁଣି ପ୍ରଜାମାନେ କିଛି ସମୟ ପାଇଁ ମୁହଁ ଚୁହାଁଚୁହିଁ ହେଲେ । ତା'ପରେ ସେମାନଙ୍କ ଭିତରୁ

ଜଣେ ଆଗକୁ ବାହାରିଆସି କହିଲା, "ଆମମାନଙ୍କର ଗୋଟାଏ ଗୁହାରି ଅଛି ।"

ଗୋଲକବିହାରୀ କହିଲେ, "କ'ଣ ଗୁହାରି କରିବ ? ଏକୁ ଗୁହାରି ଜଣେଇବା କୁହାଯାଏ, ନା, ନାଲିଶ କରିବା କୁହାଯାଏ ? କହିବାର ଥିଲେ ଆମର ହଜୁରଙ୍କ ଆଗରେ···ଏଇତ ହଜୁର ଠିଆ ହୋଇଛନ୍ତି । କ'ଣ କହିବୁ କହ ? ତୋ' ନାଆଁ କ'ଣ ?"

—"ମୋ ନାଆଁ ପତିତପାବନ, ହଜୁର !"

—"ହଉ ହେଲା । କ'ଣ କହିବାର ଅଛି, କହ ।"

—"ଆମକୁ ବର୍ଷକର ଖଜଣା ଛାଡ଼ିଦିଆଯାଉ ।"

ଗୋଲକବିହାରୀ ବିସ୍ମୟରେ କାଠ ହୋଇଗଲେ । ଚିତ୍କାର କଲାଭଳି କହିଲେ—"କ'ଣ ହେଲା, କାହିଁକି ଛାଡ଼ିଦିଆଯିବ ? ମୋଟେ ଦୁଇବର୍ଷର ଖଜଣା ବାକି ଅଛି । ସେଥିରୁ ପୁଣି ବର୍ଷକର ଛାଡ଼ିଦିଆଯିବ ! ଦେଖୁଚ, ଲୋକଗୁଡ଼ାଙ୍କର ଦିମାକ୍ କିଛି କମ୍ ନୁହେଁ !"

—"ଦୁଇବର୍ଷର ଖଜଣା ହଜୁରମାନଙ୍କ ପାଖରେ କିଛି ନୁହେଁ; ଅଳ୍ପ ହୋଇପାରେ । ହେଲେ ଆମେମାନେ ଗରିବ ଲୋକ; ଏକାଠି ଦି' ବର୍ଷର ଖଜଣା ଦେଲାବେଳକୁ ଜୀବନ ଛାଡ଼ିଯାଉଚି । ଆପଣ ବର୍ଷକୁ ବର୍ଷ ଆସି ନେଇଯାଉଥିଲେ ଆମେମାନେ ଖଲାସ, ଆପଣ-ମାନଙ୍କର ବି ଲାଭ । ପିଲାଛୁଆ, ରୋଗବଇରାଗର ସଂସାର—ଟଙ୍କା ପଇସା ଜମା କରି ଘରେ ରଖିବାର ଉପାୟ ନାହିଁ ।"

ଗୋଲକବିହାରୀ ଜମିଦାର ଧନଞ୍ଜୟଙ୍କ ଆଡ଼େ ଚାହିଁ କହିଲେ, "ଛୋଟଲୋକଗୁଡ଼ାଙ୍କର କଥା ଶୁଣୁଚନ୍ତି, ହଜୁର ! ଏମିତି ଟଣା ଟଣା କଥା ଶୁଣିଲେ ଲାତ୍ ମାରି ଦାନ୍ତ ଝାଡ଼ିଦେବାକୁ ଇଚ୍ଛା ହୁଏ···"

ତହସିଲଦାରଙ୍କ କଥା ଶୁଣି ଧନଞ୍ଜୟ କୌଣସି ଜବାବ ନ ଦେଇ କେବଳ ଟିକିଏ ହସିଦେଲେ; ଆଉ ଆଗରେ ଠିଆ ହୋଇଥିବା ପ୍ରଜାମାନଙ୍କ ଭିତରେ କଳଗୁଞ୍ଜନ ଆରମ୍ଭ ହେଉ ହେଉ ସମସ୍ତେ ଉତ୍ତେଜିତ ହୋଇଉଠିଲେ ।

ଧାଙ୍ଗୁଆ ଆଉ ଟିକିଏ ଆଗକୁ ଆସି କହିଲା, "ଗୁଣ୍ଡ କରନ୍ତୁ ବା ନ କରନ୍ତୁ, ବର୍ଷକର ଖଜଣା ଛଡ଼ା ବେଶି ଦେଲାଭଳି ବଳ ଆମର କାହାର ନାହିଁ । ଆଉ ଏମିତି ଗାଳିମନ୍ଦ କଲେ ଆମେମାନେ ସହିପାରିବୁ ନି ।"

ଗୋଲକବିହାରୀ ଉଠି ଠିଆ ହୋଇପଡ଼ିଲେ । ରାଗରେ ଫାଟିପଡ଼ି କହିଲେ, "ତମେମାନେ କ'ଣ ବୋଲି ଭାବିଚ କି ? ଗାଳିମନ୍ଦ କରିବେନି, ଫୁଲ ବେଲପତ୍ର ଦେଇ ପୂଜା କରିବେ ? ବଦମାସ କୋଉଠିକାର !"

ତହସିଲଦାରଙ୍କ ଆସ୍ଫାଳନ ଶୁଣି ସମବେତ ଧାଙ୍ଗଡ଼ିଆ ପ୍ରଜାମାନେ ରାଗରେ ଜଳିଗଲେ । ସମସ୍ତେ ଏକାବେଳେ ଚିତ୍କାର କରିବାକୁ ଲାଗିଲେ, "ଦେବୁ ନି—ଆମେମାନେ କେହି ଖଜଣା ଦେବୁ ନି ।"

ଉନ୍ମତ୍ତ ପ୍ରଜାମଣ୍ଡଳଆଡ଼େ ଦୃଷ୍ଟି ପକେଇ ଗୋଲକବିହାରୀ ମନେ ମନେ ପ୍ରମାଦ ଗଣିଲେ; ମୁହଁ ଶୁଖେଇଦେଇ ଜମିଦାର ଧନଞ୍ଜୟ ଆଡ଼େ ଚାହିଁ କହିଲେ, "କୋଉ ମନ୍ଦ କଥାଟା ମୁଁ ଏବେ ସେମାନଙ୍କୁ କହିଲି, କହନ୍ତୁ ତ ! ଓଃ, ଲୋକଗୁଡ଼ାଙ୍କ ଢମାକ୍ ଦେଖିଲେ ଦେହ ଖାଲି ଜଳିଯାଉଚି । ଆପଣ ଥରେ ହୁକୁମ ଦିଅନ୍ତୁ ହଜୁର, ମୁଁ ଏଗୁଡ଼ାଙ୍କ ପିଠିରୁ ଚମଡ଼ା ଉଖାଡ଼ିଦେବାର ବ୍ୟବସ୍ଥା କରିବି ।"

ଧନଞ୍ଜୟ କହିଲା, "ଦରକାର ନାହିଁ, ମୁଁ ବୁଝେଇଦଉଚି । ଆପଣଙ୍କୁ ନରମ ହେବାପାଇଁ କହିଲେ—ଗରମରେ ସାତଖଣ୍ଡ ହେଇଯାଉଚନ୍ତି ; ଆପଣଙ୍କ ଦ୍ୱାରା ହେବନି ।...ତମେମାନେ ଶୁଣ, ମୁଁ ତୁମମାନଙ୍କୁ କିଛି କହିବାକୁ ଇଚ୍ଛା କରୁଚି ।"

ପାଟୁଆ ଏଥର ପୁଣି ଆଗକୁ ଆସି କହିଲା, "କ'ଣ କହିବେ କହନ୍ତୁ, ଆମେମାନେ ଶୁଣିବାକୁ ରାଜି ଅଛୁଁ ।"

ଧନଞ୍ଜୟ କହିବାକୁ ଆରମ୍ଭ କଲା, "ମୁଁ ତୁମମାନଙ୍କର ଜମିଦାର । ନ୍ୟାୟ କି ଅନ୍ୟାୟ କରୁଚି, ତମେମାନେ ମୋ କଥା ଭଲଭାବରେ ଶୁଣ । ପ୍ରଥମ କଥା ହେଲା, ଏ ଅଞ୍ଚଳର ସବୁ ଜମିଯାଗା ମୋର । ମୁଁ ନୂଆ ଜମିଦାରୀ ପାଇଚି ବୋଲି ଭାବନି ଯେ ଏସବୁ ବିଷୟରେ ମୁଁ ଅଜ୍ଞ । ପ୍ରଜାମାନଙ୍କୁ ଶାସନ କରିବା ଉପାୟ ମତେ ଭଲଭାବରେ ଜଣାଅଛି । ତମର ଏଇ ତହସିଲଦାରବାବୁଙ୍କଠାରୁ ସେ ବିଷୟରେ ମୁଁ ଭଲଭାବରେ ଜାଣିଚି । ସେଥିପାଇଁ ଆଗରୁ ତୁମମାନଙ୍କୁ କହିରଖୁଚି, ଏମିତି ବିଦ୍ରୋହ କରି ସମୟ ନଷ୍ଟ କରିବା ବ୍ୟତୀତ ତୁମମାନଙ୍କର ଆଉ ବିଶେଷ କିଛି ଲାଭ ହେବନି । କାରଣ, ଆଜି ଯଦି ତୁମମାନଙ୍କୁ ଚାଷ କରିବାପାଇଁ ଜମି ଦେବା ବନ୍ଦ କରିଦିଏଁ ତା'ହେଲେ ଗୋଟାଏ କିମ୍ବା ଦୁଇଟା ବର୍ଷ ଭିତରେ ତମେମାନେ ଖାଇବା ପିଇବାକୁ ନ ପାଇ ମରିଯିବ । ସୁତରାଂ ବିଦ୍ରୋହୀ ହେବା ଆଗରୁ ତୁମମାନଙ୍କର ସବୁ ବିଷୟ ଭାବିବା ଉଚିତ ।"

ଧନଞ୍ଜୟ ବସିପଡ଼ିଲା ।

ଉଦ୍ୟତଫଣା ସର୍ପସମୂହଙ୍କ ମୁହଁରେ ଝିଙ୍କ କାବଲିକ ଏସିଡ୍ ଢାଳିଦେଲେ ସେମାନେ ଯେମିତି ଧୀରେ ଧୀରେ ନିସ୍ତେଜ ହୋଇ-ଆସନ୍ତି, ପ୍ରଜାମଣ୍ଡଳ ବି ସେମିତି କଳଗୁଞ୍ଜନ କରୁ କରୁ କ୍ରମେ ନିସ୍ତବ୍ଧ ହୋଇପଡ଼ିଲା ।

ଧନଞ୍ଜୟ ପୁଣି ଉଠିଲା ।

କଣ୍ଠସ୍ୱର ସାମାନ୍ୟ ଉଗ୍ର କରି କହିଲା, "ବୟସ ମୋର ପୋଖତ ହୋଇନି, ଏଇଥିପାଇଁ ଭାବ ତମେମାନେ ଆସିଚ ଯେ, ଏକଜୁଟ ହୋଇ ମୁଣ୍ଡାଏ ପାଟିତୁଣ୍ଡ କଲେ ମୁଁ ଫାଙ୍କିଯିବି । କିନ୍ତୁ ବଦମାସୀ କରିବା ମତେ ଜଣାଅଛି । ମୋର ଦ୍ୱିଗୁଣ ବୟସର ଲୋକ ଯାହା ଆଜିପର୍ଯ୍ୟନ୍ତ କରିପାରିନି, ଏଇ ଅଳ୍ପ ବୟସ ଭିତରେ ମୁଁ ସେ ସବୁର ଆସ୍ୱାଦ ପାଇସାରିଚି । ବର୍ତ୍ତମାନ ଚୁପ୍‌ଚାପ୍ ଆସି ଖଜଣା ଦେଇଦିଅ ।"

କ'ଣ କୋଉଟାଏ କହିବାପାଇଁ ପାଣ୍ଡୁଆ ଇତସ୍ତତଃ କରିବାକୁ ଲାଗିଲା ।

ଧନଞ୍ଜୟ କହିଲା, "ତମେ କ'ଣ କିଛି କହିବ, ପତିତପାବନ ?"

ପାଣ୍ଡୁଆ ଅନ୍ତରର ଉତ୍ତାପ ଚାପି କହିଲା, "ହଁ, ହଜୁର !"

ଗୋଲକବିହାରୀ ଖୁବ୍ ବଡ଼ ପାଟିରେ ହସିଉଠିଲେ । ଧନଞ୍ଜୟଙ୍କରେ ନିଗାଡ଼ି କରିକରି କହିଲେ, "ଏଥର ପୁଅ ଠିକ୍ ବାଟକୁ ଆସିଚି । ହାଁ, ଏମିତିକା ଜୋରଡ଼ା ମାଡ଼ ନ ହେଲେ···"

ଧନଞ୍ଜୟ ପଚାରିଲା, "କ'ଣ କହିବ । କୁହ"

ପାଣ୍ଡୁଆ କହିଲା, "ପ୍ରକୃତରେ ହଜୁର, ପ୍ରଜାମାନଙ୍କ ଭିତରୁ କେତେ ଜଣ ଦୁଇ ବର୍ଷର ଖଜଣା ଦେଇପାରିବେନି ।"

ଧନଞ୍ଜୟ ପଚାରିଲା, "ସେମିତି କେତେ ଜଣ ଅଛନ୍ତି ?"

କିଛି ସମୟ ଭାବିବା ପରେ ପାଣ୍ଡୁଆ ଉତ୍ତର ଦେଲା, "ହଜୁର, ପନ୍ଦର, କୋଡ଼ିଏ ଜଣ ହେବେ ।"

—"ସେମାନେ କେତେ ଖଜଣା ଦିଅନ୍ତି ?"

—"ସମସ୍ତେ ତ ସମାନ ଦିଅନ୍ତିନି, ହଜୁର ! କିଏ ଦଶ, କିଏ ପନ୍ଦର—ଏମିତି ।"

—"ଆଚ୍ଛା, ବର୍ତ୍ତମାନ ସେମାନେ ବର୍ଷକର ଖଜଣା ଦେଲେ ଚଳିବ । କିନ୍ତୁ ଅନ୍ୟ ସମସ୍ତେ ଯେମିତି ଠିକ ଭାବରେ ଖଜଣା ଦେଇଦଅନ୍ତୁ । କାରଣ ମୁଁ ଏଠିକି ଦାତାପଣିଆ ଶିଖିବାପାଇଁ ଆସିନି ।"

ପାତ୍ରୁଆ ମୁଣ୍ଡ ହଲେଇ କହିଲା, "ଯାହା ହୁକୁମ ହେଲା ।"

ଗୋଲକବିହାରୀ ଏଭଳି ଗୋଟାଏ ସମାଧାନରେ ସନ୍ତୁଷ୍ଟ ହୋଇପାରିଲେନି । ତଥାପି ଖାତାପତ୍ର ଧରି ଖଜଣା ଆଦାୟ କରିବାରେ ଲାଗିଲେ ।

—ଚାରି—

ସେଦିନ ରାତି ।

ପାତ୍ରୁଆ ଆସି ଫୁଲଙ୍କ ଘରେ ପହଞ୍ଚିଲା ।

ଫୁଲର ମାଆକୁ ସ୍ୱହିଁ କହିଲା, "ଆଜିର ଖଜଣା ଆଦାୟ ଘଟଣା ଶୁଣିଚୁ ମାଆ ?"

—"କିଛି ଶୁଣିନି ତ ।"

ପାତ୍ରୁଆ କହିବାକୁ ଲାଗିଲା, "ଜମିଦାରର ଜାତି ଅଲଗା, ମାଆ ! ଆମେ ଯାଇ କହିଲୁଁ, ଆମ ଭିତରୁ କେତେଜଣଙ୍କର ଦୁଇ ବର୍ଷର ଖଜଣା ଦେଲାଭଳି ବଳ ନାହିଁ । ଏ କଥା ଶୁଣି ଜମିଦାର ହସିଉଠିଲା ; କ'ଣ କହିଲା, ଜାଣିଚୁ ?"

—"କ'ଣ କହିଲା ?"

—"କହିଲା, ଏଠିକି ମୁଁ ଦାତାପଣିଆ ଶିଖିବାକୁ ଆସିନି । କାହାର ଖଜଣା ଛାଡ଼ିହେଇପାରିବନି ।"

ଫୁଲ ମଧ୍ୟ ଘରର କୋଣଟାଏ ପାଖରେ ବସି ସବୁ କଥା ଶୁଣୁଥିଲା । ପାରୁଆର ଶେଷ କଥା ଶୁଣି ସେ ଖୁବ୍ ଧୀରେ ଧୀରେ କହିଲା, "ପର ନାଆଁରେ ମିଛ କଥା କହି କି ସୁଖ ପାଉ, ପାରୁଆ ?"

ରୁକ୍ଷ ସ୍ୱରରେ ପାରୁଆ ପଚାରିଲା, "କ'ଣ ମିଛ କହିଲି ?"

ଫୁଲ କହିଲା, "ମୁଁ ଶୁଣିଛି, ଅନେକ ଲୋକଙ୍କର ଖଜଣା ସେ ଛାଡ଼ିଦେଇଛି ।"

ପାରୁଆର ମୁହଁ ଟିକିଏ ଗମ୍ଭୀର ହୋଇଉଠିଲା । ସେ ଫୁଲକୁ ପଚାରିଲା, "କାହା ପାଖରୁ ତୁ ଶୁଣିଲୁ ?"

—"ଯିଏ ହେଲେ ବି କହିଛି । ସେକଥା ତୋର ଜାଣିବା ଦରକାର କ'ଣ ? ମୁଁ ଶୁଣିଛି, ପ୍ରାୟ ପନ୍ଦର ଜଣଙ୍କର ଖଜଣା ସେ ନେଇନାହାନ୍ତି ।"

ପାରୁଆ କହିଲା, "ମୋଟେ ତ ପନ୍ଦର ଜଣ । ଏତିକିରେ କ'ଣ ଖଜଣାଛାଡ଼ ବୋଲି କୁହାଯିବ, ଫୁଲ ?"

—"କାହିଁକି, ସେ ତ ତତେ ପଚାରିଥିଲା—କେତେଜଣ ଖଜଣା ଦେଇପାରିବେନି ବୋଲି; ଆଜି ମୁଁ ଶୁଣିଲି, ତା'ର ଜବାବ ତୁ ନିଜେ ଦେଇଥିଲୁ ।"

—"ହଁ, ଦେଇଥିଲି । ନ ହେଲେ ବେଶି କଥାବାର୍ତ୍ତା କରିଥିଲେ ଜଣକର ବି ଖଜଣା ଛାଡ଼ ନ ଥାଆନ୍ତା ।"

—"ବେଶି କହିବା ତ କିଛି ଦରକାର ନ ଥିଲା । ବାକି ସମସ୍ତେ ତ ଖଜଣା ଦେଇପାରିବେ ।"

ପାରୁଆ କିଛି ସମୟ ମୁହଁକୁ ହାଣ୍ଡି ପରି କରି ବସିରହିଲା । ତା'ପରେ ପଚାରିଲା, "ତୁ ଏସବୁ କେମିତି ଶୁଣିଲୁ, ସେକଥା ମୋର ଜାଣିବା ଦରକାର ।"

ଫୁଲ ଜବାବ ଦେଲା, "ଲଛିଆ ନିଜେ ମତେ କହିଛି ।"

ପୁଣି କିଛି ସମୟ ପାଗୁଆ ଚୁପ୍ ହୋଇ ବସିରହିଲା । ତା'ପରେ କଣ୍ଠସ୍ୱର ସତେଜ କରି କହିଲା, "ଠଙ୍କା ଆଦାୟ ହେଲା ସତ, କିନ୍ତୁ ସେ ଠଙ୍କା ନେଇ ସେ ଆଉ ଘରକୁ ଫିବନି । ଏକଥା ମନେରଖ ।"

ଫୁଲର ମାଆ କୌତୁହଳୀ ହୋଇ ଜାଣିବାପାଇଁ ପଚାରିଲା, "କାହିଁକି ରେ ? କ'ଣ ହୋଇଚି କି ?"

ପାଗୁଆ ଉଠି ଠିଆ ହେଲା । ମାଆର କାନ ପାଖକୁ ମୁହଁଟା ଆଣି-ଚୁପ୍‌ଚୁପ୍ କରି କହିଲା, "ଆମେମାନେ ସେ ଠଙ୍କା ଲୁଟ୍ କରିବୁ ।"

ବିସ୍ମୟରେ ଫୁଲର ମାଆ ବିସ୍ଫାରିତ ନେତ୍ରରେ ଚାହିଁରହିଲା ।

ପଚାରିଲା, "ତୁ କ'ଣ କହୁଚୁ ?"

—"ହଁ ମାଆ, ଆଜି ରାତିରେ ।"

—"ଏଇ କୋଠାରେ ?"

—"ହଁ, ସେଇଠି । ଆମେ ଦୁଇଶହ ଯାଏ ପାହାଡ଼ି ଲୋକ ମିଶି ଜଙ୍ଗଲ ଆଉ ସେ କୋଠାକୁ ଘେରାଉ କରିପକେଇବୁ । ଅଧରାତିରୁ ଗଡ଼ିଗଲେ, ଯେତେବେଳେ ସେମାନେ ନିଶ୍ଚିନ୍ତରେ ଶୋଇ-ପଡ଼ିଥିବେ, ସେତିକିବେଳେ ଲୁଟ୍ ଆରମ୍ଭ କରିଦେବୁ ।"

—"କି ବେଢଙ୍ଗିଆ କଥା କହୁଚୁ ରେ ପାଗୁଆ ! ନା, ନା, ସେସବୁ ଭିତରକୁ ତୁ ଯାଆନା ରେ ! ଶେଷକୁ ଯଦି···ଜମିଦାର-ମାନଙ୍କ କଥା ତୁ ଜାଣିନୁ ରେ ବାପା, ଠିଆ ଚିରଦେବା ଲୋକ ସେମାନେ ।"

—"ଡରିବାର କିଛି ନାହିଁ, ମାଆ, ତୁ ମୋଟେ ଡରନା । ପଦେ ଉଁ ଚୁଁ ହେବାପାଇଁ ସେମାନେ ସମୟ ପାଇବେନି ।"

ଆତଙ୍କରେ ଥରଉଠି ଫୁଲ ପଚାରିଲା, "କ'ଣ ହେବ ?"

—"ଏଥି ପାଇଁ, ଠିକ୍ ଅଛି । ଆମେ ଯାଇ ତମ୍ବୁଗୁଡ଼ାକରେ ନିଆଁ ଲଗେଇଦେବୁ । ଆଉ ସେଇ ହଇଚଇ ଲାଗିଯିବା ଭିତରେ ପାଣୁଆ ଯାଇ କାମ ଫତେ କରିଦେବ । ଘରଟା ବି ଆମେ ଦେଖି-ଆସିଛୁ ।"

ଫୁଲ ପଚାରିଲା, "କାହା ଘର ?"

—"ଯୋଉ ଘରେ ଟଙ୍କା ଅଛି ।"

ଏଥି ସମସ୍ତ ଚୁପ୍ ରହି ଫୁଲ ପଚାରିଲା, "କିନ୍ତୁ ନିଆଁ ଲଗେଇ ଲାଭ କ'ଣ ହେବ ? ସେମିତି ହେଲେ ଗୁଡ଼ାଏ ଲୋକ ମରିଯିବେ ତ ?"

ପାଣୁଆ ଅସୁରଙ୍କ ଭଳି ବିକଟ ଶବ୍ଦ କରି ହସିଉଠିଲା । କହିଲା, "ମରିଯିବା ତ ଦରକାର । ଆମମାନଙ୍କର ସେଇୟା ଇଚ୍ଛା । ସେମାନେ ଯେତେବେଳେ ନିଆଁ ଭିତରେ ପଡ଼ି ଛଟପଟ ହୋଇ ବିକଳ ହେଉଥିବେ, ସେତେବେଳେ ଆମେ ଖୁବ୍ ଫଟେଇ ହସିବୁ । ଟିକିଏ ହେଲେ ଦୁଃଖ ଆମକୁ ଲାଗିବନି । ଜମିଦାର ଧନଞ୍ଜୟ ବି ଆଜି ଏଇଠି ସବୁଦିନ ପାଇଁ ଶେଷ ନିଦରେ ଶୋଇବ ।"

—"କୋଉ ଅପରାଧରେ ?"

—"ପାଳିର ଅପମୃତ୍ୟୁ ଅପରାଧରେ ଲଛୁଆ ତାକୁ ହାଣି-ଦେବ ।"

ଫୁଲର ମାଆ ଉପରେ କାଠ ପାଲଟିଗଲା । ପାଣୁଆର ଦୁଇ ଆଖିରେ ପ୍ରତିହିଂସାର ନିଆଁ ଝଲସି ଉଠୁଚି ।

ଫୁଲ କହିଲା, "ଏଗୁଡ଼ା ଅନ୍ୟାୟ ।"

ପାଣୁଆ କହିଲା, "ମୋଟେ ନୁହେଁ ।"

—"ମୋତେ ନୁହେଁ ? ମୁଁ କହୁଚି, ଏଇଟା ଅନ୍ୟାୟ । ଯିଏ ଶୁଣିବ ସେ କହିବ, ଏଗୁଡ଼ାକ ଅନ୍ୟାୟ କାମ ।"

—"କାହିଁକି, ଶୁଣେ ?"

—"କାହିଁକି ? ଜମିଦାର ଧନଞ୍ଜୟ ଆସିବା ପରଠାରୁ ଏଯାଏଁ ତମମାନଙ୍କର ଟିକିଏ ହେଲେ ଅପକାର କରିନି । ବରଂ ଦୁଇଶହ ତିନିଶହ ଟଙ୍କା ଖଜଣା ତୁମମାନଙ୍କୁ ଛାଡ଼ିଦେଇଚି । ଅନ୍ୟ କୋଉ ଜମିଦାର ହୋଇଥିଲେ ହାଡ଼ଗୋଡ଼ ଭାଙ୍ଗି ତମ ରକ୍ତରୁ ତା'ର ଖଜଣା କାଢ଼ିନେଇଥାଆନ୍ତା । ଏଇଲେ ତମେମାନେ ମିଳିମିଶି ଯାହା କରିବାକୁ ଯାଉଚ ସେ କଣ ତା'ର ଏଇ ଉଦାର-ତାର ପ୍ରତିଫଳ ?"

—"ନା ଫୁଲ, ଏ ହେଉଚି ପାଲ୍ଲିର ଅପମୃତ୍ୟୁର ପ୍ରତିଶୋଧ ।"

ଫୁଲ ନିମିଷକ ପାଇଁ ସ୍ଥିର ହୋଇ କହିବାକୁ ଲାଗିଲା, "ପ୍ରତିଶୋଧ ? ପ୍ରତିଶୋଧ ନେବାକୁ ତମେମାନେ କିଏସେ ? ଯେଉଁ ଜମିଦାର ପାଲ୍ଲି ପ୍ରତି ଅତ୍ୟାଚାର କରିଥିଲା, ଯିଏ ତମ ଜାତି ମୁହଁରେ କାଳି ବୋଳିଥିଲା, ତା'ର ତମେ କଣ କରିପାରିଲ ? ସେତେବେଳେ କ'ଣ ପାହାଡ଼ିଆ ଜାତିର ଗୁଡିରେ ରକ୍ତ ନ ଥିଲା— ପାହାଡ଼ିଆ ଗଉଁ ନ ଥିଲା ? ଅପରାଧୀ ଯିଏ, ସିଏ କୋଉକାଳୁ ମଲାଣି । ପ୍ରତିଶୋଧ ନେବା କି ଦଣ୍ଡ ଦେବାର ଥିଲେ ଭଗବାନ ଦେବେ । ତାର ମୋର ସେଥିରେ କ'ଣ ଅଛି ?"

—"ଏଇଟା ଆମର ଜନ୍ମଭୂଇଁ, ଫୁଲ ! କାହିଁକି ସେମାନେ ଦୂର ଯାଗାରୁ ଆସି ଆମମାନଙ୍କ ଉପରେ ଅତ୍ୟାଚାର କରିବେ ? କହ, ଉତ୍ତର ଦେ !"

—"ଅତ୍ୟାଚାରର ପ୍ରତିଶୋଧ ଅତ୍ୟାଚାରରେ ନିଆଯାଏନି, ପାଲୁଆ ! ଅନ୍ୟାୟକୁ ଅନ୍ୟାୟ କରି ଶୁଝି ହୁଏନି । କୁକୁର କାମୁଡ଼ି-ଦେଇଛି ବୋଲି କୁକୁରକୁ କାମୁଡ଼ି ବସିଲେ ଦୁନିଆ ହସିବା ସାର ହେବ । ଜଣକର ଅପରାଧ ପାଇଁ ତମେ ଯେ ଅନେକ ନିର୍ଦ୍ଦୋଷ ଲୋକଙ୍କ ଜୀବନ ନେବାର ଅନ୍ୟାୟ କରିବାକୁ ଯାଉଛ, ତା'ର ବିଚାର କିଏ କରିବ, ପାଲୁଆ ?"

—"ଜାଣିନି, ଜାଣିବାର ଦରକାର ବି ନାହିଁ । ଯଦି ଅନ୍ୟାୟ ହୁଏ, ତେବେ ତା'ର ଦଣ୍ଡ ଭଗବାନଙ୍କ ହାତରେ ମିଳିବ । କିନ୍ତୁ ଏ ଖାମଖିଆଲି ଅତ୍ୟାଚାରକୁ ବନ୍ଦ କରିବାକୁ ହେବ । ଜାଣୁ ଫୁଲ, ଏଇ ଶକ୍ତ କଳାମୁଗୁନି ଗୁଡ଼ିକରେ ଶାବଳ ମାରି, ଝାଳ ରକ୍ତକୁ ଏକାଠି ପାଣି କରି ଆମେ ପଥର ପେଟରେ ଫସଲ କରୁଁ । ସୂର୍ଯ୍ୟ ଉଠିବାଠାରୁ ବୁଡ଼ିବା ପର୍ଯ୍ୟନ୍ତ ହାଡ଼ଭଙ୍ଗା ଖାଟେଣୀ ଖଟି କୌଣସି-ପ୍ରକାରେ ମୁଠାଏ ଖାଉଚୁଁ । କିନ୍ତୁ ତା ବଦଳରେ କ'ଣ ପାଉଚୁଁ ? କେତେ ବା ପାଉଚୁଁ ?···କାହିଁକି ଏ ବିଚାର ?"

—"ଏ କଥା କେବଳ ଆଜି କଥା ନୁହେଁ, ପାଲୁଆ ! ଅନେକ କାଳରୁ ଏକଥା ହେଇଆସୁଚି । ଏକା ମାଆ ପେଟର ଦୁଇ ଭାଇ ଭଳି ଧନୀ ଆଉ ଗରିବ ସବୁଦିନେ ଗୋଟାଏ ପୃଥିବୀରେ ବାସ କରୁଚନ୍ତି । ପ୍ରତିଶୋଧ ନେବାକୁ ଯାଇ ଆଜି ତମେମାନେ ତା'ର କୋଉ ଭାଗଟା ସୁଧାରିପକେଇବ ? ତମେମାନେ ସୁଖୀ ହୁଅ— ତମର ଖାଇବା ଦାନାର ବଢ଼ନ୍ତି ହେଉ । କିନ୍ତୁ ପଚାରୁଚି, ଏଇଟା କ'ଣ ତା'ର ଉପାୟ ? ଆଜି ଧନଞ୍ଜୟ ମରିବ; କାଲି ପୁଣି ଅନ୍ୟ ଧନଞ୍ଜୟ ଜମିଦାର ହୋଇ ଆସିବ । ସେତେବେଳେ ସେ ତା'ର ବାପ ଜେଜେବାପର ପ୍ରତିଶୋଧ ନେବାପାଇଁ ବନ୍ଧୁକ ଗୁଳିରେ

ଶୁଠାରୁ ବ ହୀନ ଭାବରେ ପାହାଡ଼ିଆ ଜାତିକୁ ଗୋଡେଇ ମାରିବା ସତେବେଳେ—ସେତେବେଳେ ତମର ଏ ବିଚାର ରହିବ ତ ?"

—"ଭବିଷ୍ୟତରେ କଣ ହେବ ନ ହେବ ସେ ବିଷୟ ମୁଁ ଛୁ ଜାଣେନି । ଆମେମାନେ ଆଜକାର ମଣିଷ; ଆମେମାନେ ଆଜର ଥା ବୁଝୁଁ—ଭବିଷ୍ୟତଟା ଆମମାନଙ୍କ ପାଖେ ମିଛ, ଅନ୍ଧାର ।... ାଣିଚୁ ମାଆ, ଆଜ ଯେତେବେଳେ ଆମେମାନେ ଏ ବିଷୟରେ ୁହାରି କରିବାକୁ ଗଲୁଁ, ସେତେବେଳେ ତହସିଲଦାରଟା ଆମ-ାନଙ୍କୁ ଯାହା ଇଚ୍ଛା ତା' ଗାଳିଗୁଲଜ କରିଦେଇଗଲା, ଯେମିତି ାମେ ମଣିଷ ନୁହଁ—କୁକୁର । କାଠପଥରକୁ ବି ମଣିଷ ଏମିତି ାବରେ ଗାଳିମନ୍ଦ କରିବନି । ଇଚ୍ଛା ହେଉଥିଲା, ଟାଙ୍ଗିଆ ପଶାରେ ିଟି ତା'ର ମୁଣ୍ଡଟାକୁ ଫଟେଇଦେଇଥାଆନ୍ତି ।"

ପାଭୁଆର ଉତ୍ତେଜିତ କଥା ଶୁଣି କେହି କିଛି କହିଲେନି ।

ସେ ପୁଣି କହିବାକୁ ଲାଗିଲା, "ଆମର ଏଇ ପାହାଡ଼ ପ୍ରଜା-ାନଙ୍କୁ କି ଭୟ ଦେଖେଇଚି, ଜାଣିଚ ? କହିଲା, ତମେମାନେ ଯଦି ଦ୍ରୋହ କର, ତା'ହେଲେ ମୁଁ ଜମି ଦେବା ବନ୍ଦ କରିଦେବି । ାହିଁକି ମାଆ, ଏ ଜମିରେ କ'ଣ ଆମର ଏତେ ଟିକିଏ ବି ଅଧିକାର ାହିଁ ? ଆମ ବାପ ଜେଜେବାପଙ୍କ ରକ୍ତରେ ଆଜ ପାହାଡ଼ ୁଡିରେ ଫସଲ ହସୁଚି । ପ୍ରଜାମାନେ ପୁରୁଷାନୁକ୍ରମେ ଚାଷ କରି-ାସୁଚନ୍ତି । ସେଥିରେ କ'ଣ ଆମର କୌଣସି ଭାଗ ନାହିଁ ? ଜମିଦାର ର୍ଷକୁ ବର୍ଷ ଆସି ଖଜଣା ଆଦାୟ କରି, ଗାଡ଼ି ଗାଡ଼ି ଫସଲ ବାଝେଇ କରି ନେଇଯିବ । ତା'ରି ପୁଣି ସବୁ ଅଧିକାର; ଯେଉଁ-ାନେ ମାଟି ପଥର ସାଙ୍ଗେ ମିଶି ଟାଙ୍ଗର ମୁହଁରେ ହସ ଦେଖେଇଲେ, ସେମାନେ କେହି ନୁହନ୍ତି ! ଯିଏ ଶୋଷଣ କରି ଲିଚି ମୂଳରୁ ଶେଷଯାଏ—ସେଇ ସବୁ । ଆଉ ସତରେ ତ

ଜମି ପଡ଼ିଆ ପଡ଼ି ରହିବନି । ଆମକୁ ନ ଦେଉ; ଅନ୍ୟ ଯାହାକୁ ତ ଦିନେ ହେଲେ ଦେବ । ତା'ହେଲେ, ଏ ଭୟ ଦେଖେଇବାର ମୂଲ୍ୟ କ'ଣ ?"

ଫୁଲ କହିଲା, "ତମର ଏତେ ଠେକାହେବା ଦରକାର ନାହିଁ । ଯେତେସବୁ କଥା ଏଠି କହିଲୁଣି, ସେଗୁଡ଼ା ସେଠି ତା ପାଖରେ କହିବା ଉଚିତ ଥିଲା ।"

ଘାଡୁଆ ଗର୍ଜନ କରିଉଠିଲା, "ଉଚିତ ଥିଲା—ସେକଥା ଜାଣେ । କିନ୍ତୁ ଧନଞ୍ଜୟ ଜମିଦାର ଏଡ଼େ ସହଜ ଜନ୍ତୁ ନୁହେଁ । କିଏ ଶୁଣିଥାଆନ୍ତା···? ଲୋକଟା ଏମିତି ସଜଡ଼ାସଜାଡ଼ି କରି କଥା-ଗୁଡ଼ାକ କହିଲା ଯେ କାହାର ମୁହଁରୁ ପଦେ ହେଲେ କଥା ବାହାରିଲାନି; ସମସ୍ତେ ଗାରେଡ଼ି ଶୁଣି ସାପ ରହିଲା ପରି ରହିଗଲେ । କମ୍ କୌଶଳ ଲୋକଟାକୁ ଜଣା ନାହିଁ !"

ଫୁଲର ମାଆ କହିଲା, "ଯାହା ହେଉଛି ହେଉ, ଘାଡୁଆ, ଏ ସବୁ ଗଣ୍ଡଗୋଳ ଭିତରକୁ ତୋର ଯିବା କିଛି ଦରକାର ନାହିଁ । ସବୁକାଳେ ଯାହା ହୋଇଆସିଛି, ଆଜି ଏବେ ସେଇୟା ହଉ । ବଡ଼ ଲୋକଙ୍କ ସାଙ୍ଗରେ ଲାଗିବା କି ଦରକାର ? ମୋ କଥା ମାନ, ଘାଡୁଆ !"

—"ତୋ କଥା ଶୁଣିବାବେଳ ଆଉ ନାହିଁ, ମାଆ, ଆମେ ସମସ୍ତେ ଆଜି କୃତସଂକଳ୍ପ ହୋଇଛୁ ।"

—"ଏତେ ଟିକିଏ ହୋଇଥିଲୁ, ତୋର ମାଆ ମରିଯାଇଥିଲା; ତତେ ମୋ ହାତରେ ଦେଇଯାଇଥିଲା । ମୋର କୋଳରେ ତୁ ମଣିଷ ହୋଇଛୁ, ଘାଡୁଆ, ମୋର ଗୋଟାଏ କଥା ରଖ ।"

—"କି କଥା ?"

—"ଏସବୁ ଗୋଲମାଲରୁ ତୁ ଦୂରରେ ରହ । ମୁଁ ଖୁସି ହେବ ।"

—"ତତେ ଖୁସି କରିବାପାଇଁ ମତେ ଏହା ପରେ ବହୁତ ସମୟ ମିଳିବ । କିନ୍ତୁ ଏଇଲେ ଆଉ କଥା ବଦଳି ପାରିବନି । ମୋ'ରି ଉତ୍ସାହରେ ଆଜି ପାହାଡ଼ିଆ ଜାତିର ଆଖି ଖୋଲିଯାଇଚି । ଆଉ ମୁଁ ଯଦି ଏଇଲେ ସେମାନଙ୍କ ପାଖରୁ ଦୂରରେ ରହେଁ, ତା'ହେଲେ ଏ ମାଟିରେ ମୁଁ ଆଉ ମୁହଁ ଦେଖେଇପାରିବନି, ମାଆ ! ଗୋଟାଏ ଜାତିକୁ ଜାଲରେ ଚଢ଼େଇ ମୁଁ ମୂଳ କାଟିପାରିବନି । ନାଇଁ ମାଆ, ଏସ କଥା ତୁ ଆଉ ମତେ କହନି ।"

—"ଏତେ କଥାରେ ବି ତୋର ଜିଦ ଭାଙ୍ଗୁନି ?"

—"ଏ ଜିଦ ଭାଙ୍ଗିବାର ନୁହେଁ ।"

—"କାହିଁକି ?"

—"ପାହାଡ଼ର ଇଜ୍ଜତ୍ ହେଉଚି ପାହାଡ଼ିଆ ପିଲା । ଯଦି ପାଖେଇ ହୋଇ ଆସେଁ, ତା'ହେଲେ ଲୋକେ ମତେ ମିଛୁଆ କହିବେ ।"

—"କିନ୍ତୁ ଯଦି ସଫଳ ନ ହେଉ, ଯଦି କୌଣସି ଉପାୟରେ ଜମିଦାର ଏ ଷଡ଼ଯନ୍ତ୍ର ଜାଣିପାରେ, ସେତେବେଳେ କ'ଣ ହେବ ଭାବିଚୁ, ପାଭୁଆ ? ଆମେ ଯେ ତୋ'ରି ଭରସାରେ ଆଜି ଦମ୍ଭ ଧରି ବଞ୍ଚିରହିଚୁଁ । ଥରେ ଭାବିକରି ଦେଖ୍, ଫୁଲର ତା'ହେଲେ···"

—"ଜାଣିଚି ମାଆ, ସବୁ ଜାଣିଚି; ହେଲେ ଉପାୟ ନାହିଁ । ତୁମେ ଦୋଷ ଧରିବୁନି ।" ପାଭୁଆ ଯିବାକୁ ବାହାରିଲା ।

ଫୁଲ ଧାଇଁଯାଇ ଦ୍ୱାରପାଖରେ ଠିଆ ହେଲା; ପାଭୁଆର ହାତ ଧରି କହିଲା : "ମୋ କଥା ରଖ, ପାଭୁଆ, ତୁ ଯାଆନି ।"

"ମୁଁ ମାରିବନି, ଫୁଲ !"

—"ତୁ ମତେଭ ଭଲ ପାଉନୁ ?"

—"ପାଏଁ ଫୁଲ, ଜୀବନରେ ମୁଁ ସବୁଠାରୁ ତତେ ବେଶି ଭଲପାଏଁ; ଏଥିରେ କୌଣସି ଭୁଲ ନାହିଁ ।"

—"ତେବେ ମୋ ପାଇଁ, ମୋ ମୁହଁକୁ ଚାହିଁ ତୁ କ'ଣ ଏମିତ ଅନ୍ୟାୟ କାମରୁ ଅଲଗା ହୋଇପାରିବୁନି ?"

—"ନା ।"

—"କାହିଁକି ?"

—"ଯେତେ ଭଲ ପାଇଲେ ବ କଥା ରଖିବା ମରଦ ପିଲାର ମରଦପଣିଆ । ମୁଁ ତାକୁ ତଳେ ପକେଇ ଦେଇ ପାରିବନି, ଫୁଲ ! ମୋ ଦେହରେ ପାହାଡ଼ି ରକ୍ତ ଅଛି । ଜାତିପୁଅଙ୍କୁ କଥା ଦେଇ କଥାର ଖିଲାପ୍ କରିବା ସବୁଠୁ ମୋ ପାଖେ ବଡ଼ ଅନ୍ୟାୟ ହେବ ।"

ପାଭୁଆ ଫୁଲ ହାତରୁ ନିଜର ହାତ ଟାଣିଆଣି ଦ୍ରୁତଗତିରେ ଅନ୍ଧାର ଭିତରେ କୁଆଡ଼େ ଅଦୃଶ୍ୟ ହୋଇଗଲା ।

## —ପାଞ୍ଚ—

ଯନ୍ତ୍ରଣାରେ ପଡ଼ିରହି ଫୁଲର ମୁଣ୍ଡ ଗରମ ହୋଇଉଠିଲା । ଆଖିକୁ ନିଦ ଆସୁନି । ଉଠି ବସିଲା । ଲୋକଟା ସାଙ୍ଗରେ ସେଇ ଥରଟିଏ ଦେଖା; ତା'ର ପାଇଁ ତା ମନରେ ଆଶଙ୍କା ଆଉ ଉଦ୍‌ବେଗର ଅନ୍ତ ନାହିଁ । ଲୋକଟା କ'ଣ ମନ୍ତ୍ର ଜାଣେ ? ତା'ର ପରମ ଶତ୍ରୁ ପାଭୁଆ ବି ତ ଟିକିଏ ଆଗରୁ ତା'ର ଆଶ୍ଚର୍ଯ୍ୟ କ୍ଷମତାର ପ୍ରଶଂସା କରିଗଲା । କ'ଣ ସେ କ୍ଷମତା ? କ'ଣ ତା'ର ଗୁଣ ?

ଧନଞ୍ଜୟ ତ ନିଜ ମୁହଁରେ ଫୁଲ ପାଖରେ ସ୍ୱୀକାର କରିଚି—
ସ ମାତାଲ, ଲମ୍ପଟ । ତେବେ ସେ ଭଲ ହେଲା କେମିତି ? ମନେ
ନେ ଫୁଲ ତା ସମ୍ବନ୍ଧରେ ଏମିତି ଅନେକ ପ୍ରଶ୍ନ ସୃଷ୍ଟି କରିବାକୁ
ଗିଲା । ମାଆ ଶୋଇପଡ଼ିଚି । ଫୁଲ ଭାବିବାରେ ଲାଗିଚି ।
ାହାରଟା ଅନ୍ଧାରରେ ପୂରିଯାଇଚି । ଫୁଲ ଭିତରେ ବସି ମଧ
ାଣିପାରିଚି । ଘର ପାଖଦେଇ ଶୁଖିଲା ପତ୍ର ଉପରେ ପାଦ ଶବ୍ଦ
ରି କରି କ'ଣ ଗୋଟାଏ ଜନ୍ତୁ ସ୍ୱଚ୍ଛନ୍ଦ ଭାବରେ ଚାଲିଗଲା ।

ସେ ଏମିତି ସ୍ୱଚ୍ଛନ୍ଦ ହୋଇପାରୁନି କାହିଁକି ?

କାଲି ସକାଳେ ସେ ଧନଞ୍ଜୟକୁ ଝରଣା ଦେଖାଇଦେବାର
ଥା ।

କିନ୍ତୁ କି ଭୟଙ୍କର ! ଏ କଥା ତା'ର ଆଦୌ ମନେ
ଥିଲା । ରାତି ପାହିବା ପର୍ଯ୍ୟନ୍ତ ତା'ର କୌଣସି ବିପଦ ନ ଘଟିଲେ,
ତବେ ଯାଇ ସିନା ଝରଣା ଦେଖିବ ! ପାଲୁଆ କହିଦେଇ-
ାଇଚି, ଲଚ୍ଛୁଆ ଆଜ ରାତିରେ ଧନଞ୍ଜୟକୁ ହାଣିପକେଇବ !
ସମାନଙ୍କର ସଂକଳ୍ପ ଯେ କେତେ ସତ, କେତେ ଖିଷଣ, ଫୁଲକୁ
ସକଥା ଅଜଣା ନାହିଁ । ସେମାନଙ୍କର ସେଇ ପୈଶାଚିକ
ଡ଼ଯନ୍ତ୍ରର ଇଙ୍ଗିତଟା ବିଦ୍ୟୁତ୍‌ର ଚାବୁକ ଭଳି ତା'ର ମନକୁ ସଚେତନ
ରିଦେଲା···ଅଯାଗାରେ, ଅତର୍କିତ, ଭାବରେ, ଶୋଇବା ଅବସ୍ଥାରେ
ାଣ ହରେଇବ । ଉଃ···!

କିନ୍ତୁ ଉପାୟ କ'ଣ···?

ଫୁଲ ଠିକ୍ କଲା, ସେ ଲଚ୍ଛୁଆ ପାଖକୁ ଯିବ; ତା ପାଖକୁ
ାଇ ଅନୁରୋଧ କରିବ—ଲୁଟ୍ କର, କ୍ଷତି ନାହିଁ; କାହାରିକୁ
ାଣରେ ମାରନି । ସେ ସବୁ ବଡ଼ ଭୟଙ୍କର କାମ । କିନ୍ତୁ
ଚ୍ଛୁଆ କ'ଣ ତା'ର ଅନୁରୋଧ ରଖିବ ? କାହିଁକି ରଖିବନି ?

ସେ ବି ତ ପାଭୁଆ ଭଳି ପିଲାଦିନେ ତା ସଙ୍ଗରେ ଏଇ ବ
ପାହାଡ଼ରେ ଖେଳିଛି, ବୁଲିଛି, ଗଛରେ ଚଢ଼ି କେତେ ଆମ୍ବ
କୋଳି ତୋଳିଦେଇଛି ! ଏତକ ଅନୁରୋଧ···

ଫୁଲ ମତ ପରିବର୍ତ୍ତନ କଲା। ତା'ର ଅନୁରୋଧ କିଛି କ
ନୁହେଁ। ଆଉ ଲଚ୍ଛିଆକୁ ବର୍ତ୍ତମାନ ସେ ପାଇବ କେଉଁଠି ? ଏବେ
ରାତିପାଏ ସେ କେବେହେଲେ ଘରେ ନ ଥିବ। ସଂକଳ୍ପସିଦ୍ଧି
ଉପାୟ ପାଇଁ ଖୁବ୍ ସମ୍ଭବ ସେ ବାହାରେ କେଉଁଠି ଥିବ ଏବଂ ସେ
ସେଠାରେ ଏକୁଟିଆ ନ ଥିବ। ଦଳର ଅନ୍ୟ ଲୋକମାନେ, ଏମିତି
ପାଭୁଆ ବି ବର୍ତ୍ତମାନ ସେଠାରେ ଥିବ। ଯଦିଓ ଲଚ୍ଛିଆ ତା'
ଅନୁରୋଧ ରଖିବାକୁ ରାଜି ହୁଏ, ପାଭୁଆ ସେଥିପାଇଁ ବାଧା ଦେବ
ପାଭୁଆକୁ ସେ ଜାଣେ। ପୃଥିବୀ ଓଲଟପାଲଟ ହୋଇଗଲେ ବି ତ
କଥାରୁ ସେ ତିଳେ ହେଲେ ଏପଟ ସେପଟ ହେବନି ! ଏଗୁଡ଼
କିନ୍ତୁ ଅନ୍ୟାୟ ସଂକଳ୍ପ। ତାକୁ ବାଧା ଦେବାକୁ ହେବ। କିନ୍ତୁ
କି ଉପାୟରେ ବାଧା ଦେବ ?

କୋଠାକୁ ଯାଇ ଧନଞ୍ଜୟଙ୍କୁ ସତର୍କ କରିଦେଇଆସିବ
ଏହା ବ୍ୟତୀତ ଆଉ ତ ଅନ୍ୟ କୌଣସି ରାସ୍ତା ନାହିଁ। କିନ୍ତୁ ଏ
ରାତିରେ, ଏକୁଟିଆ ତାକୁ କୋଠାଆଡ଼େ ଗଲାବେଳେ କେହି ଯଦି
ଦେଖିପକେଇବ ତା'ହେଲେ ତା'ର ଅପବାଦର ଆଉ ଅ
ରହିବନି। ତେବେ ଭୟ କଣ ଅଛି ? ଯଦି କେହି ଦେଖିବ, ସେ
କହିଦେବ, 'ମୁଁ ଲଚ୍ଛିଆକୁ ଖୋଜିବାକୁ ଯାଉଛି। ଶୁଣିଛି
ସେମାନେ କୋଠି ପାଖରେ କେଉଁଠି ଥିବେ।' ପାଭୁଆ ପାଇଁ ଭ
କରିବାର ଆଉ କିଛି ନାହିଁ। ତା'ର ଅନୁରୋଧ ତ ସେ ରଖି
ପାରିଲାନି; ତେବେ ସେ ବା କାହିଁକି ତାକୁ ପାପ କାମରେ ବାଧା
ଦେବନି ?

ଫୁଲ ଉଠିପଡ଼ିଲା ।

ମାଆ ନିଶ୍ଚିନ୍ତରେ ଶୋଇଛି । ଫୁଲ ଖଣ୍ଡେ କଳା ରଙ୍ଗର କମ୍ବଳ ନେଇ ଭଲ ଭାବରେ ଘୋଡ଼ାଇ ହୋଇପଡ଼ିଲା । ପଛକୁ ଫେରି ଚାହିଁଲା । ନା, ମାଆ ଶୋଇପଡ଼ିଛି । ଏଇନେ ଉଠିବାର ସମ୍ଭାବନା ନାହିଁ । ଆଲୁଅଟାଏ ସାଙ୍ଗରେ ନେବ କି ନାଇଁ ଠିଆ ହୋଇ କିଛି ସମୟ ଭାବିଲା । ନା, ଏଇ ଅନ୍ଧାରରେ ଯିବାଟା ଭଲ ।

ଧୀରେ ଧୀରେ ଫୁଲ ଦୁଆର ଖୋଲିଲା । ବାହାରେ କନକନିଆ ଥଣ୍ଡା ପବନ ଖେଳୁଛି । ଯେମିତି ପବନର ତାଳେ ତାଳେ କିଏ ଦୀର୍ଘ ନିଶ୍ୱାସ ପକାଉଛି । ଆକାଶରେ ଗୋଟାଏ ହେଲେ ତାରାର ଦେଖା ନାହିଁ । ଫୁଲ ବାହାରୁ ଦୁଆର ଆଉଜାଇ-ଦେଲା । ତା'ପରେ ଦ୍ରୁତ କମ୍ପିତ ପଦରେ, କଠିନ ବନ୍ଧୁର ପାର୍ବତ୍ୟ ଭୂମି ଉପରି ଦେଇ ରାସ୍ତା କାଟି ଚାଲିବାକୁ ଲାଗିଲା ।

କୁହୁଡ଼ିଘେରା ଗଛପତ୍ର ଦେହରେ ଜୁଳୁଜୁଳିଆ ପୋକ ଉଡ଼ି ଜମେଇଛନ୍ତି । ଆଶଙ୍କାରେ, ଉଦ୍‌ବେଗରେ, ଶୀତରେ ଫୁଲର ଭିତର ବାହାର କମ୍ପିବାରେ ଲାଗିଛି । ସେ ଦ୍ରୁତ ପଦକ୍ଷେପରେ ଜମିଦାରର କୋଠା ଆଡ଼େ ଆଗ୍ରସର ହେବାକୁ ଲାଗିଲା ।

କିନ୍ତୁ ଫୁଲ କାହିଁକି ଯାଉଛି ? କୋଉ ଆକର୍ଷଣରେ ସେ ଟାଣିହୋଇ ଚାଲିଛି ? ଏ କଣ ଅନାସ୍ୱାଦିତ ବେଦନାମଧୁର ଅଭିସାର ? ପାହାଡ଼ ଝିଅ ଫୁଲ ସେସବୁ କିଛି ବୁଝେନି । ତଥାପି ସେ ଚାଲିଛି; ତା'ର ସମ୍ମାନବୋଧକୁ ଅବଜ୍ଞା କରି, ତା'ର ନାରୀତ୍ୱ, ସତୀତ୍ୱକୁ ଅବହେଳିତ କରି ଅଗ୍ରସର ହେଉଛି । କାହିଁକି ?

କେଜାଣି କାହିଁକି ?

—ଛଅ—

କୋଠାର ଖାସ ମହଲରେ ସେତେବେଳକୁ ଉତ୍ସବର ସୀମା ନାହିଁ ।

ଗୋଟାଏ ମୂଲ୍ୟବାନ ଗାଲିଚ୍ଚ ଉପରେ କେତେଗୁଡ଼ାଏ ଲମ୍ବା ସିଲ୍କ ଶାଲୁ ବିଛାହୋଇଛି । ତା ଉପରେ ଇତସ୍ତତଃ ହୋଇ କେତେଟା ମଖମଲ ତକିଆ ପଡ଼ିଛି । ଆଗରେ ମଦର ବୋତଲ ଆଉ ଗ୍ଲାସ ଥୁଆ ହୋଇଛି ।

ଧନଞ୍ଜୟ ପାଖରେ ଗୋଟିଏ ସୁଶ୍ରୀ ତରୁଣୀ ବସିଛି । ବୟସ କୋଡ଼ିଏ ଭିତରେ ହେବ । ସେ ସହରର ଜଣେ ସାଧାରଣ ଗଣିକା । ତା'ର ନାମ କସ୍ତୁରୀ । କସ୍ତୁରୀ ପିଠିକୁ ଆଉଜି ବସିଚି ଧନଞ୍ଜୟର ପ୍ରଧାନ ବନ୍ଧୁ ନରେଶ । କକ୍ଷ ମଧ୍ୟରେ ଆଉ ଗୋଟିଏ ତରୁଣୀ ନାଚିବାରେ ଲାଗିଛି ।

ମୁହଁରେ ତା'ର ସିନେମା ଗୀତ :

···ଆଖୋଁମେ ବସ୍‌ଗୟା କୋଇରେ···
ମୁଝେ ନିନ୍ଦ ନ ଆୟେ ମୈ କ୍ୟା କରୁଁ···!

ନରେଶ ତକିଆ ଉପରେ ଗୋଟାଏ ଶକ୍ତ ଚୁପୁଡ଼ା ମାରି କହିଉଠିଲା, "ଆହା-ହା, ଗାଅ-ଗାଅ···ଗାଇଯାଅନା, ମୁଁ ନାଚୁଚି ।"

ଧନଞ୍ଜୟ ଗିଲାସେ ମଦ ଉଠାଇ ଧମକ ଦେଲାଭଳି କହିଲା, "ଫେର୍ ସେମିତି ମାତଲାମି ଆରମ୍ଭ କରିଦେଲୁଣି ! ନେ, ଏ ଗ୍ଲାସଟା ପିଇଦେଇ ଚୁପ୍‌ଚାପ୍ ବସ ।"

ନରେଶ ଆଉ କୌଣସି କଥା ନ କହି ଗ୍ଲାସଟା ନେଇ କାବେଳେ ଶେଷ କରି, ଶାଲୁ ଉପରେ ଲେଉଟିଇ ଶୋଇଦେଲା । ନଞ୍ଜୟ ଆଉ ଗୋଟିଏ ଗ୍ଲାସରେ ଅଳ୍ପ ମଦ ଢାଳି କସ୍ତୁରୀ ହାତକୁ ଢ଼ାଇଦେଇ କହିଲା, "ଦଅ, ତମେ ନିଜେ ମତେ ପିଆଇ- ଅ—ତମ ହାତରେ ଏତିକ ପାଇଲେ ଆତ୍ମାଟା ଥଣ୍ଡା ହେବ ।"

ସ୍ୱଭାବସିଦ୍ଧ ହସ ହସି କସ୍ତୁରୀ ମଦଗ୍ଲାସଟା ଧନଞ୍ଜୟ ହାତରୁ ନେଇ ପିଆଇ ଦେଇ ଦେଇ କହିଲା, "ଏମିତି ଟୋପାଏ ଜିନିଷ ୍'ଣ ଆତ୍ମା ଶୀତଳ କରେ ? ଯାହା ଖାଇପାରିବନି ସେଥିରୁ ାଙ୍ଗରେ ଗୁଡ଼ାଏ ବୋହିବା ଦରକାର କଣ ?"

ଧନଞ୍ଜୟ ସିଧା ହୋଇ ବସିଲା; କହିଲା, "କଣ କହିଲ ? ାଇପାରୁନି ? ଆଚ୍ଛା, ଦେଖ—"

ଲାଗଲାଗ ବୋତଲରୁ ପୂରା ଦୁଇଗ୍ଲାସ ମଦ ଢାଳି ଧନଞ୍ଜୟ ିଇଦେଲା । ତା'ପରେ, ଖୁବ୍ ଅଳ୍ପ ସମୟ ଭିତରେ ବେକଟାକୁ ାଙ୍ଗି ତକିଆ ଉପରେ ଢଳିପଡ଼ିଲା ।

କସ୍ତୁରୀ ଓଠ ଚପି ହସିବାକୁ ଲାଗିଲା । ଆଗରେ ନାଚୁଥିବା ିଅଟିକୁ ଚାହିଁ କହିଲା, "ଏଥର ବସିପଡ଼, ମଞ୍ଜରୀ ! ଗୁଡ଼ାଏ ାଚିଲୁଣି ।"

ମଞ୍ଜରୀ ବସିପଡ଼ି ଧନଞ୍ଜୟ ଆଡ଼େ ଚାହିଁ ସାମାନ୍ୟ ହସିଦେଇ କହିଲା, "ଓ, ଜମିଦାର ସାହେବ ତ ଏକାବେଳେ ହାଲିଆ ! ାଚ୍ଛା, ଖାଆନ୍ତି କାହିଁକି କହିଲୁ ?"

ନରେଶ ଉତ୍ତର ଦେଲା, "ପଇସା ଅଛି ବୋଲି ଖାଉଚନ୍ତି । ାଇସା ଥିଲେ ଆମେ ବି ଖାଆନ୍ତେ ଏବଂ ଖୁଆନ୍ତେ । ଅଭାବରୁ ାକବଳ ଖାଇପାଉନୁଁ । ଏ ଜନ୍ମରେ କ୍ଷମା କରି ନେଇଯିବା ।

ପର ଜନ୍ମରେ ଖୁଆଇବା । ଆସ ଆସ, ତମ ଗୋଡ଼ରୁ ଘୁଙ୍ଗୁର-ଗୁଡ଼ାକ ଖୋଲିଦିଏଁ ।"

ମଞ୍ଜରୀ ମୁହଁ ବୁଲେଇ କହିଲା, "ଥାଉ, ଥାଉ, ଆଉ ରସିକତା କରିବା ଦରକାର କ'ଣ ?"

—"ରସିକତା ? ଗୁଣ ଅଛି—ଏଇ ଦେଖ—"

ନରେଶ ଉଠିଆସି ପାଦରୁ ଘୁଙ୍ଗୁରଗୁଡ଼ା ଖୋଲିଦେବାରେ ଲାଗିଲା ।

କସ୍ତୁରୀ କହିଲା, "ମଞ୍ଜରୀର ଜୀବନ ସାର୍ଥକ ହେଇଗଲା ! ଆମକୁ ବାସିରେ କିଏ ପଚାରୁଛି !"

ନରେଶ କହିଲା, "ଶ୍ରୀମତୀଙ୍କ ଗୋଡ଼ରେ ହାତ ଦେବି କିଏରେ ବାବା, ଯଦି ମାନ କରି ବୁଲେଇକରି ଗୋଇଠା ମାରିଦିଅ ?"

କସ୍ତୁରୀ କୃତ୍ରିମ ରାଗରେ ଓଠ ଫୁଲେଇ କହିଲା, "ସତେ ! ଆଚ୍ଛା, ଦେଖିବି—"

ମଞ୍ଜରୀ ଗୋଡ଼ରୁ ଘୁଙ୍ଗୁର ଖୋଲିଦେଇ ନରେଶ କହିଲା, "ବକସିସ ?"

—"ପରେ ମିଳିବ ।"

କହିଦେଇ ମଞ୍ଜରୀ ବେଶପୋଷାକ ବଦଳେଇବାପାଇଁ ଅନ୍ୟ ଘରକୁ ଚାଲିଗଲା । ନରେଶ ଆସି କସ୍ତୁରୀ ପାଖରେ ବସିଲା । ତା'ର ଗୋଟାଏ ହାତ ଟାଣିନେଇ ଛାତିଉପରେ ଚାପିରଖି କହିଲା, "ଆମେ ଠିକ୍ ଅଛେଁ । ସେ ସିନା ଗୋଟାଏ ଢ'ଟା ଗ୍ଲାସରେ ଢାଳିଲେଇ ପଡ଼ିଲା । ହେଲେ ମୁଁ ସେମିତି ନୁହେଁ—ଆଉ କିଛି ମିଳିଲେ ଯାଇ ଚଳିବ ।"

କହୁକହୁ ନରେଶ କସ୍ତୁରୀର କାନ୍ଧ ଉପରେ ଗୋଟାଏ ହାତ ଦେଇ ବସିଲା ।

ହଠାତ୍ ମଞ୍ଜୁଶ୍ରୀ ଫେରିଆସି କହିଲା, "ଜମିଦାର ସାହେବଙ୍କୁ ଏ ଭେଟେଇଦିଅନ୍ତୁ, ନରେଶବାବୁ, କିଏ ଗୋଟିଏ ଝିଅ ଆସି ଜୁଛି ।"

ନରେଶ କସ୍ତୁରୀର କାନ୍ଧ ଉପରୁ ହାତଟା ଉଠାଇଆଣି ଲା, "କାହାକୁ ଖୋଜୁଛି ?"

—"ଜମିଦାରସାହେବଙ୍କୁ । କହିଲା, କହିବ ଯେ ସ୍କୁଲ ଝି ଛି ।"

ନରେଶ ଆଖି ବୁଜି କ'ଣ ଭାବିବା ପରେ କହିଲା, "କାଇଁ, ଣ୍ଡି ନାଆଁର କୌଣସି ଝିଅକୁ ଚିହ୍ନିଲା ପରି ତ ମନେ ହେଉନି । ଛା, ଦେଖିଆସିବା, କେମିତିକା ସେ ଜନ୍ତୁ ।"

ମଞ୍ଜୁଶ୍ରୀ କହିଲା, "ଜନ୍ତୁ ନୁହେଁ, ମଣିଷ । ଆପଣଙ୍କର ଯିବା ଦରକାର ନାହିଁ । ଖାଲି ଜମିଦାରସାହେବଙ୍କୁ ଭେଟେଇଦିଅନ୍ତୁ । ତାଙ୍କୁ ଡାକିଆଣୁଛି—କ'ଣ ଜରୁରୀ କଥା ଅଛି ।"

"ଆଚ୍ଛା, ହଉ, ନେଇଆସ ତାଙ୍କୁ । ମୁଁ ଭେଟେଇଦେଉଛି ।"

ନରେଶ ଧନଞ୍ଜୟର ଘୁମନ୍ତ ଦେହରେ ପ୍ରବଳ ବିକ୍ରମରେ ଲା ଓଟଗ୍ରା ଲଗେଇଦେଲା । ମଞ୍ଜୁଶ୍ରୀ ଝିଅଟିକୁ ଡାକି ଆଣିବା-ଇଁ ଚାଲିଗଲା । ଅନେକ ଠେଣାଓଟଗ୍ରା ପରେ ଧନଞ୍ଜୟ ଉଠି ଲା ; ଆଖି ମଳିଚି, ଚାରି ଆଡ଼କୁ ଚାହିଁ ପଚାରିଲା, "କ'ଣ ହେଲା ? ଭାଙ୍ଗିଲୁ କାହିଁକି ?"

—"ଆଉ ସେ ଢଙ୍ଗ ଦେଖାଉଚ୍ଛ ଭାଇ, କାହିଁକି ? ଫୁଲ ଚି, ବଡ଼ ହାତରେ ତତେ ଖୋଜୁଛି । ଯାହା ହଉ ଭାଇ, ଦେଖୁଛି, ଗାଡ଼ରେ ଅଛୁ ।"

ନରେଶ ହସିବାକୁ ଲାଗିଲା ।

ଧନଞ୍ଜୟ ବିରକ୍ତ ହୋଇ କହିଲା, "ତାହାଙ୍କ ମିଛଟାରେ ବଦଳୁ ? ମୁଁ ଜାଣେ ? ... ... ଯେମିତି ନାଆଁରେ ମୁଁ କାହାକୁ ଚିହ୍ନିନି ! ... ... ଦରକାର ? ଆଚ୍ଛା, ଡାକିଆସ..."

... ଧନଞ୍ଜୟ ପିଠିରେ ହାତ ଥାପୁଡ଼ାଇ କହିଲା, "ମେଳପୁ ଭାଇ, କେମିତି ଜିନିଷ ଆଗେ ପରୀକ୍ଷା କରି ଦେଖାଯାଉ ।"

ଧନଞ୍ଜୟ କଠିନ ଗଳାରେ କହିଲା, "ଓଃ, ଚୁପ୍ ହ ସଦାନନ୍ଦବାବୁ..."

ମଞ୍ଜରୀ ପଛେ ପଛେ ଆସି ଫୁଲ ଠିଆ ହେଲା ।

ତା ଉପରେ ନଜର ପଡ଼ିବାମାତ୍ରେ ଧନଞ୍ଜୟର ମୁହଁ ଉଜ୍ଜ୍ୱଳ ହୋଇଉଠିଲା । କୌଣସିପ୍ରକାରେ ଉଠି ଠିଆ ହୋଇ କହିଲା, "ତମେ ଫୁଲ ?...ସେଦିନବେଳେ ତ ନାଆଁ କହି ନ ଥିଲ ? ଆସ ହଠାତ୍ ଏତେ ରାତିରେ କୁଆଡ଼େ ଆସିଲ ? କ'ଣ ତମ ଦରକାର ?"

ଫୁଲ ଆଗକୁ ଆସିଲା । ଧନଞ୍ଜୟର ଟଳୁଥିବା ଅବସ୍ଥା ଦେଖି ତା'ର ଗୁଣ୍ଡି ଭିତର ଭାଙ୍ଗିପଡ଼ିବାକୁ ଲାଗିଲା । ସେ ଭାବ ଦ୍ୱନ୍ଦ ଦମନ କରି ଫୁଲ କହିଲା, "ମୁଁ ହଜୁରଙ୍କୁ ଗୋଟାଏ ବିଶେଷ କଥା ଜଣେଇବାକୁ ଆସିଛି ।"

—"ବିଶେଷ କଥା ?"

—"ହଁ, ବିଶ୍ୱାସ କରିବେ ତ କହିବି ; ନହେଲେ..."

—"ବିଶ୍ୱାସ କରିବି—କୁହ ।"

ଫୁଲ କହିବାକୁ ଲାଗିଲା, "ଆଜ ଆପଣଙ୍କର ସିରସ୍ତା ଦି'ପହର ବେଳେ ବସିଥିଲା, ଏବଂ ଅନେକ ଟଙ୍କା ଖଜଣା ଆଦାୟ ହୋଇଥିଲା

ଜାମାନେ ଦଳ ବାନ୍ଧି ଆଜ ରାତିରେ ହଜୁରଙ୍କର ଏଇ କୋଠାରୁ ସେ
ଙ୍କା ଲୁଟ୍ କରି ନେଇଯିବେ ବୋଲି ଶୁଣିପାରିଲି ।"

—"କାହା ପାଖରୁ ଶୁଣିଲ ?"

—"ସେକଥା କହିବାର ଅଧିକାର ମୋର ନାହିଁ । କେବଳ ।ବଧାନ ହୋଇ ରହିବେ, ଏତିକ ଜଣେଇଦେବାକୁ ଆସିଚି ।"

—"ଏତିକ ତୁମେହିଁ ଫୁଲ, ଏଇ ଯଥେଷ୍ଟ । କିନ୍ତୁ ମୁଁ ାବୁଚି..."

—"ଆହୁରି ବି ଶୁଣିଚି, ସେମାନେ କେବଳ ଟଙ୍କାପଇସା ାଟ୍ କରି ଅଣ୍ଡା ପଡ଼ିବେନି ; ସୁବିଧା ପାଇଲେ ହଜୁରଙ୍କୁ ବି ାରିପକେଇବେ । ସେମାନେ କୃତସଂକଳ୍ପ ।"

—"ଏସବୁର କାରଣ କ'ଣ, ଜାଣିଚ ?"

—"ଅନେକ କାରଣ ରହିଚି, ସେସବୁ ପରେ ଶୁଣିବେ । ାପଣଙ୍କର ସିପାଇମାନଙ୍କୁ ନିଦରୁ ଉଠେଇଦିଅନ୍ତୁ—ସେମାନେ ତିସାରି ଯେମିତି ଜଗିରହନ୍ତି । ପାରିବେ ତ ଆପଣମାନେ ମଧ୍ୟ ହିଁରହନ୍ତୁ । ମୋର ସମୟ ନାହିଁ । କେବଳ ଗୋଟାଏ ଗୁହାରି..."

—"କ'ଣ, କୁହ ।"

—"ମୁଁ ଯେ ଆଜ ରାତିରେ ଆପଣଙ୍କର ଏଠିକି ଆସିଥିଲି, କଥା ଯେମିତି ଆପଣଙ୍କ ପ୍ରଜାମାନଙ୍କ ଭିତରୁ କେହି ଭୁଲରେ ଣା ନ ଜାଣେ ।"

—"କାହିଁକି, ଫୁଲ ?"

—"ମୁଁ ବି ଆପଣଙ୍କର ପ୍ରଜା ଏବଂ ଆପଣଙ୍କର ପ୍ରଜାମାନେ ବି ାଚ ବିଶ୍ୱାସ କରନ୍ତି ।"

—"ସେ ବିଶ୍ୱାସ ତମେ ଭାଙ୍ଗିଦେଲ କାହିଁକି, ଫୁଲ ?"

—"ଆଜ ମୋର ସମସ୍ତ ନାହିଁ । ତେବେ, କାହିଁକ, ସେକଥ
ଜାଣେନ । ଶୁଣିଚ, ସେମାନେ ପ୍ରଥମେ ଆପଣଙ୍କ ତମ୍ବୁଗୁଡ଼ାକେ
ନିଆଁ ଲଗେଇଦେବେ ; ଏହା ଭିତରେ ସେମାନେ ହୁଏତ ପାହା
ତଳେ ଆସି ଏକଜୁଟ ହେଇସିବେଣି । ପ୍ରଥମେ ଆପଣଙ୍କ ତମ୍ବୁ
ଲୋକମାନଙ୍କୁ ଉଠେଇଦଅନ୍ତୁ । ···ତା' ଆଗରୁ ମତେ ଏଠାରୁ
କିଛିଦୂର ଚାଲିଯିବାକୁ ଦଅନ୍ତୁ ।"

ଫୁଲ ଦ୍ରୁତଗତିରେ କକ୍ଷ ତ୍ୟାଗ କରି ବାହାରର ଅନ୍ଧା
ଭିତରେ ମିଶିଗଲା ।

ଘର ଭିତରେ ଚାରୋଟି ପ୍ରାଣୀ ନିସ୍ତବ୍ଧ, ବିସ୍ମିତ ଏବଂ ଭୟ
ବିହ୍ୱଳ ହୋଇ ପରସ୍ପରଆଡ଼କୁ ଚାହିଁ ଠିଆହୋଇ ରହିଲେ ।

କାନ୍ଦ କାନ୍ଦ ହୋଇ କସ୍ତୁରୀ ନରେଶର ହାତ ଧରିପକେ
କହିଲା, "କ'ଣ ହେବ, ନରେଶବାବୁ ?"

ନରେଶ କହିଲା, "ଆଉ ହେବ କ'ଣ ! ଚାହିଁରହିଲେ
ରକ୍ଷା ମିଳିବନି । ମଉଜ କରିବାକୁ ଆସି ଅଖାଡ଼ୁଆରେ ଜୀବନ
ଗଲା । ଆମର ଏ ସଉକିଆ ସିପେଇ ପାହାଡ଼ି ଦଳଙ୍କୁ ଦେଖି କରି
ନ ଯୋଡ଼ିଲେ ହେଲା ।"

ମଞ୍ଜରୀ କହିଲା, "ତା' ଅପେକ୍ଷା ଚୁପ୍‌ଚାପ୍ ପଳେଇଚାଲ ।"

ନରେଶ ହତାଶାବ୍ୟଞ୍ଜକ ମୁଖଭଙ୍ଗୀ କରି କହିଲା, "ପଳେ
ଯିବାର ବି ବାଟ ଆଉ ନାହିଁ । ସେମାନେ ଯେ ଏହା ମଧ୍ୟରେ କୋ
ଚାରିପାଖରେ ଘେରିଯାଇ ନ ଥିବେ ସେ କଥା କିଏ କହିବ ?"

ଏକଥା ଶୁଣିବା ପରେ କସ୍ତୁରୀ କାନ୍ଦିପକେଇଲା ।

ନରେଶ ଆଡ଼େ ଚାହିଁ ଧନଞ୍ଜୟ କହିଲା, "ମାଇପି ଲୋକଙ୍କ ହାତ ଧରି ଏପରି ଚେଲକ କାଢ଼ିବାରେ କିଛି ଲାଭ ନାହିଁ, ନରେଶ ! ବାହାରକୁ ଯାଇ ସିପେଇମାନଙ୍କୁ ଉଠେଇ ଦେ, ସେମାନେ ଲାଇନ୍ ଲଗେଇ ରାସ୍ତାସାରା ଚାହିଁ ରହନ୍ତୁ ।"

କିନ୍ତୁ ନରେଶ କିଛି ନ କହି ଠିଆହୋଇ ରହିଲା ।

ଧନଞ୍ଜୟ ପଚାରିଲା, "ଠିଆ ହେବାକୁ ଆଉ ବେଳ ନାହିଁ; ସିଏ କ ନାଇଁ ମତେ ସେକଥା କହ ।"

ନରେଶ କହିଲା, "ବାହାରେ କୋଉଠି କିଏ ଯଦି ଲୁଚି ରହିଥିବ ? ଆରେ ବାପାରେ··· !"

ଧନଞ୍ଜୟ କହିଲା, "ଛେଲୁଆ କୋଉଠିକାର !"

ତା'ପରେ ସେ ଘରୁ ବାହାରି ଚାଲିଗଲା ।

ନରେଶ କସ୍ତୁରୀଆଡ଼େ ଚାହିଁ କହିଲା, "ସେ ବୀରତ୍ୱ ଫିରତ୍ୱ ଆମକୁ ଜଣାଅଛି ବାବୁ, ନିଶାଟା ଠିକ୍ ଥିଲେ ହେଲା ! ···କହିଲା — ଛେଲୁଆ ! ବାହାରେ ଯେମିତି ଶୀତ ପଡ଼ୁଚି ନା, ଥରେ ବାହାରକୁ ବାହାରିଲେ ନିଶା ଟିକକ ଏକାବେଳକେ ପାଣି ଫାଟିଯିବ । ସାଙ୍ଗରେ ଯେଉଁ ମାଇଚିଆ ସିପେଇ ଆସିଚନ୍ତି ସେମାନଙ୍କର କରାମତି ମତେ ଖୁବ୍ ଜଣାଅଛି । ନିଶା ଟିକକ ନ ଥିଲେ ପାହାଡ଼ିମାନେ ଆସିଲେ ମଣିଷ କୋଉ ବଳରେ ଲଢ଼ିବ ?"

ଧନଞ୍ଜୟ ବାହାରକୁ ଯାଇ ସବୁ ସିପେଇମାନଙ୍କୁ ନିଦରୁ ଉଠେଇଦେଲା । ରାସ୍ତାସାରା ସଶସ୍ତ୍ର ଭାବରେ ଆଲୁଅ ଲଗେଇ ଚାହିଁରହିବାପାଇଁ ନିର୍ଦ୍ଦେଶ ଦେଇଆସିଲା ।

ସେଇ ଉତ୍କଣ୍ଠିତ ରାତିର ପ୍ରତିଟି ମୁହୂର୍ତ୍ତ ଧନଞ୍ଜୟ ଭାବିବାକୁ ଲାଗିଲା, ଏମିତି ଶୀତକାଳର ରାତିରେ ତାକୁ ଖବର ଦେବାକୁ ଆସିବାରେ ଝିଅଟାର କ ଦରକାର ଥିଲା ? ତା'ର ଜୀବନର ସୁଖ-

ଦୁଃଖ ପ୍ରତି ଏତେଗୁଡ଼ାଏ ଉଦ୍‌ବେଗ ଏଇ ନିତାନ୍ତ ଅନାତ୍ମୀୟ ଝିଅଟା ଛଡ଼ା ଆଉ କେହି କେବେ ଦେଖାଇଛି କି ନାହିଁ, ସେକଥା ବି ସେ ମନେ କରିପାରିଲାନି ।

ଏବେ କୁଡ଼ିଆ ଭିତରେ ମାଆ ପାଖରେ ଶୋଇ, ଏତେ ବଡ଼ ରାତିଟା ଅନିଦ୍ରା ହୋଇ ଗୋଟାଏ ଝିଅ ବାରମ୍ବାର କାହାକୁ ଯେମିତି ପଚାରୁଥିଲା—ପ୍ରକୃତରେ ସେ କ'ଣ ହୀନ ? କେବଳ ଲମ୍ପଟ ? କେବଳ ମାତାଲ ?

## —ସାତ—

ରାତି ପାହୁ ନ ପାହୁଣୁ ଗୋଲକବିହାରୀ ଆସି ଧନଞ୍ଜୟର ଦ୍ୱାର ଆଗରେ ଠିଆହେଲେ ।

—"ହଜୁର ଘୁମିଁଚନ୍ତି ନା କ'ଣ ?"

—"ଭିତରକୁ ଆସନ୍ତୁ ।"

ଗୋଲକବିହାରୀ ଭିତରକୁ ଆସି କହିଲେ, "ହଜୁରଙ୍କର କିଛି ଗଣ୍ଡଗୋଳ ହୋଇନି ତ ?"

ସାମାନ୍ୟ ହସି ଧନଞ୍ଜୟ କହିଲା, "କାହିଁ, ସେମିତି କିଛି ଜଣାପଡ଼ୁନି ତ !"

ଗୋଲକବିହାରୀ ମୁହଁଟାକୁ ଗମ୍ଭୀର କରି ବିଜ୍ଞଙ୍କ ଭଳି କହିଲେ, "ଟୋକୀଟା ମିଛଟାରେ ଗୋଟାଏ ଭୟ ଦେଖେଇଦେଇ ଯାଇନି ତ ?"

ଧନଞ୍ଜୟ କହିଲା, "ମିଛରେ ଭୟ ଦେଖାଇ ତା'ର ଲାଭ କ'ଣ ? ସେ ତା'ର ସମ୍ବାଦ ଦେବା ପ୍ରତିବଦଳରେ କୌଣସି ପୁରସ୍କାର ବା ପାରିଶ୍ରମିକ ଇଚ୍ଛା କରିନି ।"

—"ସେକଥା ତ ସତ । ସେଇ ଭପୂଙ୍କର ଅଣ୍ଡାରେ, ଅନ୍ଧାର ତରେ…ହଁ, ଆଜିକାଲି ବଣପାହାଡ଼ରେ ନ ସେ ରୋଗ ଗିଗଲାଣି । ହଜୁରଙ୍କ ଦୃଷ୍ଟିରେ ପଡ଼ିବାପାଇଁ ବୋଧହୁଏ ଗୋଟାଏ ଳ କରି…କିନ୍ତୁ…ନା, ତା' ବି ନୁହେଁ । ମୁଁ ଗୋଟାଏ ଉପାୟ କ୍ କରିଚି, ହଜୁର !"

—"କି ଉପାୟ ?"

—"ଭାବିଥିଲି, ସେଇ ଝିଅଟାକୁ ହାତରେ ରଖି ଷଣ୍ଢ଼ଦଳର ଲୋକଗୁଡ଼ାଙ୍କୁ ଆଜ୍ଞା କରି ପରସ୍ତେ ନଚେଇଦେବା ।"

—"କାହିଁକି, ଦରକାର କ'ଣ ?"

—"ନାହିଁ ଆଜ୍ଞା, ସେମିତି କାରଣ କିଛି ନାହିଁ । ତେବେ ଯେତେହେଲେ ଏଗୁଡ଼ାକ ଖ୍ରୀଷ୍ଟଲୋକ—ବଦମାସ । ଏଇ ଝିଅଟାକୁ ସାକ୍ଷୀ କରି, କହିବେ ତ ମୁଁ ଏଇ ପାହାଡ଼ ଲୋକଗୁଡ଼ାଙ୍କୁ ଧେଇ-ଧେଇ କରି ମାଙ୍କଡ଼ନାଚ ନଚେଇଦିଅନ୍ତି ।"

—"ସେଥିରେ ଆମର ଲାଭ କ'ଣ ହେବ ?"

—"ଆଜ୍ଞା, ଯଥେଷ୍ଟ ଲାଭ । ଜୀବନ ନେଇଯିବାର ଚେଷ୍ଟା — କ'ଣ କହୁଚନ୍ତି, ହଜୁର ! ଏ କ'ଣ କମ୍ କଥା ? ଥରେ ଧରି ଡଙ୍କ ମୋଡ଼ ଦେଇଥିଲେ କାଳକାଳକୁ ପିଲାଙ୍କର ମନେରହିଥିବ ।"

—"ନା, ତହସିଲଦାର ଆପଣେ ! ମୁଁ ସେକଥା କରିପାରିବିନି ।"

—"କାହିଁକି, ହଜୁର ?"

—"ଝିଅଟି ମତେ ମନା କରିଯାଇଚି, ଏଠିକି ସେ ଆସିଥିଲା ବୋଲି କେହି ଯେମିତି ନ ଜାଣନ୍ତି ।"

ତୋଲକବହାଦୁର ହସିଉଠିଲେ ।

— "ହଜୁର ଯେତେବେଳେ ଧର୍ମରାଜ ଯୁଧିଷ୍ଠିର ହୋଇ ଜନ୍ମ ହୋଇନାହାନ୍ତି, ସେତେବେଳେ ତା' କଥା ନ ରଖିଲେ କ'ଣ ଭାସିଯିବ ?"

ଧନଞ୍ଜୟ କିଛି ନ ଭାବି କହିଲା, "ସେ ଯୁଧିଷ୍ଠିର କ'ଣ କରୁଥିଲେ ନ କରୁଥିଲେ ସେ ହିସାବରୁ ମତେ କ'ଣ ମିଳିବ ? ମୁଁ କିନ୍ତୁ ଜବାବ୍ ଦେଇଚି ।"

ଗୋଲକବହାଦୁର ବିନମ୍ର ହୋଇ କହିଲେ, "ଆଜ୍ଞା, କହୁଚି ବୋଲି କିଛି ଖରାପ ଭାବନ୍ତୁନି । ଏମିତି ନ କଲେ ଏ ପାହାଡ଼ିଆ ଦୁଷ୍ଟା ଲୋକଗୁଡ଼ାଙ୍କୁ କୌଣସି ପ୍ରକାରେ ଶାସନ କରିହବନି । ଯେତେବେଳେ ଗୋଟାଏ ସୁଯୋଗ ମିଳିଚି, ଠିକିଏ ଭାବି ଦେଖନ୍ତୁ ।"

ଧନଞ୍ଜୟ ଉତ୍ତର ଦେଲା, "ଭାବି ଦେଖିବାର କିଛି ନାହିଁ । ଉପକାରର ଉପକାର ମୁଁ ଜୀବନରେ ଖୁବ୍ କମ୍ କରିଚି । କିନ୍ତୁ ଆଜି ମନେହେଉଚି ସେଇଟା ମୋର ଗୌରବର କାରଣ ନୁହେଁ । ଜୀବନରେ କଥା ଦେଇ କଥାର ଖିଲାପ୍ କରିବାଟାକୁ ଆଜଯାଏ ମୁଁ ବଡ଼ ମନେକରୁଥିଲି । କିନ୍ତୁ ଏ ସୁଯୋଗକୁ ମୁଁ ଅବହେଳା କରିପାରିବନି । ପାହାଡ଼ିମାନେ ଶାସନ ନ ହୁଅନ୍ତୁ । ଜମିଦାରୀ ଉଡ଼ିଗଲେ ବି ନୁହେଁ ।"

ଜମିଦାରଙ୍କର ମୁହଁର ଭାବ ଦେଖି ଗୋଲକବହାଦୁର ଆଉ କିଛି କହିବାପାଇଁ ସାହସ ପାଇଲେନି ।

ଧୀରେ ଧୀରେ ସେ ନିଜ ଯାଗାକୁ ଚାଲିଗଲେ ।

ମଞ୍ଜରୀ ଘରଭିତରକୁ ଆସିଲା । ମୁହଁଟା ତା'ର ଭୀଷଣ ଗମ୍ଭୀର ।

ଧନଞ୍ଜୟ ଏ ଗମ୍ଭୀରତାର କାରଣ ମଞ୍ଜରୀକୁ ପଚାରିଲା ।

ମଞ୍ଜରୀ ଅନେକ ସମୟ ନିଃଶବ୍ଦରେ ଠିଆହୋଇ ରହିଲା । ପରେ କହିଲା, "ଗୋଟାଏ କଥା କହିବ ?"

ଧନଞ୍ଜୟ କହିଲା, "କାହିଁକି, କହିବାରେ କ'ଣ ଅଛି ? ।"

ମଞ୍ଜରୀ କହିଲା, "ମତେ କହିବେ କ, କସ୍ତୁରୀ କ'ଣ ନରେଶ-ଙ୍କ ସାଙ୍ଗରେ ଆସିଛି ?"

ହସିବାର ଚେଷ୍ଟା କରି ଧନଞ୍ଜୟ କହିଲା, "କାହିଁକି, କ'ଣ ଇଚି ?"

ମଞ୍ଜରୀ କହିଲା, "ଆସନ୍ତୁ ମୋ ସାଙ୍ଗରେ—ଦେଖେଇ-ଚି ।"

ଫୁଲ ସଙ୍ଗେ ଆଉ ଝରଣା ଦେଖିଯିବାପାଇଁ ଧନଞ୍ଜୟ ବ୍ୟସ୍ତ ଥିଲା; ପଚାରିଲା, "କ'ଣ ଦେଖାଇବ ?"

ମଞ୍ଜରୀ କହିଲା, "ଆସୁନା'ହାନ୍ତୁ !"

ଅନିଚ୍ଛାସତ୍ତ୍ୱେ ଧନଞ୍ଜୟ ମଞ୍ଜରୀକୁ ଅନୁସରଣ କରିବାକୁ ଲା ।

ପାଖ ବଖରାଟାରେ ନରେଶ ରହେ । ମଞ୍ଜରୀ ତାକୁ ସେଠାକୁ ଇଗଲା । ଘରର ଦ୍ୱାରଟାକୁ ନିଃଶବ୍ଦରେ ଖୋଲିଦେଇ ମଞ୍ଜରୀ ଲା, "ଭିତରକୁ ଦେଖନ୍ତୁ ।"

ଧନଞ୍ଜୟ ଦେଖିଲା, ନରେଶ ଆଉ କସ୍ତୁରୀ ଗୋଟାଏ ାରେ ଗାଢ଼ ନିଦରେ ଶୋଇପଡ଼ିଚନ୍ତି ।

ଦୁଆର ବନ୍ଦ କରିଦେଇ ମଞ୍ଜରୀ କହିଲା, "ଏମାନଙ୍କର କ ପରି ଏଇୟା । କିନ୍ତୁ ହଜୁର ତ ଜୀବ ଥିବାଯାଏ ବନ୍ଧୁଙ୍କୁ ଶ୍ୱାସ କରିବେନି । କସ୍ତୁରୀ ବି ଆପଣଙ୍କୁ ସବୁଠୁ ବଡ଼ ଦେଖା-ଚି··· । ପ୍ରତିଦିନ ଏଇୟା ହେଉଚି । ଅନ୍ୟଦିନେ ରାତି

ପାଇବା ଆଗରୁ ପଳେଇଯାଏ । ହଜୁରଙ୍କର ତ ନିଶାରେ ଖିଆ
ନ ଥାଏ । କିଛି ତ ଜାଣିପାରନ୍ତିନି । କାଲି ରାତିସାରା ଗୁହିଁ ଗୁ
ଭୋରବେଳକୁ ବୋଧହୁଏ ଶୋଇପଡ଼ିଚନ୍ତି; ତେଣୁ ଉଠିବା କଥ
ଆଉ ମନେ ନାହିଁ । ପ୍ରତି ଦିନ ଭାବେ ଆପଣଙ୍କୁ ଜଣେଇ ଦେବ, ଆ
ଆଉ ନଜଣେଇ ରହିପାରିଲିନି । ଯା'ର କିଛି ବ୍ୟବସ୍ଥା କରନ୍ତୁ ।'

ଧନଞ୍ଜୟ ମନେ ମନେ ହସିଲା । ଭାବିଲା, କିଛି ଦିନ ଆଗ
ଏ ଘଟଣା ଜାଣିପାରିଥିଲେ ହୁଏତ ତା'ର ଦୁଃଖ ଏବଂ କ୍ରୋଧ
ଆଉ ଅନ୍ତ ରହି ନ ଥାନ୍ତା । କିନ୍ତୁ ଆଜ କେଜାଣି କାହିଁକି ଘଟଣାଟା
ନିରର୍ଥକତା ହିଁ ତା ପାଖରେ ପ୍ରଧାନ ହୋଇଉଠିଲା । ଧନଞ୍ଜ
ବୁଝିଲା, ଏ କିଛି ନୂଆ ନୁହେଁ । ଏମାନଙ୍କର ଗୁଣ ହେଉଚି ଏଇଆ
ତଥାପି ତା'ର ଟିକିଏ ହେଲେ ଦୁଃଖ ହେଲାନି । ପ୍ରଶାନ୍ତ ହସରେ
ତା'ର ମୁହଁ ଉଜ୍ଜ୍ୱଳ ହୋଇଉଠିଲା ।

ମଞ୍ଜରୀ ପଚାରିଲା, "ଚୁପ୍ ହୋଇ ରହିଲେ ଯେ ହଜୁର
କିଛି କହିବେନି ?"

ଧନଞ୍ଜୟ କହିଲା, "କଣ କହିବି, କହ । ତମେ କ
ଭାବୁଚ, ମୁଁ ଏହା ଆଗରୁ କସ୍ତୁରୀକୁ ଚିହ୍ନିନି ? ତମେ କଣ ଭାବୁ
କେବଳ ତମେ ମୋର ହିତ କାମନା କରି ଆଜ ଘଟଣାଟା ମ
ଜଣେଇଦେଲ ? ଏଥିରେ ତମର କୌଣସି ସ୍ୱାର୍ଥ ନାହିଁ ?"

ଅଭିମାନରେ ମଞ୍ଜରୀ ଆଖିରେ ଲୁହ ଜକେଇ ଆସିଲା । ମୁ
ବୁଲେଇ କହିଲା, "କାହିଁକି, ମୁଁ ହଜୁରଙ୍କର କଣ କରିଚ
ହଜୁରଙ୍କର ଭଲ ହବାଲାଗି ଗଲାବେଳକୁ ମତେ ହଜୁର ଅବିଶ୍ୱାସ କରୁଚନ୍ତି !

ଧନଞ୍ଜୟ ବଡ଼ ପାଟିରେ ହସିଉଠିଲା । କହିଲା, "ନା, ତ
ସତୀଶିରୋମଣି !"

ମଞ୍ଜରୀ କହିବାକୁ ଲାଗିଲା, "ପୋଡ଼ା କପାଳ ହୋ
ସିନା ଏ ବ୍ୟବସାୟ ଧରିଚି । ତା ବୋଲି ଏମିତି ଅପମାନ

ଶ୍ୱାସରେ ବିଷ ଦେଇ, ବନ୍ଧୁ-ବାନ୍ଧବ କିମ୍ବା ଲୋକଟା ବସିବସି
ଧ୍ୱଂସ କରିଦେଉଛି । ଶେଷକୁ କହିଲ ବୋଲି ମୁଁ ହେଲି
ଷୀ ! କାହିଁକି, ହଜୁରଙ୍କର ମୁଁ କଣ କରିଛି ? ମୁଁ କସ୍ତୁରୀ
ହେଁ···! ଏମିତି ଟାଣ ଟାଣ କଥା ସହି ମୁଁ ରହିପାରିବନି । ଭଲ
ଲାଗୁଛି ତ ମତେ ବିଦା କରିଦିଅନ୍ତୁ ।"

ଧନଞ୍ଜୟ ଆଗ ଭଳି ପୁଣି ହସିଉଠିଲା ।

କହିଲା, "ତମେ ଭାବୁଛ ଯେ ମଞ୍ଜୁଷା, ତମରି ଗଣ୍ଡିବଧି
। ପାଖରେ ଏକାବେଳେ ଦୁର୍ବୋଧ ରହିଛି । କିଛି ଦିନ ପୂର୍ବେ
ଛ ସେଇଆ ଥିଲା । କିନ୍ତୁ ଆଜି ମୁଁ ତୁମମାନଙ୍କୁ ଭଲ ଭାବରେ
ଣିପାରିଛି । ନରେଶ ପାଖରେ କସ୍ତୁରୀ ଯାହା, ତମ ପାଖରେ
ରେଶ ବି ସେଇଆ । ଠିକ୍ ଜାଣେନି, ଗଲା ରାତିରେ ଏମିତି କିଛି
ଟାଏ ଘଟିଛି, ଯାହା ଫଳରେ ତମେ କସ୍ତୁରୀ ବା ନରେଶ
ରେ ରାଗିଯାଇଛ ଏବଂ ସେଥିପାଇଁ ସେମାନଙ୍କର କୀର୍ତ୍ତି-
ପ ଜଣେଇଦେବାକୁ ଆସିଛ । ନ ହେଲେ, କୌଣସି ଶୁଭ
ତୁମକୁ ଏ କାମରେ ପ୍ରରୋଚିତ କରିନି । ଦିନେ ଦୁଇଦିନ
ର ଯଦି କସ୍ତୁରୀ ଆସି ମତେ ତମ ଘରକୁ ଟାଣିନିଏ ଏବଂ ମୁଁ
ଦେଖେଁ, ସେଠାରେ ତମେ ଏକା ନାହିଁ—ନରେଶ ବି ଅଛି,
ଥିରେ ବି ମୁଁ ଏତେ ଟିକିଏ ଆଶ୍ଚର୍ଯ୍ୟ ହେବିନି । ସୁତରାଂ ଯିବାକୁ
ଅଛି ତ ଯାଅ ; ରହିବାର ଇଚ୍ଛା ଥିଲେ ରୁହ । କୌଣସି
ର ବ୍ୟବସ୍ଥାରେ ମୋର କୌଣସି ଆପତ୍ତି ନାହିଁ । ତୁମମାନଙ୍କର
ମ ମୋର ଅନାବଶ୍ୟକ । ଦେହର ଲାଳସା ଧରି ମୁଁ କେବେ
ମାନଙ୍କୁ ଆଣିନି । କେବଳ ତମରିମାନଙ୍କ ବୟସରେ ବ୍ୟସ୍ତ
ଲେ ମୋର ଚଳିବନି ।"

ଧନଞ୍ଜୟର ସନ୍ଦେହ ମିଛ ନୁହେଁ । ନିଜର ମନୋଭାବ ପର ପାଖରେ ଏମିତି ଭାବରେ ଧରା ପଡ଼ିଯିବ ବୋଲି ମଞ୍ଜରୀ କେବେ ଭାବି ନ ଥିଲା । ସେ ଚୁପ୍‌ଚାପ୍ ଠିଆହୋଇ ରହିଲା ।

ଧନଞ୍ଜୟ ଚାଲିଗଲା ।

ମଞ୍ଜରୀର ଦୁଇ ଆଖିରୁ ଯେମିତି ନିଆଁ ଖେଳେଇ ପଡ଼ୁଚି ।

## —ଆଠ—

ରାସ୍ତାରେ ଯାଉ ଯାଉ ଧନଞ୍ଜୟ ତା'ର ମନଭିତରେ କେଉଁଠି ଯେମିତି ଗୋଟାଏ ପୁଲକ ବୋଧ କରିବାକୁ ଲାଗିଲା । ଗତ ରଜନୀର ଉତ୍କଣ୍ଠା ଯେ ଆଜିବି ଏକାବେଳେ ନାହିଁ, ସେକଥା ନୁହେଁ । ପାହାଡ଼ମାନଙ୍କର ଅତ୍ୟାଚାର ଯେକୌଣସି ମୁହୂର୍ତ୍ତରେ ବି ଆରମ୍ଭ ହୋଇଯାଇପାରେ । ତା ଛଡ଼ା ଆଜି ସକାଳଠାରୁ ନରେଶ ଆଉ କସ୍ତୁରୀ ଏବଂ ମଞ୍ଜରୀକୁ ନେଇ ଗୋଟାଏ ଘଟଣା ଘଟିଯିବା; ତଥାପି ଯେମିତି ମନଟା ତା'ର ଅତି ବେଶି ଭାରାକ୍ରାନ୍ତ ନୁହେଁ । ମନେହେଉଚି, ସେ ଯେମିତି ରାତିସାରା ଅନିଦ୍ରା ରହି ଆଜିକାର ଏଇ ସକାଳଟା ପାଇଁ ପ୍ରତୀକ୍ଷା କରିଥିଲା ।

କାଲି ଯେଉଁ ସ୍ଥାନରେ ଫୁଲ ସଙ୍ଗେ ପ୍ରଥମେ ସାକ୍ଷାତ ହୋଇଥିଲା, ଧନଞ୍ଜୟ ଆସି ସେଇଠାରେ ଠିଆହେଲା । ଫୁଲ ଆସିନି । ଠିଆ ହୋଇ ହୋଇ ଧନଞ୍ଜୟ ବିରକ୍ତ ହୋଇଉଠିଲା, ତା'ପରେ ଚାଲିଆଗେ଼ ଯିବାକୁ ଲାଗିଲା । କିଛିଦୂର ଆଗେଇ ଯାଇ ପଛକୁ ଫେରି ଚାହିଁବାମାତ୍ରେ ଦେଖିପାରିଲା, ଫୁଲ ଧାଇଁ ଧାଇଁ ଆସୁଚି ।

ଧନଞ୍ଜୟ କହିଲା, "ତମକୁ ଅପେକ୍ଷା କରି କରି ବିରକ୍ତ ହୋଇପଡ଼ିଥିଲି । ଭାବିଲି, ହୁଏତ ଭୁଲିଯାଇଚ । ଏତେ ଡେରି କଲ କାହିଁକି ?"

ଫୁଲ ଭୟଙ୍କର ଭାବରେ କୁଣ୍ଠା ବୋଧ କରିବାକୁ ଲାଗିଲା । କାଲି ଯେତେବେଳେ ସେ ଝରଣାର ରାସ୍ତା ଦେଖାଇଦେବାର ପ୍ରତିଶ୍ରୁତି ଦେଇଥିଲା, ସେତେବେଳେ ତା ମନରେ କିଛିମାତ୍ର ଆଗ୍ରହ ମଧ୍ୟ ନ ଥିଲା । ନିତାନ୍ତ କର୍ତ୍ତବ୍ୟବୋଧରୁ ସେ ରାଜି ହୋଇଯାଇଥିଲା । ଆଜି ସେ ଚୁପ୍‌ଚାପ୍ ମୁହଁ ତଳକୁ କରି ଠିଆହେଲା ।

ଧନଞ୍ଜୟ କହିଲା, "ଠିଆ ହୋଇ କିଛି ଲାଭ ନାହିଁ, ଫୁଲ ! ଉପରବେଳା ମତେ ଟିକିଏ ଅନ୍ୟ ଯାଗାକୁ ଯିବାର ଅଛି । ଝରଣାଟା ଚଞ୍ଚଳ ଦେଖିଆସିବା ଦରକାର ।"

ଫୁଲ କୁଣ୍ଠିତ ପଦରେ ଅଗ୍ରସର ହେଲା ।

କିଛି ଦୂର ଆଗେଇଯିବା ପରେ ଅସ୍ଫୁଟ ଗଳାରେ ପଚାରିଲା, "କାଲି କିଛି ଗଣ୍ଡଗୋଳ ହୋଇନି ତ ?"

ସାମାନ୍ୟ ହସି ଧନଞ୍ଜୟ କହିଲା, "ନା, ତହସିଲଦାର ଗୋଲକବିହାରୀ କହୁଥିଲେ—ତମେ କେଉଁଠି ମିଛରେ ଆମମାନଙ୍କୁ ଡରେଇଦେଇ ଆସିଲ । କିନ୍ତୁ ମୁଁ ସେ କଥା ବିଶ୍ୱାସ କଲିନି । ଏମିତି ଅନ୍ଧାର ଆଉ ଶୀତକାକର ଭିତରେ ମିଛ କଥା କହିବା ପାଇଁ କିଏ ବା କାହିଁକି ଯାଆନ୍ତା ?"

ଫୁଲ ଉତ୍ତର ଦେଲା, "ଅନ୍ତତଃ ମୁଁ ଯାଇ ନ ଥାନ୍ତି ।"

—"ସେକଥା ବି ମୁଁ ଜାଣେ । କିନ୍ତୁ ତମେ ବା କାହିଁକି ଯାଇଥିଲ, ସେ କଥା ବି ମୋ ପାଖରେ ଖୁବ୍ ସ୍ପଷ୍ଟ ନୁହେଁ । ସେମାନେ ଯଦି ମୋର ସମ୍ପତ୍ତି ଲୁଟି କରନ୍ତି ବା ମତେ ହାଣି ପକେଇ

ଦେଇ ଯାଆନ୍ତ, ସେଥିରେ ତମେ ବି ତ ଖୁସି ଛଡ଼ା ଅଖୁସି ହୋ
ନ ଥାନ୍ତ···! ମୁଁ ତ ତମର ଶତ୍ରୁ !"

ଫୁଲ କହିଲା, "ହଜୁର ଯେ ମୋର ମିତ୍ର ନୁହନ୍ତି; ସେକ
ଜାଣେ । କିନ୍ତୁ ଶତ୍ରୁ ହେଲେ ବି ତାଙ୍କୁ ଅସାବଧାନ ବେଳେ
କେହି ହାଣିଦେବ, ଏକଥା ମୁଁ ସହିପାରେନି । ଆପଣ
କୋଠାରେ ବାଉସାଣ୍ଟ ଆଲୁଅ ଜଳୁଥିଲା ବୋଲି କେହି ପିବାପା
ସାହସ କରି ପାରି ନାହାନ୍ତି । ଆଜି ବି ସାବଧାନରେ ରହିବେ ।"

—"ରହିବି । ଆଜିଠାରୁ ଯେଉଁ କେତେଟା ଦିନ ବଞ୍ଚି
ସେ କେତୁଟା ଦିନର ଜୀବନକୁ ତମରି ଦାନ ବୋଲି ମନେ ରଖିବି
ଝରଣା କେତେ ଦୂର, ଫୁଲ ?"

—"ଆଉ ଟିକିଏ ଆଗରେ ।"

—"କିନ୍ତୁ ତମେ ଆସିବାରେ ଏତେ ଡେରି କାହିଁକି କଲ
ସେକଥା କହିଲନି ତ ? କ'ଣ ଆସିବାକୁ ଭୟ ଲାଗୁଥିଲା ?"

—"ଜନ୍ମବେଳୁ ଆମେ ଏଇ ବଣ ପାହାଡ଼ରେ ମଣି
ହେଉଛୁ । ଭୟ କ'ଣ ସେକଥା ଆମେ ଜାଣୁନା । ଆଜି ସକାଳ
ହଠାତ୍ ଗୋଟାଏ ଉଚ୍ଚ ଯାଗାରୁ ପଡ଼ି ମାଆର ମୁଣ୍ଡ ଫାଟିଯାଇଛ
ସେଇଥିପାଇଁ······"

—"ଆଘାତଟା କଣ ଜୋର୍ ହୋଇଛି ?"

—"ଜୋର୍ ନୁହେଁ ତ ଆଉ କ'ଣ ? ରକ୍ତ ତ ମୋଟେ ବ
ହେଉନି ।"

—"ତମେ ତା'ହେଲେ କାହିଁକି ଆସିଲ, ଫୁଲ ?"

—"ହଜୁରଙ୍କୁ କଥା ଦେଇଥିଲି ।"

—"କେବଳ ଏଇଥିପାଇଁ ?"

—"ହଁ, ଆଉ କ'ଣ ?"

—"ଆଶ୍ଚର୍ଯ୍ୟ ! ଏଠି ଡାକ୍ତର କି ବୈଦ୍ୟ ନାହାନ୍ତି ?"

—"ଏଇଟା ଆପଣଙ୍କ ଇଲାକା । ଥିଲେ ଆପଣଙ୍କୁ ଅଜଣା ଥାଆନ୍ତା ।"

—"ତା ସତ । କିନ୍ତୁ ରହିବା ଉଚିତ । ନିକଟରେ କ ଜାଉଠି ଡାକ୍ତର ନାହାନ୍ତି ?"

—"ସେପଟେ ପଣ୍ଡାଗଡ଼ରେ ଡାକ୍ତର ବୈଦ୍ୟ ଅଛନ୍ତି । ସେ ଠିକି ଏଗାର କୋଶ ବାଟ ।"

—"ତେବେ ଝରଣା ଦେଖିବା ଦରକାର ନାହିଁ ; ଫେରି ଚାଲ । ଏବେ ବି ମୁଁ ଏତେଟା ସ୍ୱାର୍ଥପର ହୋଇନି । ତମର ାଆ ତମକୁ ଖୋଜୁଥିବେ ।"

—"ହେଲେ ହେଉ ; ବେଶି ଦୂର ନୁହେଁ, ଆମେ ଅଳ୍ପ ମୟ ଭିତରେ ଫେରିଆସିବା ।"

— "ଆଜି ଥାଉ ଫୁଲ, କାଲି ଆସିବା ।"

—"ପ୍ରତ୍ୟହ ଆପଣଙ୍କ ସଙ୍ଗେ ସାକ୍ଷାତ କରିବା ସୁବିଧା ମୋର ହେବନି ।"

—"ତା ବି ସତ ! ଏକଥା ଭୁଲିଯାଇଥିଲି । ତଥାପି ଫେରିଚାଲ, ସତରେ ଫେରିଚାଲ—ମୁଁ ତୁମର ଅପରିଚିତ ଏବଂ ଦେଶୀ, ଲମ୍ପଟ, ମାତାଲ ଏବଂ ଜମିଦାର । କିନ୍ତୁ ତୁମେ ସ୍ୱଚ୍ଛନ୍ଦରେ ଫେରିଯାଇପାର, ଫୁଲ, ଏବଂ ଆଜିର କ୍ଷତିପୂରଣ କରିବାକୁ କାଲି କିମ୍ବା ପରେ କୌଣସି ଦିନ ଅନୁରୋଧ କରିବନି । ତୁମେ ଫେରିଯାଅ । ମୁଁ କୋଠାକୁ ଫିବାମାତ୍ରେ ତୁମ ମାଆଙ୍କର ସୁଚିକିତ୍ସାର ବ୍ୟବସ୍ଥା କରିବ ।"

ଫୁଲ ଅଳ୍ପ ସମୟ ମୁହଁ ତଳକୁ କରି ଠିଆ ହୋଇ ରହିଲା । ତା'ପରେ କହିଲା, "ଝରଣା ପାଖରେ ଆସି ପହଞ୍ଚିଯାଇଚେଁ ।

ଏଠାରୁ ଫେରିଯାଇ କୌଣସି ଲାଭ ନାହିଁ । ଶବ୍ଦ ଶୁଣି-ପାରୁଛନ୍ତି ତ ?"

—"କାହାର ଶବ୍ଦ ?"

—"ଝରଣାର !"

ଜଳପ୍ରପାତର ଦୂରାଗତ ଶବ୍ଦ ଲକ୍ଷ୍ୟ କରି ଦୁହେଁ ଯାକ ଅଗ୍ରସର ହେବାକୁ ଲାଗିଲେ ।

ଚାରିପଟେ ନିବିଡ଼ ଜଙ୍ଗଲ । ସେଇ ବନାନୀକୁ ଦ୍ୱିଧା ବିଭକ୍ତ କରି ହୁ-ହୁ ଶବ୍ଦରେ ପ୍ରବଳ ଜଳଧାର ଛୁଟିଆସୁଛି । ଅଦୂରରେ ଗୋଟାଏ ଭଙ୍ଗା ଦେଉଳ । ଦେବତା ନାହାଁନ୍ତି କି ଭକ୍ତଦଳ ନାହାନ୍ତି । ପଛପାଖେ ବିରାଟ ପାହାଡ଼ । ଧନଞ୍ଜୟ ନୀରବରେ ସେଇ ମହାନ ଦୃଶ୍ୟଆଡ଼େ ଚାହିଁ ରହିଲା । ଭାରି ସୁନ୍ଦର ଦେଖାଯାଉଛି ।

ଫେରିଲାବେଳେ ଫୁଲ କହିଲା, "ଆମେମାନେ ଏ ଶବ୍ଦ-ଟାକୁ କ'ଣ କହୁଁ, ଜାଣନ୍ତି ହଜୁର ?"

ଧନଞ୍ଜୟ ପଚାରିଲା, "କଣ ?"

ଫୁଲ କହିଲା, "ଏଠି ଜଣେ ବଡ଼ ଧାର୍ମିକ ମୁନିଙ୍କର ଆଶ୍ରମ ଥିଲା । ଏବେ ବି ଅନେକ ଲୋକ ଦେଖିବାକୁ ଆସନ୍ତି । ଜଳଧାର ମଝିରେ ଗୋଟାଏ ବଡ଼ କଳା ପଥର ଅଛି । ସେଇଠି ବସି ସେ ତପସ୍ୟା କରୁଥିଲେ ।"

—"ଓ..."

—"ତେଣୁ ଏ ଶବ୍ଦଟାକୁ ଆମେ ମୁନିଙ୍କର ବେଦ ପଢ଼ିବା ଶବ୍ଦ କହୁଁ ।"

—"ଅଚ୍ଛା, ସେ କଣ ଏବେ ବି ବେଦ ପଢ଼ୁଛନ୍ତି ?"

—"ପଢ଼ୁଥିବେ କେଯାହୁଏ, ମରିଛି ଜଣାନାହିଁ ।"

—"ଦେବତା କ'ଣ ମରନ୍ତି ?"

—"ନା ।"

—"ତା'ହେଲେ ନିଶ୍ଚୟ ସେ ଏଙ୍କ ବ ବେଦ ପଡ଼ୁଥିବେ ।"

ଉଭୟେ ନିଃଶବ୍ଦରେ ଚାଲିବାକୁ ଲାଗିଲେ ।

କିଛିଦୂର ଯିବାପରେ ଧନଞ୍ଜୟ କହିଲା, "ଦେଖ ଫୁଲ, ଜମିଦାରକୁ ତମେମାନେ ଭୟ କର କାହିଁକି ? ତମମାନଙ୍କର ଅଭାବ ଅଭିଯୋଗ ମତେ ଜଣାଅନି କାହିଁକି ? ଏଇଯେ ଏଠି ଡାକ୍ତର କି ବୈଦ୍ୟ ନାହାନ୍ତି, ଏ କଥା ତ ମୁଁ କିଛି ସମୟ ଆଗରୁ ଜାଣି ନ ଥିଲି ତମେମାନେ ମତେ ଏତେଟା ଭୟ ନ କଲେ ଚଳିବ ।"

ଫୁଲ କହିଲା, "ଜଣେଇଲେ କୌଣସି ଲାଭ ହୁଏନି, ତେଣୁ କେହି ଯାଇ ଜଣେଇବାକୁ ଇଚ୍ଛା କରନ୍ତିନି ।"

—"ଲାଭ ହୁଏନି, କିଏ କହିଲା ?"

—"ଏପର୍ଯ୍ୟନ୍ତ ହେଇଛି ?"

—"ଆଚ୍ଛା, ଏଥର ଦେଖ । ମୁଁ ଫେରିଯାଇ ଏ ଅଞ୍ଚଳ ପାଇଁ ଜଣେ ଡାକ୍ତର ନିଯୁକ୍ତ କରିବି । କୋଠାଟା ତ ଆମର ଖାଲି ପଡ଼ିଥାଏ । ସେ ଆସି ସେଇଠି ରହିବେ ।"

ଫୁଲ କିଛି ସମୟ କୌଣସି କଥା ନ କହି ଚୁପ୍ ହୋଇ ରହିଲା । ତା'ପରେ କହିଲା, "ଡାକ୍ତର ପଠେଇ କୌଣସି ଲାଭ ନାହିଁ । କାରଣ ପାହାଡ଼ିମାନେ ଆଜିଯାଏ ଡାକ୍ତରୀ ଚିକିତ୍ସା ଉପରେ ବିଶ୍ୱାସ କରି ଭଳି ସଭ୍ୟ ହେଇନାହାନ୍ତି । ସେମାନେ ଭାବନ୍ତି, ବଣର ଚେରମୂଳ-ଲତାପତ୍ର ଡାକ୍ତରୀ ଔଷଧ ଅପେକ୍ଷା ଭଲ ଗୁଣ ଦିଏ । ସୁତରାଂ ସେ ଚେଷ୍ଟା କରନ୍ତୁନି ।"

—"କାହିଁକି କରିବନି, ଫୁଲ ? ତମେମାନେ ତାଙ୍କୁ ବିଶ୍ୱାସ କର ବା ନ କର, ମୁଁ ମୋର କର୍ତ୍ତବ୍ୟ କରିବି ।"

—"କର୍ତ୍ତବ୍ୟ ସମ୍ବନ୍ଧରେ ଆପଣ ଏତେ ସଜାଗ ?"

—"କାହିଁକି, ଫୁଲ ?"

—"କର୍ତ୍ତବ୍ୟ କଥା କେବଳ ଦିନବେଳେ ମନେଥାଏ !"

—"କାହିଁକି ?"

—"ରାତିରେ ଉତ୍ସବ କକ୍ଷରେ ବସି କିଏ ଏସବୁ ମନେ କରନ୍ତି ?"

ଧନଞ୍ଜୟ କିଛି ସମୟ ପାଇଁ ଚୁପ୍ ହୋଇଗଲା । ତା'ପରେ କହିଲା, "ବୁଝିଛି, ଫୁଲ ! କାଲି ରାତିରେ ତମେ ମୋର ବିଳାସ କକ୍ଷର ମୂର୍ତ୍ତି ଦେଖିଆସିଛ—ନୁହେଁ ?"

ଫୁଲ ଚୁପ୍ ହୋଇ ରହିଲା ।

ଧନଞ୍ଜୟ କହିଲା, "ପ୍ରକୃତରେ ଆଶ୍ଚର୍ଯ୍ୟ ଲାଗୁଛି । ଭଲ ହେବାପାଇଁ ମୋର ପ୍ରବଳ ଆଗ୍ରହ ଥିଲେ ମଧ୍ୟ, କୌଣସି ପ୍ରକାରେ ଭଲ ହୋଇପାରିଲିନି କାହିଁକି ? କିନ୍ତୁ ତମେ ବିଶ୍ୱାସ କର, ଫୁଲ, ସେଥିରେ ମୁଁ ଏତେ ଟିକିଏ ହେଲେ ଶାନ୍ତି ବା ତୃପ୍ତି ପାଏନି । ତା ସହିତ ମୋ ହୃଦୟର କୌଣସି ଯୋଗାଯୋଗ ନାହିଁ ।"

—"ତା'ହେଲେ ସେଗୁଡ଼ା ..."

—"ବିଶ୍ୱାସ କର, ସ୍ୱଚ୍ଛ ସ୍ୱାଦୁ ଜଳ ଟୋପାଏ ପାଏନି ବୋଲି ପଙ୍କ ଦୁଅ ଚକଟିବାରେ ଲାଗିଛି । ସେଥିରେ କ'ଣ ତୃଷା ମେଣ୍ଟେ, ଫୁଲ ?"

ଫୁଲ କୌଣସି କଥା କହିଲାନି । ମୁହଁ ଗମ୍ଭୀର କରି ଚୁପ୍-ଚାପ୍ ଶୁଣିବାକୁ ଲାଗିଲା ।

ଧନଞ୍ଜୟ କହିଲା, "ମୋ କଥା ବିଶ୍ୱାସ କରିପାରୁ ନ, ଫୁଲ ? କିନ୍ତୁ ମୋ ଜୀବନର ସମସ୍ତ କାହାଣୀ ଶୁଣିଲେ ତମେ ହୁଏତ ଅବିଶ୍ୱାସ କରିବନି । ଶୁଣିବ ଫୁଲ, ମୋର ଅତୀତର ଇତିହାସ ?"

—"କହନ୍ତୁ ।"

ଧନଞ୍ଜୟ କହିବାକୁ ଲାଗିଲା, "ସବୁଦିନେ ମୁଁ ଏମିତି ନଥିଲି । ସବୁଦିନେ ମଦ ଆଉ ନାଚ ମୋର ସାଥୀ ନ ଥିଲେ । ରାଜବଂଶର ପିଲାମାନେ ଲେଖାପଢ଼ା ଚର୍ଚ୍ଚା ଖୁବ୍ କମ୍ କରନ୍ତି । କାରଣ ବଡ଼ ହୋଇ ସେମାନଙ୍କୁ ଟଙ୍କା ପଇସାର ଚର୍ଚ୍ଚା କରିବାକୁ ହୁଏ । କିନ୍ତୁ ମୁଁ ଥିଲି ତା'ର ବ୍ୟତିକ୍ରମ । ଦରିଦ୍ର ପ୍ରଜାମାନଙ୍କର ଉପକାର କରିବା ଆଶାରେ ଦିନେ ଚିକିତ୍ସାବିଦ୍ୟା ଅଭ୍ୟାସ କରିବାକୁ ଗଲି । ସେତିକିବେଳେ ମୋର ବିବାହ ହୋଇଥିଲା···ଓଃ···କ'ଣ ହେଲା ?"

ଫୁଲ ସିଧା ଭାବରେ ଠିଆ ହୋଇପଡ଼ି କହିଲା, "କିଛି ନାହିଁ, ଗୋଟାଏ ପଥର ଝୁଣ୍ଟି ପକେଇଲି ।"

ଧନଞ୍ଜୟ କହି ଚାଲିଥିଲା, "ସ୍ୱପ୍ନ ଭଳି—ପାଣି ଭଳି ବିବାହର ଦୁଇଟା ବର୍ଷ ଅତୀତ ହୋଇଗଲା । ମୁଁ ସେତେବେଳେ ସହରରେ ଥାଏଁ । ରାଜବାଟିକୁ ଫେରିବାପାଇଁ ପ୍ରାଣଟା ସଦାବେଳେ ବ୍ୟାକୁଳ ହେଉଥାଏ । କିନ୍ତୁ ବୁଝିପାରିଲିନି ଫୁଲ, ସେ ମିଳନ ମୋର ଅସମ୍ପୂର୍ଣ୍ଣ ରହିଗଲା ।"

ଆହତ, ବିସ୍ମିତ କଣ୍ଠରେ ଫୁଲ ପଚାରିଲା, "କ'ଣ ହେଲା ?"

—"ଶୁଣ, କହୁଚି । ମୋର ସ୍ତ୍ରୀ ମୋତେ ଭଲ ପାଏନି; କାରଣ ପିଲାଦିନେ ସେ ତାଙ୍କ ଗାଆଁର ଆଉ ଜଣକୁ ଭଲ ପାଉଥିଲା । ଦୁଇବର୍ଷ ଆମ ରାଜପ୍ରାସାଦରେ କଟେଇ ହଠାତ୍ ଦିନେ ସେ ତାଙ୍କ ଗାଆଁକୁ ଚାଲିଗଲା ।···କିନ୍ତୁ, ସନ୍ଧାନ ନେବାରେ ଜଣାପଡ଼ିଲା, ସେ ଗାଆଁକୁ ଯାଇନି । ସେଉଁ ପିଲାଟି ତାକୁ ନେବାକୁ ଆସିଥିଲା, ତା'ରି ସାଙ୍ଗରେ କୁଆଡ଼େ ପଳେଇଯାଇଚି ।···ସେ ଖବର ପାଇବାମାତ୍ରେ ମୋ ପାଖରେ ପୃଥିବୀଟା ଖୁବ୍ ଛୋଟ ହୋଇ-

ଯାଇଥିଲି । ନିଜକୁ ଆଉ ନିଜେ ବିଶ୍ୱାସ କରିପାରିଲିନି । ତା'ପର ଠାରୁ ମୁଁ ଏମିତି ନରକର ଯାତ୍ରୀ ହୋଇଉଠିଲି...''

ଧନଞ୍ଜୟ ଆଖିରେ ଦୁଇ ଟୋପା ଲୁହ ଟଳଟଳ କରୁଥିଲା ।

ଫୁଲ ଅଲକ୍ଷ୍ୟରେ ନିଜ ଆଖିରୁ ଗଡ଼ିଆସୁଥିବା ଲୁହ ପୋଛି ନେଲା ।

ଦୁହେଁଯାକ ନୀରବରେ ଚାଲିବାକୁ ଲାଗିଲେ ।

ପାହାଡ଼ ଉପରକୁ ଉଠିବା ରାସ୍ତା ପାଖରେ ଆସି ଫୁଲ କହିଲା, "ମା'ଆଙ୍କୁ ଦେଖିବାପାଇଁ ମୋ ସଙ୍ଗେ ଆମ ଘରକୁ ଯିବା କିଛି ଦରକାର ନାହିଁ । ଆପଣ କୋଠାକୁ ଫେରିଯାଆନ୍ତୁ ।''

ଆହତ କଣ୍ଠରେ ଧନଞ୍ଜୟ ପଚାରିଲା, "କାହିଁକି, ଫୁଲ ? ମୋର ଅପରାଧ କ'ଣ ?''

ଫୁଲ ରୁକ୍ଷ କଣ୍ଠରେ ଉତ୍ତର ଦେଲା, "ଅପରାଧ କିଛି ନାହିଁ ମୋର ଅନୁରୋଧ ।''

ଦ୍ରୁତ ପଦରେ ସେ ଉପରକୁ ଉଠିଗଲା ।

ଫୁଲ କାହିଁକି ତାକୁ ସାଙ୍ଗରେ ନେଇଗଲାନି, ତା'ର ନାନା କାରଣ ହୋଇପାରେ । ତା ମଧ୍ୟରୁ କେଉଁଟା ଠିକ୍ ତାହା ଧନଞ୍ଜୟ ବୁଝିପାରୁନି । ହଠାତ୍ ତା'ର ମନେ ହେଲା—ନିଜ ଜୀବନର କାହାଣୀ ସେ ଏଇ ପାହାଡ଼ ଝିଅଟା ଆଗରେ କାହିଁକି କହିବାକୁ ଗଲା ? ଏମାନେ ସରଳ, ସୁନ୍ଦର—ସେସବୁ ଏମାନେ ବୁଝନ୍ତି ନି ।

## —ନଅ—

କୋଠାକୁ ଫେରଆସିବାମାତ୍ରେ ନରେଶ ଆସି କହିଲା, "ସକାଳୁ ଉଠି ତୁ କୁଆଡ଼େ ଚାଲିଗଲୁ ? ଆଜ ଟିକଏ ଶିକାରକୁ ବାହାରିବାର ଇଚ୍ଛା ଥିଲା । କିନ୍ତୁ···"

ବାଧା ଦେଇ ଧନଞ୍ଜୟ କହିଲା, "ଏଠାରେ ସେସବୁ ଛାଣ୍ଡବଲ୍ଲା କରିବାକୁ ମୁଁ ଦେବନି ।"

ଏକାବେଳେ ଆଶ୍ଚର୍ଯ୍ୟ ହୋଇଯାଇ ନରେଶ ପଚାରିଲା, "କାହିଁକି ?"

ଧନଞ୍ଜୟ ଉତ୍ତର ଦେଲା, "ଖେଳ କଉତୁକ କରି ଜୀବଜନ୍ତୁଙ୍କ ରକ୍ତପାତରେ କୌଣସି ଲାଭ ନାହିଁ, ନରେଶ ! ମତେ ଘୋର କଷ୍ଟ ହୁଏ ।"

—"କଷ୍ଟ ହୁଏ ? ପୁଣି ତତେ ? ଅଥଚ ସେଥର ନରସିଂହପୁର ଜଙ୍ଗଲରେ ତ ତୁ ଦିନସାରା ଶିକାରରେ ମାତିଥିଲୁ । ଏମିତି କୌଣସି ଦିନ ନ ଥିଲା, ଯେଉଁଦିନ କି ତୋ ଗୁଳିଚ୍ଛଟରେ କୌଣସି ଜୀବ ନ ମରିଚି । କିନ୍ତୁ ଆଜ ··ବଡ଼ ଆଶ୍ଚର୍ଯ୍ୟ !"

ଧନଞ୍ଜୟ କହିଲା, "ପ୍ରକୃତରେ ଆଶ୍ଚର୍ଯ୍ୟ ନରେଶ, ପୁଣି ଅତିବ ଆଶ୍ଚର୍ଯ୍ୟ । ଯେଉଁ ଧନଞ୍ଜୟ ଦିନେ ନିଷ୍ଠୁର ହୋଇ ସ୍ତ୍ରୀଲୋକଙ୍କର ଧର୍ମ ନଷ୍ଟ କରିଚି, ନିରୀହ ପ୍ରଜାମାନଙ୍କ ଘରେ ନିଆଁ ଲଗେଇଦେଇ ଆନନ୍ଦରେ ହସିହସି ଗଡ଼ିଯାଇଚି, ଜଗତରେ ଏମିତି କୌଣସି ପାପ ନାହିଁ ଯାହା କି କରିବାକୁ ଭଲେ ହେଲେ ଦ୍ୱିଧା

ବୋଧ କରନ—ତା'ର ଆଜ ସାମାନ୍ୟ ପଶୁର ପ୍ରାଣ ନେବାରେ ବି ଏତେ ମମତା, ଏତେ ସଙ୍କୋଚ—ପ୍ରକୃତରେ ଆଶ୍ଚର୍ଯ୍ୟ ।"

—"କିନ୍ତୁ ଏ ସବୁର କାରଣ କ'ଣ ? ମୁଁ ଲକ୍ଷ୍ୟ କରୁଚି, ଏବେ ତୁ କେମିତି ଗୋଟାଏ ହେଇଯାଉଚୁ ! କିନ୍ତୁ କାହିଁକି ?"

—"ସେ କଥା ତ ମତେ ଜଣା ନାହିଁ, ନରେଶ ! ଯେଉଁ ଅଦୃଶ୍ୟ ପୁରୁଷ ଏତେକାଳ ମୋ ଅନ୍ତରକୁ ଗୋଟାଏ ନିଷ୍ଠୁର ପାଷାଣ କରି ରଖିଥିଲା, କେଉଁ ଯାଦୁମନ୍ତ୍ରରେ କେଜାଣି, କହିପାରୁନି, ଆଜି ହୁଏତ ସେ ସେଇ ପଥରଖଣ୍ଡକୁ ପାଖେଇ ଦେଇଚି । କରୁଣାର ଉତ୍ସ ମୁହଁ ଖୋଲିଯାଇଚି । ମୁଁ ପୁଣି ନିଜକୁ ନିଜେ ଚିହ୍ନି ପାରୁଚି । ବୁଝିଚି, ନିଷ୍ଠୁରତା ପାପ ; ତା'ର ବାହାରେ କରୁଣାଚଞ୍ଚଳ, ସ୍ନେହଶ୍ୟାମଳ ଆଉ ଗୋଟାଏ ଜଗତ ରହିଚି ।"

ମୁହଁଟା ଗମ୍ଭୀର କରି ନରେଶ କହିଲା, "ତୁ ତା'ହେଲେ ପୁରାପୁରି ଆଧ୍ୟାତ୍ମିକ ହେଇଉଠିଚୁ ?"

ଧନଞ୍ଜୟ କହିଲା, "ହୁଏତ ସେଇଟା ଠିକ୍ ।"

ନରେଶ ବିରକ୍ତ ହୋଇ ଚାଲିଗଲା ।

ଧନଞ୍ଜୟ କୋଠିର ଅଗଣାରେ ଠିଆ ହୋଇ ନିମ୍ନରେ ଥିବା ଶ୍ୟାମଳ ଉପତ୍ୟକାଆଡ଼େ ଚାହିଁ ରହିଲା । ଦୁଇକଡ଼େ ପ୍ରସାରିତ ଶ୍ୟାମ ଶସ୍ୟକ୍ଷେତ୍ର, ଶାଳ, ପିଆଶାଳ ବଣ, ଗୋରୁ ଚରୁଚନ୍ତି... ପାହାଡ଼ମାନେ ଯିବାଆସିବା କରୁଚନ୍ତି । ଚାହିଁ ଚାହିଁ ଧନଞ୍ଜୟ ଆଖିରେ ଲୁହ ଜକେଇଆସିଲା । ପ୍ରକୃତରେ ସେ କି ଜୀବନ ବହନ କରି ଚାଲିଚି ? ସ୍ନେହ ନାହିଁ, ମାୟା ନାହିଁ, ଶାନ୍ତି ନାହିଁ, ଶୃଙ୍ଖଳା ନାହିଁ—ନିର୍ମମ, କଠିନ, ଉଚ୍ଛୃଙ୍ଖଳ ଜୀବନ । ଅଥଚ ସେ ତ ଦିନେ ଭାବୁଥିଲା—ଏ ରାସ୍ତା ବ୍ୟତୀତ ସେ ଅନ୍ୟ କୌଣସିଥିରେ ଖୁସି ହେଇପାରିବନି ; ଏଇ ରାସ୍ତା ଧରି ତାକୁ ଚାଲିବାକୁ ହେବ ।

ଜଗତରେ ତା'ର ଦରକାର ନାହିଁ, ତେଣୁ ବିଳାସ ଭିତରେ ଆପଣାକୁ ନିଶ୍ଚିହ୍ନ, ବିଲୁପ୍ତ କରି ରଖିବାକୁ ହେବ । ଆଜି ତା'ର ମନେ ହେଲା, ଯେଉଁ ରାସ୍ତା ଧରି ସେ ଚାଲିଆସିଛି ସେଇଟା ଯେମିତି ଭୁଲ ସେମିତି ଉଦ୍ଦେଶ୍ୟହୀନ । ଜଗତରେ ବି ତା'ର ଦରକାର ଅଛି । ଆଉ ସେ ଦରକାର ପୃଥିବୀର ଅନ୍ୟମାନଙ୍କ ଅପେକ୍ଷା ଟିକେ ହେଲେ କମ ନୁହେଁ ।

କିନ୍ତୁ ଏମିତି କାହିଁକି ହେଲା ?

ଧନଞ୍ଜୟ ନିଜକୁ ନିଜେ ପ୍ରଶ୍ନ କରିବାକୁ ଲାଗିଲା ।

ଉତ୍ତରରେ କେବଳ ଫୁଲର ସେଇ ଖରୁ ଅନୁଯୋଗଟା ମନେ ପଡ଼ିଲା । ତା ଛଡ଼ା ଆଉ କିଛି ନୁହେଁ ।

କିନ୍ତୁ ସେଇ ମୃଦୁ କଣ୍ଠର ମୃଦୁତର ଅଭିଯୋଗଟାର ଶକ୍ତି ଏତେ ବେଶି ହେଲା କେମିତି ?

ଅନେକ ଥର ଧନଞ୍ଜୟ ମନେ ମନେ ସେଇ ପ୍ରଶ୍ନ କଲା; କିନ୍ତୁ ବିଶେଷ ସଦୁତ୍ତର ପାଇଲା ନାହିଁ ।

ଟିକିଏ ପରେ ଗୋଲକବିହାରୀ ଆସି ପହଞ୍ଚିଲେ ।

କହିଲେ, "ହଜୁର, ଗୋଟାଏ କଥା ଭାବୁଥିଲି ..."

ଧନଞ୍ଜୟ କହିଲା, "ଆପଣଙ୍କର କଥା ଭାବିବା ବିଷୟରେ ମୁଁ ଏଇଲାବେଳେ ଅସ୍ଥିର ହୋଇଉଠିଛି, ବିହାରୀବାବୁ ! କ'ଣ ଭାବୁଛନ୍ତି, ଶୁଣେ ? ପାହାଡ଼ିମାନଙ୍କର ସର୍ବନାଶ କଥା ନୁହେଁ ତ ?"

—"ନାଇଁ, ହଜୁର !"

—"ତେବେ କ'ଣ, କହନ୍ତୁ ।"

—"ଆଜି ସକାଳେ ଆଦାୟ ହୋଇଥିବା ଫସଲ ବିକ୍ରୀ ହୋଇଗଲା ।"

—"କେତେ ଟଙ୍କାରେ ଦେଲେ ?"

—"ଆଜ୍ଞା, ପାଞ୍ଚହଜାର ହେଲା ।"

—"ଆଉ, ତା'ପରେ ?"

—"ବର୍ତ୍ତମାନ ପାହାଡ଼ମାନଙ୍କର ଯେଉଁଭଳି ମନୋଭାବ, ସେଥିରେ ମୋ ବିବେଚନାରେ, ଖଜଣା ଆଦାୟ ଆଉ ଫସଲ ବର୍ଷର ସମସ୍ତ ଟଙ୍କା ଏଠାରେ ଆଉ ଫେକଇ ରଖିବା ଠିକ୍ ହେବନି । ଉବ ଫସଲ ବର୍ଷୀ ହେବାପାଇଁ ଅବଶ୍ୟ ଆଉ କିଛି ବାକି ଅଛି । ଥିଲେ ଥାଉ, ଆପଣଙ୍କର ଅନୁମତି ହେଲେ ମୁଁ ଟଙ୍କାଗୁଡ଼ା ବ୍ୟାଙ୍କକୁ ପଠେଇବାର ବ୍ୟବସ୍ଥା କରିବି ।"

—"କି ବ୍ୟବସ୍ଥା କରିବେ, ଶୁଣେ ?"

—"ଆଜ୍ଞା, ମୁଁ ଗୋଟାଏ ଉପାୟ ଠିକ୍ କରିଚି । ଯଦି ଅଭୟ ଦେବେ, କହିବି ।"

—"ସେ ଗୌରଚନ୍ଦ୍ରିକା ରଖନ୍ତୁ । ଗରିବ ପ୍ରଜାମାନଙ୍କ ଆଗରେ ତ ଟିକିଏ ହେଲେ ଡର ଭୟ ନ ଥାଏ । ଅତ୍ୟାଚାର କରିବା କିମ୍ବା ଆଦାୟ ବେଳେ ଜୋର ଜବରଦସ୍ତିରେ ତ ଟିକିଏ ହେଲେ ହେଳା ହୁଏନି ! କେବଳ ମୋ'ର ପାଖରେ ଏମିତି ହାତ ମକଚି ବିନୟ ପ୍ରକାଶ କରନ୍ତି କାହିଁକି ? ମନେ ରଖିଥିବେ, ଜମିଦାର ଯଦି ମଣିଷ ହୁଏ, ତେବେ ପ୍ରଜାମାନେ ବି ସେଇୟା । ଭୟ କରିବାକୁ ହୁଏତ, ସବୁ କ୍ଷେତ୍ରରେ ସମାନ ବ୍ୟବହାର ଦେଖାଇବା ଉଚିତ । ପ୍ରଜାମାନଙ୍କୁ ବି ମଣିଷ ଭଳି ଦେଖିବା ଉଚିତ ।"

—"ଆଜ୍ଞା, କଥାଟା ଶୁଣନ୍ତୁ । ସେମାନଙ୍କୁ ତ ମୁଁ କିଛି କମ୍ ଭୟ କରେନି ଏବଂ ସେଇଥିପାଇଁ ଉପାୟ ସ୍ଥିର କରିଥିଲି କେମିତି ଏମାନଙ୍କ ଆଖିରେ ଧୂଳି ଦେଇହେବ ।"

—"ଆଖିରେ ଧୂଳି ଦେବା କ'ଣ ଦରକାର ପଡ଼ୁଚି ?"

—"ଆଜ୍ଞା, କ'ଣ କହୁଚନ୍ତି, ହଜୁର ! କାଲି ରାତି କଥା କ'ଣ ଏହା ମଧ୍ୟରେ ଭୁଲିଗଲେଣି ? ଏ ହାରାମଜାଦାଗୁଡ଼ାକ···"

—"ସଂଯତ ହୋଇ କଥାବାର୍ତ୍ତା କରନ୍ତୁ । ଯେତେବେଳେ ଇଚ୍ଛା ସେତେବେଳେ ଏମିତିଗୁଡ଼ାଏ କହିବା ଭଦ୍ରତା ନୁହେଁ ।"

—"ଆଜ୍ଞା, ସେ କଥା କ'ଣ ଜାଣିନି ? ତେବେ ଗାଳିମନ୍ଦ କ'ଣ ମୁଁ ସେମାନଙ୍କୁ ଦେଉଚି ? ସେମାନଙ୍କ ସ୍ୱଭାବକୁ ଗାଳିମନ୍ଦ କରେଁ ହଜୁର, ନହାତି ଛୋଟଲୋକଗୁଡ଼ାକ ସବୁ !"

—"ଆଉ, ଆଉ । କ'ଣ କହୁଚନ୍ତି, କହନ୍ତୁ ।"

—"ଆଜ୍ଞା, ହଁ । ଭାବୁଥିଲି, ସିପେଇମାନଙ୍କୁ ସାଙ୍ଗରେ ନେଇ ଚୁପ୍‌ଚାପ୍ ଏଠାରୁ ପଳେଇଯିବା ।"

—"ତା'ପରେ ? ସେମାନେ ଯଦି ବାଟରେ ଆକ୍ରମଣ କରନ୍ତି ?"

—"ଆଜ୍ଞା, ତା'ର ବ୍ୟବସ୍ଥା କଥା ତ ଜଣେଇବାକୁ ଆସିଚି । ଟଙ୍କାପଇସା ଯାହା ପାଖରେ ରହିବ, ସେ ମୋ ପାଖେ ପାଖେ ରହିବ । ଆଉ ଯାହା ପାଖରେ କିଛି ନ ଥିବ, ସେ ସମସ୍ତଙ୍କ ମଝିରେ ରହିବ । ସିପେଇମାନେ ହାତହତିଆର ଧରି ତା'ର ଚାରିପାଖେ ଘେରି ରହିଥିବେ । ଯଦି ଏଇ ପାହାଡ଼ିଆ ସଇତାନ୍‌ଗୁଡ଼ାକ ଆସି ପହଞ୍ଚିଯାଆନ୍ତି ତା'ହେଲେ ସେମାନେ ପ୍ରଥମରୁ ସେଇ ମଝି ଲୋକକୁ ଲକ୍ଷ୍ୟ କରି ଟଣାଓଟରା ଲଗେଇବେ । ତା'ର ଭିତରେ ଆମେମାନେ କି ଅନ୍ୟ ବ୍ୟବସ୍ଥା କରିବୁଁ । ଯଦି କହିବେ ତ କାଲି ଆପଣଙ୍କୁ ଧରି ବାହାରିପଡ଼ିବାର ବ୍ୟବସ୍ଥା କରିବି ।"

—"ନା । ଆପଣମାନେ ଯାଆନ୍ତୁ । ମୋର ଟିକିଏ ଡେରି ହେବ ।"

—"କେତେ ଦିନ, ଆଜ୍ଞା ?"

—"କିଛି ଠିକ ନାହିଁ ।"



କ ସଂପ

—"ଅଜ୍ଞା, ସେମାନେ ବି ରହିବେ ତ ?"

—"କୋଉମାନେ ?"

—"ଆଜ୍ଞା....."

—"ବୁଝିଲି । ...ନା, ସେମାନେ ବି ଯିବେ । ମୁଁ ଏକ
ରହିବି ; ଆଜି ଜଣେ ପୂର୍ବାଶା ରହିବି ।"

—"କାହିଁକି, ହଜୁର ?"

—"କୌଣସି କାରଣ ନାହିଁ ; ଇଚ୍ଛା ।"

ବିସ୍ମିତ ହୋଇ ଗୋଲକବିହାରୀ ଚାଲିଗଲେ । ଦେଖୁ ଦେଖୁ ଅଭିନବ ସମ୍ବାଦଟା ଅଳ୍ପ ସମୟ ଭିତରେ ଛୋଟବଡ଼ ସମସ୍ତଙ୍କ ମଧ୍ୟେ ପ୍ରଚାରିତ ହୋଇଗଲା । ଧନଞ୍ଜୟ ସେପର୍ଯ୍ୟନ୍ତ ସେ ଗୋଟାଏ ସ୍ଥାନରେ ଠିଆ ହୋଇଥିଲା । କସ୍ତୁରୀ, ମଞ୍ଜରୀ, ନରେଶ— ସମସ୍ତେ ଆସି ପହଞ୍ଚିଗଲେ ।

ନରେଶ କହିଲା, "ଯାହା ଶୁଣିଲି, ସେ କ'ଣ ସତ ?"

ଧନଞ୍ଜୟ ଉତ୍ତର ଦେଲା, "ହଁ, ମୁଁ ଆଉ ପାରୁନି ।"

—"କ'ଣ ପାରୁନୁ ?"

—"ଏ ବାଉଁଶ ଜୀବନର ବୋଝ ବୋହି ଚାଲିପାରୁନି । ମ
ତମେମାନେ ମୁକ୍ତ ଦିଅ । ମୋର ଅନୁରୋଧ ।"

—"ଏତେଦିନର ବନ୍ଧୁତ୍ୱ... ?"

—"ସ୍ୱାର୍ଥରେ ବ୍ୟାଘାତ ଘଟିଲା ବୋଲି ବନ୍ଧୁତ୍ୱ ଯେ ଭାଙ୍ଗିଗ
ତା'ର କୌଣସି ଅର୍ଥ ନାହିଁ, ନରେଶ ! ଯଦି କୌଣସି ଦିନ ମୋ
ବନ୍ଧୁତ୍ୱ ତୋ'ର ଦରକାର ହୁଏ ତେବେ ମୁଁ ଡାକିଲେହେଲେ କୁଣ୍
ହେବିନି ।"

—"କିନ୍ତୁ, ହଠାତ୍ ଏମିତି ସୃଷ୍ଟିଛଡ଼ା ଖିଆଲ ତୋ ମୁଣ୍ଡରେ
ଆସି କେମିତି ପଶିଲା, ସେଇ କଥା ଭାବୁଚି ।"

—"ଖିଆଲ ନୁହେଁ, ନରେଶ ! ଏତେ ଦିନ ହେଲା ଯେଉଁ ଜୀବନ କଟେଇଆସିଛି, ସେଇଟା ହିଁ ଗୋଟାଏ ଉତ୍କଟ ଖିଆଲ । ଆଜି ମୁଁ ସେ ଖିଆଲ ଛାଡ଼ିବାକୁ ଇଚ୍ଛା କରୁଛି । ମତେ ତା'ର ସୁଯୋଗ ଦିଅ । ମୋର ଦୁର୍ଭାଗା ଜୀବନ ସଙ୍ଗେ ଜଡ଼ିତ ହୋଇ ତମମାନଙ୍କର ଯଦି କୌଣସି କ୍ଷତି ହୋଇଥାଏ, ମୁଁ ସାଧ୍ୟ ଅନୁସାରେ ସେ କ୍ଷତି ପୂରଣ କରିବି । ଆଜି ଏ ତରୁଣୀମାନଙ୍କ ପ୍ରତି ମୁଁ ଅବିଚାର କରିବିନି । ଏମାନେ ଆଗ ଭଳି ମାସକୁ ମାସ ସେମାନଙ୍କର ପାଉଣା ପାଇବେ । ଏବଂ ଏତିକ ବ୍ୟତୀତ ସେମାନଙ୍କ ସହିତ ମୋର ଆଉ କୌଣସି ସମ୍ବନ୍ଧ ରହିବନି ।"

କସ୍ତୁରୀ ମୁହଁ ଶୁଖେଇ ସ୍ଥିର ଭାବରେ ଠିଆହୋଇ ରହିଲା । ଧନଞ୍ଜୟର କଥା ଶୁଣି ସେ ଖୁସି ହେଲା କି ଦୁଃଖିତ ହେଲା ତାହା ଭଲଭାବରେ ଜଣାପଡ଼ିଲାନି । କିନ୍ତୁ ମଞ୍ଜରୀ ଏକାବେଳକେ କାନ୍ଦିପକେଇଲା । କହିଲା, "ମୁଁ ଯିବିନି ।"

—"କାହିଁକି, ମଞ୍ଜରୀ ? ମୁଁ ତ ତୁମର ଦରକାର ନ ଥିଲି ?"

କଥାଟା ସତ । କିନ୍ତୁ ଆଜି ହଠାତ୍ ଯେମିତି ଏଇ ସୃଷ୍ଟିଛଡ଼ା ଲୋକଟା ପାଇଁ ତା'ର ମନ ବିଗଳିତ ହୋଇଗଲା ।

କହିଲା, "ମତେ ହଜୁରଙ୍କ ଘରେ ଟିକିଏ ଯାଗା ଦିଅନ୍ତୁ, ମୁଁ ସେଇଠି ପଡ଼ି ହଜୁରଙ୍କ ସେବା କରିବି । ନ ହେଲେ, ଆପଣ ଏକା ରହିବେ କେମିତି ?"

—"ବର୍ତ୍ତମାନ ଆଉ ବନ୍ଧନର ମାୟାଜାଲରେ ମତେ ଗୁଡ଼େଇ ପକାଅନି ମଞ୍ଜରୀ, ମତେ ମୁକ୍ତି ଦିଅ—ମୋର ଅନୁରୋଧ ରଖ—ତମେ ସୁଖୀ ହୁଅ ।"

ମୁହଁ ବିମର୍ଷ କରି ସମସ୍ତେ ଚାଲିଗଲେ ।

ଧନଞ୍ଜୟ ନିଜ ମନର ଅତଳ ତଳରେ ବୁଡ଼ି ଆତ୍ମାନୁସନ୍ଧାନ କରିବାକୁ ଲାଗିଲା । ତା'ର ମନେପଡ଼ିଲା, ତା'ର ପୈତୃକ ପ୍ରକୃତି ତାକୁ ଏଭଳି ନିଷ୍ଠୁର ଶିଆଳର ନରକ ଭିତରକୁ ଠେଲିଦେଇଛି । ତାକୁ ମାନବିକତାର ମହାନତାରୁ ବଞ୍ଚିତ କରିଛି । କିନ୍ତୁ ତା'ର ଜନନୀ ସ୍ନେହ କରୁଣାର ମଣିଷ ହେବାପାଇଁ କୋଳରେ ବସେଇ ତାକୁ ଶିକ୍ଷା ଦେଉଥିଲେ । ଧନଞ୍ଜୟର ମନେପଡ଼ିଗଲା ଜନନୀଙ୍କର ସ୍ନେହ-ମମତା-ମଧୁରବୋଳା ମୁହଁ ଖଣ୍ଡିକ । ଦୁଇ ଆଖିରେ ଲୁହ ଜକେଇ ଉଠିଲା ।

## —ଦଶ—

କଥା ଅନୁସାରେ ଲୋକବାକ ନେଇ ଗୋଲକବିହାରୀ ସେଦିନ ଅପରବେଳା ବାହାରିପଡ଼ିଲେ । ଧନଞ୍ଜୟ ଏକା ରହିଲା ।

କ୍ରମେ ସନ୍ଧ୍ୟା ହୋଇଆସିଲା । କିନ୍ତୁ କୋଠିରେ ସେଦିନ ଗୋଟାଏ ହେଲେ ବି ଆଲୁଅ ଜଳିଲାନି । ଅନ୍ଧାର ଘର ଭିତରେ ପଡ଼ିରହି ଧନଞ୍ଜୟ ଭାବିବାକୁ ଲାଗିଲା, କାହିଁକି ଏମିତି ହେଲା ? କୋଳାହଳ, କଳରୋଳ କାହିଁକି ତାକୁ ଆଉ ଭଲ ଲାଗୁନି ? ଏଇ ନୀରବ ଅନ୍ଧକାର ତା'ର ଆପଣାର ବୋଲି ମନେହେଉଛି । ଏହାରି ଭିତରେ ଯେମିତି ତା'ର ମନର କଥା ଲୁଚି ରହିଛି । ପିଲାବେଳ କଥା ତା'ର ମନେପଡ଼ିଲା । କି ସୁନ୍ଦର ସେ ଜୀବନ !

ଦ୍ୱିଧା ନାହିଁ, ଭୟ ନାହିଁ, କେବଳ ହସ, କେବଳ ଖେଳରେ ରଙ୍ଗୀନ୍ । ସେ ଜୀବନ ଆଉ ଫେରିଆଇବନି ? ସେଇ ବିସ୍ମୃତ ଶୈଶବରେ ଦିନେ ରାଜମହଲରେ ବିଳାସ ଐଶ୍ୱର୍ଯ୍ୟର ଯଥେଚ୍ଛାଚାରିତା

ଦେଖି ତା'ର ମନ ବିଦ୍ରୋହୀ ହୋଇଉଠିଥିଲା ; ଦରିଦ୍ର ପ୍ରଜାଙ୍କର କରୁଣ ମୁହଁଆଡ଼େ ଚାହିଁ ତା'ର ପ୍ରାଣ କାନ୍ଦିଉଠିଥିଲା । ମନେ ମନେ ସେ ପ୍ରତିଜ୍ଞା କରିଥିଲା, ବଡ଼ ହେଲେ ସେ ଦରିଦ୍ରମାନଙ୍କର ଆଖିର ଲୁହ ପୋଛିଦେବ ; ଅସହାୟକୁ ଆଶ୍ରୟ, ନିରନ୍ନକୁ ଅନ୍ନ ଦେବ । କିନ୍ତୁ ଏଇ ଦୀର୍ଘ ଜୀବନରେ ସେ କ'ଣ କରିଚି ? କେବଳ ଉତ୍ସବ ଆଉ କୋଳାହଳ, ଆନନ୍ଦ ।

ଆଜି ପୁଣି ତା ଭିତରେ ସେଇ ନିଷ୍କଳଙ୍କ ଶିଶୁଟି ଜାଗି-ଉଠିଚି । କିନ୍ତୁ କାହିଁକି ଏମିତି ହେଲା ? ଧନଞ୍ଜୟ ବାରମ୍ବାର ନିଜକୁ ପ୍ରଶ୍ନ କରିବାକୁ ଲାଗିଲା, କାହିଁକି ଏମିତି ହେଲା ?

ବିଳାସଲୀଳା ଯେତେବେଳେ ଉଦ୍ଦାମ ଗତିରେ ଚାଲୁ ରହିଥିଲା, ସେତେବେଳେ ତ ଆହୁରି କେତେ ଲୋକ ହିତୈଷୀ ହୋଇ ଉପଦେଶର ପସରା ନେଇ ଆସିଥିଲେ । କିନ୍ତୁ ସେସବୁ ପ୍ରତି ସେ ଏତେ ଟିକିଏ ହେଲେ ନଜର ଦେଇନି । ଅଥଚ, ଆଜି ଫୁଲ ମୁହଁର ଗୋଟାଏ ସାମାନ୍ୟ ଅନୁଯୋଗ ଏଭଳି କାର୍ଯ୍ୟକାରୀ ହୋଇ-ଉଠିଲା କେମିତି ? କେବଳ ତା'ର ପାଇଁ ଆଜି ଏ ପରିବର୍ତ୍ତନ—ଅସ୍ୱୀକାର କରିବାର ଉପାୟ ନାହିଁ ।

କିନ୍ତୁ ଫୁଲ ତା ଉପରେ ଏତେଟା ପ୍ରଭାବ ବିସ୍ତାର କଲା କେମିତି ? ମାତ୍ର ତିନୋଟି ଥର ତା ସହିତ ଦେଖା ହୋଇଚି ; ଆଉ ପ୍ରତି ଥର ସାକ୍ଷାତବେଳେ ସେ ତାକୁ ଆଘାତ ଦେବାକୁ ଇଚ୍ଛା କରିଚି । ପଦେହେଲେ କଅଁଳ ମଧୁର କଥା କହିନି ; ଟିକିଏ ହେଲେ ସହୃଦୟତା ପ୍ରକାଶ କରିନି । ତଥାପି ତା'ର ସାରା ମନ ଯେମିତି ତାକୁ ଘେରି ମହୁମାଛି ଭଳି ଗୁଣୁଗୁଣୁ ହେଉଚି ! ତା'ର ସୁଗଠିତ ଶ୍ୟାମ ଦେହଟି-ରୂପ, ରସରେ ବିଚିତ୍ର ହୋଇ ତା ଆଖି ଆଗରେ ଦେଖାଦେଉଚି ! ଆଶ୍ଚର୍ଯ୍ୟ !

ଧନଞ୍ଜୟ ଉଠି ଠିଆହେଲା ।

ବାହାରକୁ ବାହାରି ଆସିଲା । ରାତିର ଗଭୀର ଅନ୍ଧକାର ପାହାଡ଼ଟାକୁ ସମ୍ପୂର୍ଣ୍ଣ ଭାବରେ ଆବୃତ କରିସକେଇଛି ।

ଫୁଲ ତା'ର ମାଆର ଅସୁସ୍ଥତା କଥା କହୁଥିଲା ।

ଥରେ ଦେଖିବାକୁ ଯିବା ହୁଏତ ତା'ର ଉଚିତ ଥିଲା ।

ଅନ୍ତତଃ ସେଠିକାର ଜମିଦାର ହିସାବରେ ଏସବୁରେ ତା'ର ଗୋଟାଏ କର୍ତ୍ତବ୍ୟ ଅଛି ।

କିନ୍ତୁ ଫୁଲ ନିଷେଧ କରିଛି । ସେମାନଙ୍କ କୁଡ଼ିଆକୁ ଯିବାର ଅଧିକାର ସେ ତାକୁ ଦେଇଯାଇନି ।

ଧନଞ୍ଜୟ ଠିଆହୋଇ ଆକାଶଆଡ଼େ ଚାହିଁରହିଲା । କୁହୁଡ଼ି-ଆବୃତ ପୃଥିବୀ ଉପରେ ଆକାଶ ବକ୍ଷରେ କେତୋଟି ପାଣ୍ଡୁର ତାରା ଜଳ ଜଳ ହେଉଛି । ଚାରିଆଡ଼ ନିସ୍ତବ୍ଧ । ନିଟ୍ଟୁମ ଅନ୍ଧାର । ଗଛପତ୍ର ଦୋହଲିବା ମଧ୍ୟ ବନ୍ଦ ହୋଇଯାଇଛି ।

କେତେ ସମୟ ହେଲା ସେ ସେଠାରେ ସେମିତି ଠିଆ ହୋଇଥିଲା, ତା'ର କିଛି ଠିକଣା ନାହିଁ । ହଠାତ୍ ମଣିଷର ପାଦଶବ୍ଦ ଶୁଣାଗଲା । ଟିକିଏ ପରେ ଖୁବ୍ ଉତ୍ତେଜିତ ଭାବରେ ହୋଇ ଗୋଲକ-ବିହାରୀ ଆସି ପହଞ୍ଚିଲେ । ତାଙ୍କ ସାଙ୍ଗରେ ମାତ୍ର କେଇଜଣ ସିପେଇ, ଆଉ ବନ୍ଦୀ ଭାବରେ ରହିଚନ୍ତି ପାତୁଆ ଏବଂ ଲଛିଆ ।

ଏକାବେଳେ ବିସ୍ମିତ ହୋଇ ଧନଞ୍ଜୟ ପଚାରିଲା, "ଏସବୁ କଣ, ବିହାରୀବାବୁ ?"

ଗୋଲକବିହାରୀ ଯଥାସମ୍ଭବ ଚାପା ଗଳାରେ କହିବାକୁ ଲାଗିଲେ, "ଆଜ୍ଞା, ଏମାନେ ସର୍ବନାଶ କରିଥିଲେ, ହଜୁର !"

ଧନଞ୍ଜୟ କହିଲା, "କଣ ହେଇଛି, ଆସ୍ତେ କହନ୍ତୁ ।"

ଗୋଲକବହାଶ କହିଲେ, "ହଜୁର, ଯେମିତି ସେ ଭଙ୍ଗା ଦେଉଳ ମୋଡ଼ଟା ପାର ହୋଇଯାଇଚୁଁ, ସେମିତି ଏ ଦୁଇଟା କେଉଁଠି ଥିଲେ କେଜାଣି, ଧନୁଶର ଧରି ତ ଧାଇଁଆସିଲେ । ମଝିରେ ଯାଉଥିବା ସେ ଲୋକଟାକୁ ହୁ କରି ଗୋଟାଏ ଭଲ ବସେଇଦେଲେ ! ସାଙ୍ଗେ ସାଙ୍ଗେ ହୁକୁମ —ଯାହା ଅଛି ନେଇଆସ । ଲଗିଗଲେ ତ ସେଇ ସିପେଇଟା ସାଙ୍ଗରେ । ମୁଁ ବି ସେତିକିବେଳେ ହାତ ହତିଆର ଠିକ୍ କରି ରଖିବାପାଇଁ ଅନ୍ୟ ସିପେଇମାନଙ୍କୁ ଠାରିଦେଲି । ତା ପାଖରେ କିଛି ନ ପାଇ ଯେମିତି ଆମ ଆଡ଼େ ମାଡ଼ିଆସିଲେନ୍ତି ସେମିତି ମୁଁ କମରରୁ ପିସ୍ତଲଟା ବାହାର କରି କହିଲି — ଖବରଦାର, ଆଉ ଯଦି ଆଗେଇବ ତ, ଗୁଳିରେ ମୁଣ୍ଡ ଛିଚୁ କରିଦେବି । ମୋ ପାଖରେ ଆସିଚ ଡକାୟତି କରିବାକୁ ? ଆଦାୟ ଅସୁଲ ନେବା ଆଣିବାରେ ମୋର ଅସି ବାଳ ପାଚିଲାଣି ! ମତେ ପୁଣି ଡରେଇବାକୁ ଆସିଚ ? ମୋ କଥା ଶୁଣି ତ ଦୁଇଟାଯାକ ଗୁମ୍‌ଆ ! ସେତେବେଳକୁ ସିପେଇ-ମାନେ ଚାରି କଡ଼ରେ ବନ୍ଧୁକ ଧରି ଘେରିଯାଇଥାଆନ୍ତି । ମୁଁ ସଙ୍ଗେ ସଙ୍ଗେ ହୁକୁମ ଦେଲି —ଏ ଦୁଇଟାଙ୍କୁ ବାନ୍ଧି କୋଠିକୁ ନେଇ ଚାଲ । ହଜୁର, ଏ ସଇତାନ୍‌ଗୁଡ଼ାଙ୍କୁ କଠୋର ଶାସ୍ତି ଦିଅନ୍ତୁ ।"

ତହସିଲଦାରଙ୍କର ଶେଷ କଥାଗୁଡ଼ାକ ଆଡ଼େ ମନଯୋଗ ନ ଦେଇ ଧନଞ୍ଜୟ ପଚାରିଲା, "ସେମାନେ କୁଆଡ଼େ ଗଲେ —କସ୍ତୁରୀ, ମଞ୍ଜରୀ, ନରେଶ ? ଆଉ ସେଇ ଆହତ ସିପେଇଟି କାହିଁ ?"

ଗୋଲକବହାଶ କହିଲେ, "ହଜୁର, ସେମାନେ କେହି ଫେରିଲେନି । ନରେଶବାବୁ କହିଲେ, 'ଥରେ ଯେତେବେଳେ ବନ୍ଦୀ ହୋଇ ଆସିଚୁଁ, ସେତେବେଳେ ପୁଣି କେଉଁ ମୁହଁ ନେଇ ଫେରିଯିବୁଁ, ତହସିଲଦାରବାବୁ !' ମଞ୍ଜରୀ ଦେଈ ଆସିବାକୁ ବସିଥିଲେ, ମାତ୍ର କସ୍ତୁରୀ ଦେଈ ତାଙ୍କୁ ଧରିପକେଇ କହିଲେ—ତୋର ମୁଣ୍ଡ ଖରାପ

ନା କ'ଣ ? ତୁ କଣ ଭାବୁଚୁ, ଜମିଦାରସାହେବଙ୍କର ପ୍ରକୃତରେ ବୈରାଗ୍ୟ ଉଦୟ ହୋଇଚି ? ନା ଲୋ, ସେ ସବୁ ଏଇଲେ ନୂଆ ଯୋଗାଡ଼ରେ ଅଛନ୍ତି !"

ସାମାନ୍ୟ ହସି ଧନଞ୍ଜୟ କହିଲା, "ଓ !...ଆଉ ସେ ସିପେଇ ?"

—"ହଜୁର, ତାକୁ ସେମାନଙ୍କ ସାଙ୍ଗରେ ଡାକ୍ତରଖାନାକୁ ପଠେଇଦେଇଚି । ତା ମୁଣ୍ଡରୁ ବହୁତ ରକ୍ତ ବାହାରୁଥିଲା ।"

—"ରକ୍ତ ବାହାରୁଥିଲା ?"

—"ଆଉ କ'ଣ କହୁଥିଲି, ହଜୁର ! ଏଗୁଡ଼ାକ ସବୁ ମଣିଷ-ମରା ଲୋକ, ଡକାୟତ ଜାତି ସବୁ ! ଏମାନଙ୍କୁ ଭଲ କରି ସାନେ ନ ଦେଲେ ଏଗୁଡ଼ାଙ୍କର ମୁହଁ ବଢ଼ିଯିବ ।"

—"କିଏ ମୋ ସିପେଇକୁ ଆଘାତ କରିଥିଲା ?"

ଗୋଲକବିହାରୀ ଯାଡୁଆକୁ ନିର୍ଦ୍ଦେଶ କରି କହିଲେ, "ଏଇ ଟୋକାଟା, ହଜୁର ! ଏଇ ହେଲା ଏମାନଙ୍କ ଭିତରେ ପହିଲି ନମ୍ବର ।"

ଯାଡୁଆ ଆଡ଼େ ଦୃଷ୍ଟି ପକେଇ ଧନଞ୍ଜୟ ତାକୁ ପଚାରିଲା, "ତମେ ସେଦିନ ପ୍ରଜାମାନଙ୍କର ପ୍ରତିନିଧି ହୋଇ ମୋ ସଙ୍ଗେ କଥାବାର୍ତ୍ତା କରୁଥିଲ, ନା ?"

ଯାଡୁଆ କହିଲା, "ହଁ, ମୁଁ ସେଇ ଲୋକ ।"

ଗୋଲକବିହାରୀ କହିଲେ, "କଥା କହିବାର ଢଙ୍ଗ ଦେଖନ୍ତୁ କଥାରେ କ'ଣ ଟିକିଏ ହେଲେ ବାଗ ବାଇଶ ଅଛି ! ଯେମିତି ହନୁମାଙ୍କ ଭଳି ରୂପ, ସେମିତି ଭୂତଙ୍କ ଭଳି ସ୍ୱଭାବ । ଏଗୁଡ଼ାଙ୍କ ଘରଦ୍ୱାର ପୋଡ଼ିଦେଲେ ଟିକିଏ ସବୁ ଦୋଷ ଲାଗିବନି ।"

ଧନଞ୍ଜୟ କହିଲା, "ସେଦିନ ତମ ନାଆଁ କ'ଣ କହୁଥିଲ ?"

—"ମୋ ନାଆଁ ପତିତପାବନ ।"

—"ଆଉ ତମ ନାଆଁ ?"

—"ହଜୁର, ଏ ଗରିବର ନାଆଁ ଲଚ୍ଛୁଆ ।"

ଖୁସି ହୋଇ ଗୋଲକବିହାରୀ କହିଲେ, "ଏଇ ଗୋଟାକ ଠିକ୍ ତେଲେଇ କହିଜାଣିଚ । ସିଆଣିଆ ଅଛି, ହଜୁର !"

—"ତା'ହେଲେ ପତିତପାବନ, ମୋର ସବୁ ପ୍ରଜାଙ୍କର ମନର ଭାବ କ'ଣ ଏଇଆ ବୋଲି ମତେ ବୁଝିବାକୁ ହେବ ?"

—"କ'ଣ ପାଇଁ ବୁଝିବେ ?"

—"କାରଣ, ତମେ ଦିନେ ସବୁ ପ୍ରଜାଙ୍କର ପ୍ରତିନିଧି ହୋଇ ଆସିଥିଲ ।"

ଗୋଲକବିହାରୀ ଆନନ୍ଦରେ ଅଧୀର ହୋଇପଡ଼ିଲେ ।

—"ଦିଅନ୍ତୁ ଆଜ୍ଞା, ସମସ୍ତଙ୍କୁ ଗୋଟାଏ ଫାଶରେ ବାନ୍ଧି ଶାଳୁଆ ନଈରେ ଭସେଇ ଦିଅନ୍ତୁ । ସମସ୍ତେ ପରା ବଗୁର ବାନ୍ଧି ଏକାଠି ହୋଇଚନ୍ତି । ହଜୁର ଠିକ୍ କଥା ବୁଝିଚନ୍ତି । ହୁକୁମ ଦିଅନ୍ତୁ ହଜୁର, ମୁଁ ଏଗୁଡ଼ାଙ୍କ ଘରେ ନିଆଁ ଲଗେଇଦେବାର ବ୍ୟବସ୍ଥା କରେଁ ।"

—"ରହନ୍ତୁ ବିହାରୀବାବୁ, ମୁଁ ବର୍ତ୍ତମାନ ପାଗଳ ହୋଇନି । ପତିତପାବନ, ତମେ କ'ଣ କହିବାକୁ ଚାହୁଁଚ ?"

—"ମୋର କିଛି କହିବାର ନାହିଁ । ଆପଣଙ୍କର ବୁଝିବା ଶକ୍ତି ଅଛି । ସେଥିରୁ ଯାହା ବୁଝିବେ, ସେଇଆ ହେବ ।"

—"କିନ୍ତୁ ତୁମର ଅପରାଧର ଗୁରୁତ୍ୱ ଉପଲବ୍ଧି କରିପାରୁଚ ତ ?"

—"ଜାଣିଚ ।"

—"ତାର ଶାସ୍ତି କ'ଣ, ଜାଣିଚ?"

—"ନା, ଜାଣିନି । କିନ୍ତୁ ସେ ଶାସ୍ତି ଯାହା ହେଉ, ଯେତେ କଠିନ, ଯେତେ ଭୀଷଣ ହେଉ—ମୁଁ ପ୍ରସ୍ତୁତ ଅଛି ।"

—"ଠିକ୍ ଅଛି । ତେବେ ଆଜି ତମେମାନେ ମୋ କୋଠିରେ ବନ୍ଦୀ ହୋଇ ରହ । ରାତି ପାହିବାମାନେ ତୁମମାନଙ୍କୁ କଚେରୀକୁ ପଠେଇଦେବି । ସେଇଠି ତୁମର ବିଚାର ହେବ ।"

ଯାତୁଆ ସ୍ଥିର ଭାବରେ ଠିଆହୋଇ ରହିଲା । କିନ୍ତୁ ଲଛୁଆର ମୁହଁ ଶୁଖି ଏତ୍ତେ ଟିକିଏ ହୋଇଗଲା । ସେ ହାତ ଯୋଡ଼ି କହିଲା, "ମତେ ଛାଡ଼ିଦିଅନ୍ତୁ, ହଜୁର । ମୋର ଛୋଟ ପିଲାଟା ଘରେ ଦେହ-ଦୁଃଖରେ ପଡ଼ିଚି । ମୁଁ କିଛି ଜାଣେନି, ହଜୁର ! ଏଇ ସର୍ଦ୍ଦାର···"

ଧନଞ୍ଜୟ କହିଲା, "ମୁଁ ତୁମ ଦୁହିଁଙ୍କୁ ଛାଡ଼ିଦେବାପାଇଁ ପ୍ରସ୍ତୁତ ଥିଲି । କିନ୍ତୁ ତୁମ ସର୍ଦ୍ଦାରଙ୍କର ଦମ୍ଭ ମତେ କଠିନ କରିଦେଇଚି । ମୁଁ କାହାରିକୁ ଛାଡ଼ିବିନି । ଆଜି ଥରେ ତମେମାନେ ମୋର କୋଠି ଲୁଟ କରିବାର ଆୟୋଜନ କରିଥିଲ । ଇଚ୍ଛା କରିଥିଲେ ମୁଁ ସେତିକିବେଳେ ତୁମମାନଙ୍କୁ ଶାସନ କରିପାରି-ଥାଆନ୍ତି । କିନ୍ତୁ କରିନି, କାରଣ, ଗୋଳମାଳ ଲଗେଇବାକୁ ମୁଁ ଭଲ ପାଏନି । କିନ୍ତୁ ବାରମ୍ବାର ତୁମମାନଙ୍କର ଏଇ ଭୀଷଣ ଗୁପ୍ତ ଅଭିସନ୍ଧି – ତା ପରେ ପତିତପାବନର ସଦମ୍ଭ ଉକ୍ତି—ଏଗୁଡ଼ାକ ସହିବାର ନୁହେଁ । ମୁଁ କାହାରିକୁ ଛାଡ଼ିବିନି । କଚେରୀ ବିଚାର କରି ତୁମମାନଙ୍କୁ ଯେଉଁ ଦଣ୍ଡ ଦେବ ତାକୁ ତୁମମାନଙ୍କୁ ଭୋଗିବାକୁ ପଡ଼ିବ । ନା, ମୁଁ କ୍ଷମା ଦେଇ ପାରିବିନି ; ମୁଁ ଅତ୍ୟାଚାରୀ, ମୁଁ ସଇତାନ୍ । ଆଜି ରାତିରେ ତୁମର ପୁଅ ମରିଗଲେ ମଧ୍ୟ ମୁଁ ତୁମକୁ ଛାଡ଼ିବିନି ।"

ଲଛୁଆର ଓଠ ଶୁଖିଗଲା ।

ପାତ୍ରୁଆ କହିଲା, "ପିଲାଟା ମଲେ ମରିବ ; ତୁ ମିଛରେ କାହିଁକି ଗୁଡ଼ ମାଗୁଥିଲୁ ?"

ଧନଞ୍ଜୟ ସିପେଇମାନଙ୍କୁ ଆଦେଶ ଦେଲା, "ଯାଅ, ଏମାନଙ୍କୁ ନେଇ କୋଠିରେ ମାଲଖାନା ଭିତରେ ବନ୍ଦ କରିଦିଅ ।"

ସିପେଇମାନେ ପାତ୍ରୁଆ ଆଉ ଲଛୁଆକୁ ନେଇ ଭିତରକୁ ଗଲେ ।

ଗୋଲକବହିଦାରଙ୍କୁ ଚାହିଁ ଧନଞ୍ଜୟ କହିଲା, "କାଲି ସକାଳୁ ଏମାନଙ୍କୁ କଚେରୀକୁ ନେଇଯିବେ । ମୁଁ ବି ସାଙ୍ଗରେ ଯିବି ।"

ଗୋଲକବହିଦାରୀ ଅଳ୍ପ ସମୟ ଚୁପ୍ ହୋଇ ଠିଆ ହେବା ପରେ କହିଲେ, "ହଜୁର, କଥାଟା କଚେରୀ ପର୍ଯ୍ୟନ୍ତ ନ ନେଲେ ଭଲ ହୁଅନ୍ତା । ଅପରାଧଟା ପାହାଡ଼ିମାନଙ୍କ ପକ୍ଷରେ ସେମିତି କିଛି ନୁହେଁ । ଅତି ବଡ଼ ହେଲେ କିଛି ଜୋରିମାନା ଆଉ ଦୁଇ ଚାରି ମାସ କରି ଜେଲ ଦୁହିଁଙ୍କୁ ହେବ । ତା ଅପେକ୍ଷା ଏଇଠି ନିଷ୍ପତ୍ତି କରିଦେଲେ..."

— "କେମିତି ?"

— "ଏମାନଙ୍କୁ କୁହାଯାଉ, କଚେରୀକୁ ନେଇଗଲେ ପ୍ରାଣଦଣ୍ଡ କି ଦ୍ୱୀପାନ୍ତର ହୋଇଯାଇପାରେ ; ତା ଅପେକ୍ଷା ତମେମାନେ କିଛି ଟଙ୍କା ଦିଅ — ଏଇ ଧରନ୍ତୁ ପାଞ୍ଚଶହ-ଛଅଶହ ଯାହା ହେବ..."

—"ମୋର କିଛି ଟଙ୍କାର ଅଭାବ ନାହିଁ, ବହିଦାରବାବୁ ! ଅଯଥାରେ ଏମାନଙ୍କୁ ମୁଁ ଏ ଚାପ ପକେଇ ପାରିବନି । ଯାହା ଦଣ୍ଡ ପାଇବା କଥା, ତା' କଚେରୀ ବିଚାର ଅନୁସାରେ ହେବ ।"

ଗୋଲକବହିଦାରୀ ବିମର୍ଷ ହୋଇ ଚାଲିଗଲେ ।

ଧନଞ୍ଜୟ ଠିଆ ହୋଇ ରହିଲା ।

ସେଠାରୁ ଜଣେ ବୃଦ୍ଧ ପାହାଡ଼ି ଲୋକ ଆସି ପଚାରିଲା, "ହଜୁର, ଆପଣଙ୍କର ଏଠିକି ଲଚ୍ଛୁଆ ଆସିଛି ?"

ଧନଞ୍ଜୟ ଉତ୍ତର ଦେଲା, "ହଁ, ସେ କୋଠିରେ ଅଟକ ଅଛି । ତମ ତା'ର କ'ଣ ହୁଅ ?"

—"ହଜୁର, ମୁଁ ତା'ର ବାପା । ଲଚ୍ଛୁଆର ପୁଅ ଦେହ-ଦୁଃଖରେ ପଡ଼ିଛି, ହଜୁର—ତା' ପ୍ରତି ଦୟା କରନ୍ତୁ ! ପିଲାଟା ବୋଧହୁଏ ବଞ୍ଚିବନି ।"

—"ନ ବନ୍ଧୁ । ତମ ପୁଅ ଗୁରୁତର ଅପରାଧ କରିଛି । ସେ ଆଜି ହାତ ହତିଆର ଧରି ଡକାୟତି କରିବାକୁ ଯାଇଥିଲା ।"

—"ଜାଣିଛି ହଜୁର, ଟୋକାଟା ଏକାବେଳେ ବେଆଡ଼ା ହୋଇଯାଇଛି । ଏଥରକ ତା ଦୋଷ କ୍ଷମା କରନ୍ତୁ, ହଜୁର ! ମୁଁ ବୁଢ଼ା ମଣିଷ ; ତୁମ୍ଭଙ୍କ ଗୋଡ଼ତଳେ ପଡ଼ି ଭିକ ମାଗୁଛି ।"

—"ନା, ନା, ମୁଁ ତାକୁ ଛାଡ଼ିବନି । କାଲି ତା'ର ବିଚାର ହେବ ।"

ଲଚ୍ଛୁଆର ବାପ ମାନିଆ ଧନଞ୍ଜୟକୁ ଆଡ଼େ ଥରେ କଟମଟ କରି ଚାହିଁଲା । ତା'ପରେ ଧୀରେ ଧୀରେ ପାହାଡ଼ିଆ ରାସ୍ତା ଧରି ଚାଲିକି ଓହ୍ଲାଇଗଲା ।

ଧନଞ୍ଜୟ ଭିତରକୁ ଚାଲିଆସିଲା ।

ଅଳ୍ପ ସମୟ ଯାଇଛି କି ନାହିଁ, ଅସଂଖ୍ୟ ପାହାଡ଼ି ସ୍ତ୍ରୀପୁରୁଷ ଆସି ଚିତ୍କାର ଶବ୍ଦ କରି କୋଠିଟାକୁ ଘେରେଉ କରିପକାଇଲେ । କୋଠିର ଦ୍ୱାର ଆଉ ଝରକା ଉପରେ ଘନଘନ ତୀର ଆଉ ବର୍ଚ୍ଛା ମାଡ଼ ହେବାକୁ ଲାଗିଲା ।

ଧନଞ୍ଜୟ ବାହାରକୁ ବାହାରିଆସିବା ମାତ୍ରେ ପାହାଡ଼ିମାନେ ଶାନ୍ତ ହୋଇ ଠିଆ ହେଲେ ।

ସେ ପଚାରିଲା, "ତମମାନଙ୍କର କ'ଣ ଦରକାର ?"

ପ୍ରଜାମାନେ ଚିତ୍କାର କରିବାକୁ ଲାଗିଲେ, "ଆମର ସର୍ଦ୍ଦାରଙ୍କୁ ଫେରେଇଦିଅ ! କାହିଁକି, ତାଙ୍କୁ ବନ୍ଦ କରି ରଖିଚ ? ଫେରେଇ-ଦିଅ ଆମର ସର୍ଦ୍ଦାରମାନଙ୍କୁ । ନ ହେଲେ ଏ କୋଠାକୁ ଭାଙ୍ଗି ପକେଇବୁ—ନିଆଁ ଲଗେଇଦେବୁ ।"

ଧନଞ୍ଜୟର ଧୈର୍ଯ୍ୟ ସୀମା ଟପିଗଲା ।

ଚିତ୍କାର କରି କହିଲା, "ସାବଧାନ ! ମୁଁ କାହାରିକୁ ଛାଡ଼ିବିନି ।"

ଧନଞ୍ଜୟର ମୁହଁରୁ କଥା ବାହାରିବାମାତ୍ରେ ପାହାଡ଼ିମାନେ ଏକ ସଙ୍ଗେ ଶର ମାରିବା ଆରମ୍ଭ କରିଦେଲେ । ବଡ଼ ବଡ଼ ପଥର ଖଣ୍ଡମାନ ଆସି ଧନଞ୍ଜୟର ଆଖ ପାଖରେ ପଡ଼ିବାକୁ ଲାଗିଲା । ଶେଷକୁ ଗୋଟାଏ ଶର ଆସି ଧନଞ୍ଜୟର ବାମ ହାତରେ ଫୁଟିଗଲା ।

ସିପେଇମାନଙ୍କ ଆଡ଼େ ଚାହିଁ ଧନଞ୍ଜୟ ଚିତ୍କାର କଲା, "ଗୁଳି ଚଳାଅ ।"

ତା'ପରେ ଗୋଟାଏ ଖଣ୍ଡଯୁଦ୍ଧର ଉପକ୍ରମ ହେଲା । ସିପେଇ-ମାନେ ନିଜ ନିଜର ବନ୍ଧୁକ ସଜାଡ଼ିବାରେ ଲାଗିଲେ । ପାହାଡ଼ି-ମାନେ ଚିତ୍କାର କରିବାକୁ ଲାଗିଲେ । ତାଙ୍କର ସେଇ ମିଳିତ ଚିତ୍କାରରେ ନିସ୍ତବ୍ଧ ପାହାଡ଼ପୁରୀ ଅନ୍ଧାର ଭିତରେ ଭୟ ଆଉ ଆତଙ୍କରେ ବାରମ୍ବାର ଶିହରିଉଠିଲା ।

ଧନଞ୍ଜୟ ଚିତ୍କାର କରିଉଠିଲା, "ଜଲ୍‌ଦି—ଖୁବ୍ ଜଲ୍‌ଦି ଗୁଳି ଚଳାଅ । ପାହାଡ଼ି ଲୋକଗୁଡ଼ାଙ୍କୁ କୁକୁର ଭଳି ଗୁଳି କରି ମାରିଦିଅ ।"

ଏତିକିବେଳେ ହଠାତ୍ ଭିଡ଼ ପାଖେଇ ଫୁଲ ଆଗେଇ-ଆସିଲା ।

ଧନଞ୍ଜୟ ଆଡ଼େ ଧାଇଁଆସି, ତା'ର ଗୋଟାଏ ହାତ ଧରିପକେଇ ଅନୁଯୋଗ କଣ୍ଠରେ କହିଲା, "ଛି, ଏମାନଙ୍କ ସାଙ୍ଗରେ ଆପଣ ଏ କଣ କରୁଚନ୍ତି, ହଜୁର ? ଏମାନେ ନିର୍ବୋଧ । ପାଞ୍ଚୁଆ ଆଜି ଲଚ୍ଛିଆକୁ ଛାଡ଼ିଦିଅନ୍ତୁ..."

—"କିନ୍ତୁ, ସେମାନେ ଅପରାଧୀ ।"

—"ହୁଅନ୍ତୁ ଅପରାଧୀ, ଆପଣ ସେମାନଙ୍କର ଜମିଦାର, ପ୍ରତିପାଳକ । ଯଦି କିଛି ଭୁଲ କରିଥାଆନ୍ତି, ତା'ହେଲେ କ୍ଷମା ଦିଅନ୍ତୁ ।"

ମିନତିସଜଳ ଆଖିରେ ଫୁଲ ଧନଞ୍ଜୟର ମୁହଁକୁ ଚାହିଁ-ରହିଲା । ଆଜି ସେଇ ସଜଳ ଦୃଷ୍ଟିରେ ଧନଞ୍ଜୟର ସମସ୍ତ ନିଷ୍ଠୁରତା, ସମସ୍ତ କଠିନତା ପାଣି ଫାଟିଗଲା ।

ସିପେଇମାନଙ୍କୁ ଚାହିଁ ଧନଞ୍ଜୟ କହିଲା, "ବନ୍ଦୀମାନଙ୍କୁ ଖୋଲିଦିଅ ।"

ହୁକୁମ ଶୁଣି ପାହାଡ଼ିମାନେ ଆନନ୍ଦରେ ଫୁଲର ଜୟଧ୍ୱନି କରିବାକୁ ଲାଗିଲେ । ମନେମନେ ସେମାନେ କିଛି କମ୍ ବିସ୍ମିତ ହେଲେନି । ସେମାନଙ୍କର ସମ୍ମିଳିତ ଅନୁରୋଧ, ଉପରୋଧ, ଭୟ ଦେଖେଇବାରେ ଯାହା ହେଲାନି, ଏଇ ଛୋଟ ଝିଅଟାର ଦୁଇ ପଦ କଥାରେ ସେ କାମ ଆଦାୟ ହୋଇଗଲା । ଆଶ୍ଚର୍ଯ୍ୟ !

## —ଏଗାର—

ସିପେଇ ବନ୍ଦୀମାନଙ୍କୁ ବାହାରକୁ ନେଇ ଆସିଲେ ।

ଫୁଲଆଡ଼େ ଚାହିଁ ଧନଞ୍ଜୟ କହିଲା, "ତମର ଅନୁରୋଧରେ ଏମାନେ ମୁକ୍ତି ପାଇଲେ, ଫୁଲ ! କିନ୍ତୁ ଭବିଷ୍ୟତରେ ଏମାନେ କୌଣସି ଉପଦ୍ରବ କରିବେନି, ତା'ର ତ କୌଣସି ଜବାବ ପାଇଲିନି ?"

ତଳକୁ ମୁହଁ କରି ଫୁଲ କ'ଣ ଗୋଟାଏ କହିବାକୁ ଯାଉଥିଲା ; କିନ୍ତୁ ତା ଆଗରୁ ପାଭୁଆ ଗର୍ଜନ କରିଉଠିଲା, "ମୋର ଛାଡ଼ ପାଇବା ଦରକାର ନାହିଁ । ତୁ କାହିଁକି ଆସି ଏଠି ଅନୁରୋଧ ଜଣେଇଲୁ, ଫୁଲ ? କ'ଣ ଦରକାର ଥିଲା ? ଏମିତି ଛାଡ଼କୁ ମୁଁ ସହିପାରୁନି ।"

ସାମାନ୍ୟ ହସିଦେଇ ଧନଞ୍ଜୟ କହିଲା, "ଶୁଣୁଚ, ଫୁଲ, ବନ୍ଦୀମାନେ ଖଲାସ ହେବାକୁ ଇଚ୍ଛା କରୁନାହାନ୍ତି । ସତରେ, ତମେ କାହିଁକି ଏମାନଙ୍କ ପାଇଁ ଅନୁରୋଧ କରିବାକୁ ଆସିଚ ? କହିବ ତ ପୁଣି ଏମାନଙ୍କୁ ଯଥାସ୍ଥାନକୁ ପଠେଇଦେବାର ହୁକୁମ ଦେବ ।"

ଧନଞ୍ଜୟର ଦୁର୍ମତିର ଲକ୍ଷଣ ଦେଖି ଗୋଲକବିହାରୀ ଏକାବେଳେ ମୁହ୍ୟମାନ ହୋଇପଡ଼ିଥିଲେ । ଜମିଦାରଙ୍କର ଶେଷ କେଇ ପଦ କଥା ଶୁଣି ସେ ସାମାନ୍ୟ ଉତ୍ଫୁଲ୍ଲ ହୋଇ, ଆଗେଇ-ଆସି କହିଲେ, "ସେଇଆ କରନ୍ତୁ, ହଜୁର, ସେଇଆ କରନ୍ତୁ । ଏ ଦୁଷ୍ଟା ଲୋକଗୁଡ଼ାଙ୍କୁ ପରା ମୋଟେ ବିଶ୍ୱାସ ନାହିଁ । କିଏ

ଗୋଟାଏ ଝିଅ ଆସି ଅନୁରୋଧ କରୁଚି—ତା' ପାଇଁ ପୁଣି···! ହଜୁର ଦୟାର ଅବତାର—ଏକଥା ସମସ୍ତେ ଜାଣନ୍ତି, କିନ୍ତୁ··· ତା ବୋଲି···"

ଗୋଲକବିହାରୀଙ୍କ ବକ୍ତବ୍ୟ ପ୍ରତି କୌଣସି ପ୍ରକାରର ମନୋଯୋଗ ନ ଦେଇ ଧନଞ୍ଜୟ ଫୁଲକୁ ପଚାରିଲା, "ତମେ କ'ଣ କହୁଚ ?"

—"ମୋର ପ୍ରାର୍ଥନା ମୁଁ ଆଗରୁ ଜଣେଇଦେଇସାରିଚି । ଏମାନଙ୍କୁ ଚଞ୍ଚଳ ଛାଡ଼ିଦିଅନ୍ତୁ । ମାଆର ଦେହ ବେଶି ଖରାପ ।"

—"ତମେ ମତ ପରିବର୍ତ୍ତନ କରିବାକୁ ଇଚ୍ଛା କରୁନ ? କିନ୍ତୁ ଏମାନେ ତ ଖଲାସ ହେବାକୁ ଇଚ୍ଛା କରୁନାହାନ୍ତି ।"

—"ସେମାନେ ପାଗଳ । ସେମାନଙ୍କ ଖଲାସରେ ସେମାନଙ୍କର ଦରକାର ନ ଥାଇପାରେ ; ମୋର ଅଛି ।"

—"ସେଇଥି ନା କ'ଣ ?"

ଧନଞ୍ଜୟ ହସିବାର ଚେଷ୍ଟା କଲା ; କିନ୍ତୁ ମୁହୂର୍ତ୍ତକ ମଧ୍ୟରେ ହାଲୁକା ମେଘ ଭଳି ଗୋଟାଏ ଛାୟା ତା'ର ମୁଖମଣ୍ଡଳକୁ ମ୍ଳାନ କରିଦେଲା ।

—"ତା'ହେଲେ, ଏମାନେ ମୁକ୍ତ । ତମେ ନେଇଯାଅ ।"

—"ଭବିଷ୍ୟତ ପାଇଁ ପ୍ରତିଶ୍ରୁତି ଇଚ୍ଛା କରୁନାହାନ୍ତି ?"

—"ନା, ଦରକାର ନାହିଁ ।"

—"ନ ଥାଇପାରେ । କିନ୍ତୁ ମୁଁ ପ୍ରତିଶ୍ରୁତି ଦେଇଯାଉଚି, ପାଉଁଆ ଆଉ କେବେ ହେଲେ ଏମିତି କରିବନି । ମୁଁ ଜାଣେ, ସେ ବି କରିବନି । ଯଦି କରେ, ସେଥିପାଇଁ ମୁଁ ଦାୟୀ ରହିଲି ।"

ପାଉଁଆ ଆଉ ଲଛିଆକୁ ନେଇ ଫୁଲ ଚାଲିଗଲା ।

ଧନଞ୍ଜୟ ସେଇଠାରେ ଚଳପିତୁଳା ପରି ଠିଆହୋଇ ରହିଲା ।

ବିଷାକ୍ତ, ଦୁର୍ଗନ୍ଧ କ୍ଷତ ଭଳି ଗୋଟାଏ ଜ୍ୱାଳାମୟ ଭାବ ତା'ର ଅନ୍ତସ୍ଥଳକୁ ଦହନ କରିବାକୁ ଲାଗିଲା । ନିଜକୁ ନିଜେ ସେ ପ୍ରଶ୍ନ କରିବାକୁ ଲାଗିଲା, କାହିଁକି ଏମିତି ଅନାହୂତ ଭଳି ଫୁଲ ଆସି ପାରୁଆ ପାଇଁ ମୁକ୍ତି ପ୍ରାର୍ଥନା କଲା ? ପାରୁଆ ତ ଖଲାସ ହେବାକୁ ଇଚ୍ଛା କରିନି, ସେଇ ତାକୁ ଜୋର କରି ନେଇଗଲା । କାହିଁକି ? ଫୁଲ ସ୍ପଷ୍ଟ ସ୍ୱୀକାର କରିଯାଇଚି—ପାରୁଆ ଭବିଷ୍ୟତରେ ଆଉ କୌଣସି ଉପଦ୍ରବ କରିବନି । ସେ ଯେମିତି ସେ ବିଷୟରେ ସ୍ଥିର-ନିଶ୍ଚିତ । ତା ଉପରେ ଫୁଲର କ'ଣ ପାଇଁ ଏତେ ବିଶ୍ୱାସ ? ଲଛୁଆ ସମ୍ବନ୍ଧରେ ତ ସେ ଏମିତି ସ୍ଥିର କରି କିଛି କହିପାରିଲାନି ? ନିଜକୁ ସେ ଏମିତି ଅସଂଖ୍ୟ ପ୍ରଶ୍ନରେ ଜର୍ଜରିତ କରି ଚାଲିଥିଲା ଏବଂ ମନେ ମନେ ଯେଉଁ ଉତ୍ତର ପାଉଥିଲା, ସେସବୁ ଏତେ ଟିକିଏ ହେଲେ ପ୍ରୀତିପ୍ରଦ ନୁହେଁ । ଧନଞ୍ଜୟ ସ୍ଥିର ଦୃଷ୍ଟିରେ ଚାହିଁରହିଲା । ତା'ର ମନେ ହେବାକୁ ଲାଗିଲା, ପୃଥିବୀଟା ଅନେକ ସଂକୀର୍ଣ୍ଣ ହୋଇଯାଇଚି । ଏହା ମଧ୍ୟରେ ପାହାଡ଼ଗୁଡ଼ାକ ଯେମିତି ଆହୁରି ଛୋଟ ହୋଇଯାଇଚନ୍ତି । ପବନରେ ଆଉ ମନ୍ଥରତା ନାହିଁ । ବନଫୁଲର ଗନ୍ଧଗୁଡ଼ାକ ଆଉ ଯେମିତି ସୁମଧୁର ନୁହେଁ ।

କିନ୍ତୁ ଏମିତି କାହିଁକି ହେଲା ?

ଫୁଲ ଯଦି ପାରୁଆକୁ ଘନିଷ୍ଠ ଭାବରେ ଜାଣିଥାଏ, ଭଲ ପାଉଥାଏ ତ ତା'ର ଦୁଃଖ କରିବାର କ'ଣ ଅଛି ? ପାରୁଆ ଫୁଲର ସ୍ୱଜାତି ଏବଂ ପ୍ରତିବେଶୀ । ହୁଏତ ଶୈଶବରୁ ସେମାନଙ୍କର ପରିଚୟ । ହୁଏତ ଶୈଶବବେଳୁ ସେମାନଙ୍କର ଭଲ ପାଇବା ନିବିଡ଼ ହୋଇଥିବ । ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଆଉ ସେ ବା ଫୁଲର କିଏ ?

ଭିନ୍ନ ଜାତି, ଭିନ୍ନ ଭାଷାଭାଷୀ—ଲମ୍ପଟ, ଅତ୍ୟାଚାରୀ ଜମିଦାର ଛଡ଼ା ସେ ତ ଏମାନଙ୍କ ଆଖିରେ ଆଉ କିଛି ନୁହେଁ । କିନ୍ତୁ ତା'ପାଇଁ ତା'ର ଦୁଃଖ ହୁଏ, ଆଖିରେ ଲୁହ ଦେଖାଦିଏ କାହିଁକି ? ଫୁଲ କି ଜାଣେନି ଯେ କେବଳ ତା'ର ଅଭିଯୋଗରେ ବ୍ୟଥିତ ହୋଇ ସେ ସୁରା ଏବଂ ସାକୀର ଆରାଧନା ତ୍ୟାଗ କରି ଶୁଦ୍ଧ ହେବାକୁ ଯାଉଛି ।···

ଧନଞ୍ଜୟ ଭାବିବାକୁ ଲାଗିଲା—ଆକାଶ ଭଳି ସେ ଭାବନା ଅସୀମ ; ତା'ର କୂଳ କିନାରା କିଛି ନାହିଁ ।

ଅନେକ ସମୟ ପରେ ସେ ମନେ ମନେ କହିଉଠିଲା—ନା, ଏଇଟା ସମ୍ଭବ ନୁହେଁ ! ଫୁଲ ଆଖିରେ ମାତାଲ ହୋଇ, ଲମ୍ପଟ ହୋଇ ରହିବା ତା' ପକ୍ଷେ ସମ୍ଭବ ନୁହେଁ । ଆପଣାର ଅର୍ଦ୍ଧ ଅଜ୍ଞାତରେ ସେ ଏସବୁ କରିଛି—ଫୁଲକୁ ଖୁସି କରିବାପାଇଁ, ଫୁଲ ମୁହଁରୁ ଦି'ପଦ ପ୍ରଶଂସା ଶୁଣିବାପାଇଁ । କିନ୍ତୁ, ସେ ବା କେମିତି ତା'ର ଚିତ୍ତ ଉପରେ ଅଧିକାରର ଆସନ ପକେଇ ବସିଲା ? କେମିତି ?···

ବିଦ୍ୟୁତ୍ ଚେତନା ଭଳି ଗୋଟାଏ କଥା ତା'ର ମନ ଉପର ଦେଇ ଖେଳିଗଲା । ସେ ଫୁଲକୁ ଭଲପାଏ । ଏତେ ଦିନ ଧରି ସେ ନିଜକୁ ବୁଝେଇ ଆସିଥିଲା ଯେ, ଫୁଲ ତାକୁ ଭଲଲାଗେ । ଆଜି ମୁହୂର୍ତ୍ତକ ମଧ୍ୟରେ ସେ ବୁଝିପାରିଲା—ବହୁଦିନର ଅନାଘ୍ରାତ ପ୍ରଣୟ-ଫୁଲକୁ ସେ ଫୁଲକୁ ସମର୍ପଣ କରିଦେଇଛି । ନ ହେଲେ, ଏମିତି ବା ହୁଅନ୍ତା କାହିଁକି ?

ଆଜି ଯେତେବେଳେ ନିଜକୁ ନିଜେ ଆବିଷ୍କାର କଲା, ସେତେବେଳେ ସେ ଜାଣିପାରିଲା ଯେ ତା'ର ପାଇଁ ସେ ଏକାକୀ ଭାବରେ, ଏକୁଟିଆ ଏଠାରେ ପଡ଼ିରହିବା ପାଇଁ ରାଜି ହୋଇ-ଯାଇଛି । ତା'ର ପାଇଁ, ଯେତେବେଳେ ଇଚ୍ଛା ସେତେବେଳେ ସେ

ଅପଲକ ଦୃଷ୍ଟିରେ ତଳେ ଯାଇଥିବା ରାସ୍ତାଆଡ଼େ ଚାହିଁରହେ । କିନ୍ତୁ ଫୁଲ ତା'ର ହେବାର ନୁହେଁ; ଫୁଲ ପାହାଡ଼, ଆଉ ସେ ସଭ୍ୟ ଜମିଦାର ! ତା'ପରେ—ଫୁଲ ହୁଏତ ପାତୁଆକୁ ଭଲପାଏ···

ଧନଞ୍ଜୟର ଦୁଇ ଆଖି ଉଚ୍ଛୁଳାଇ ନିଃଶବ୍ଦରେ ଅଶ୍ରୁ ଝରି-ଆସିବାକୁ ଲାଗିଲା । ସେଇ ଅଶ୍ରୁ-ଅସ୍ପଷ୍ଟ ଆଖିରେ ବାହାରର ସୀମାହୀନ ଅନ୍ଧକାର ଭିତରେ କୁହୁଡ଼ିଘେରା ଆକାଶ ଆଡ଼େ ଚାହିଁ ସେ ଯେମିତି ବାରମ୍ବାର କାହାକୁ କହିବାକୁ ଲାଗିଲା—କାହିଁକି ଏମିତି ହୁଏ ? ଯାହାକୁ ଚିରଦିନ ପାଇଁ ବକ୍ଷ ପାଖରେ ପାଇ-ହେବନି, ସେ କାହିଁକି ଏଭଳି ଭାବରେ, ଅଜ୍ଞାତରେ, ଧୀରେ ଧୀରେ, ରକ୍ତମାଂସର ଅନୁଭୂତି ସଙ୍ଗେ ନିବିଡ଼ ଭାବରେ ଜଡ଼ିତ ହୋଇଯାଏ ?

ଗୋଲକବିହାରୀ ପାଖରେ ଆସି ଠିଆହେଲେ ।

ବିନମ୍ର ଭଙ୍ଗୀରେ ଦୁଇ ହାତ ଯୋଡ଼ି କହିଲେ, "ହଜୁର, କାମଟା କ'ଣ ଠିକ୍ ହେଲା ?"

ଧନଞ୍ଜୟ ପଚାରିଲା, "କୋଉ କାମ, ବିହାରୀବାବୁ ?"

ତହସିଲଦାର ପୂର୍ବ ପରି ବିନମ୍ରର ଅବତାର ହୋଇ କହିଲେ, "ହଜୁର, ସେ ବନ୍ଦୀମାନଙ୍କୁ ଛାଡ଼ିଦେବାଟା···"

—"କାହିଁକି, କ'ଣ ହେଲା ?"

—"ହଜୁର, ଭବିଷ୍ୟତରେ ସେମାନେ ଯଦି ଆଉ କିଛି ଗଣ୍ଡଗୋଳ କରନ୍ତି ?"

—"ଭୟ ନାହିଁ । ଝିଅଟା କଥା ଦେଇଯାଇଛି ।"

ଗୋଲକବିହାରୀ ମୁରବୀଙ୍କ ଭଳି ହସିଲେ । ପର ମୁହୂର୍ତ୍ତରେ ସଯତ ହୋଇ କହିଲେ, "ହଜୁର, ସେମାନଙ୍କୁ ବିଶ୍ୱାସ ନାହିଁ ।"

—"ଆପଣ ଭୁଲିଯାଉଛନ୍ତି ବିହାରୀବାବୁ, ଏଇ ଫୁଲ ସେଦିନ ରାତିରେ ଝିଅକୁ ଦେଇ କେତେ ବଡ଼ ଉପକାର କରିଥିଲି !"

—"ମନେ ଅଛି, ହଜୁର ! ଝିଅଟା ଖୁବ୍ ସରଳ — ସେକଥା ବି ମୁଁ ବୁଝିଛି। କିନ୍ତୁ ସେ ବଦମାସ୍ ପାତ୍ରୁଆ ତା କଥା ଶୁଣିଲେ ତ ?"

—"ଶୁଣିବ ବୋଲି ଆଶା କରାଯାଉଛି।"

—"ଶୁଣିଲେ ତ ଭଲ। ଟଙ୍କା ପଇସା ଧରି ଯିବାପାଇଁ କି ବ୍ୟବସ୍ଥା କରିବାକୁ ଭାବୁଛନ୍ତି, ହଜୁର ?"

—"ଆପଣ କିଛି ଚିନ୍ତା କରନାହାନ୍ତି ?"

—"ନାଇଁ, ହଜୁର। ଲୋକଗୁଡ଼ାଙ୍କର କାଣ୍ଡ କାରଖାନା ଦେଖି ମୋର ପ୍ରାଣପକ୍ଷୀ ପିଣ୍ଡଭିତରୁ ବାହାରିଯାଉଛି। ଯାହା କିଛି ବ୍ୟବସ୍ଥା କରିବା କଥା ହଜୁର ବିଚାର କରନ୍ତୁ।"

—"ହଉ, କାଲି ଆମେ ଚାଲିଯିବା।"

—"ଆପଣ ବି ?"

—"ଏମିତି ଆଶ୍ଚର୍ଯ୍ୟ ହେଉଛନ୍ତି କାହିଁକି ?"

—"ନାଇଁ ହଜୁର, ଆଜି ସକାଳେ ମନା କଲେ ନା— ତେଣୁ..."

—"ଆଚ୍ଛା, ବର୍ତ୍ତମାନ କହୁଛି, ଯିବ। ଆପଣ ଯାଆନ୍ତୁ, ସ୍ଥିର ହୋଇ ଟିକଏ ବିଶ୍ରାମ କରନ୍ତୁ।"

—"ହଜୁର କିଛି ଖାଇବେନି ?"

—"ନା।"

—"ସେ କି କଥା, ହଜୁର ? ଏତେବଡ଼ ରାତିରେ..."

—"କିଛି ନାଇଁ। କେଜାଣି କୌଣସିଥିରେ ମୋର ମନ ଲାଗୁନି। ଆପଣ ଯାଆନ୍ତୁ।"

ଗୋଲକବିହାରୀ ବିମର୍ଷ ହୋଇ ଚାଲିଗଲେ। ଧନଞ୍ଜୟ ଭିତରକୁ ଗଲା।

ଧନଞ୍ଜୟ ସେଇଠାରେ ଚଳପିତୁଳା ପରି ଠିଆହୋଇ ରହିଲା ।

ବିଷାକ୍ତ, ଦୁର୍ଗନ୍ଧ ଷତ ଭଳି ଗୋଟାଏ ଜ୍ୱାଳାମୟ ଭାବ ତା'ର ଅନ୍ତସ୍ଥଳକୁ ଦହନ କରିବାକୁ ଲାଗିଲା । ନିଜକୁ ନିଜେ ସେ ପ୍ରଶ୍ନ କରିବାକୁ ଲାଗିଲା, କାହିଁକି ଏମିତି ଅନାହୂତ ଭଳି ଫୁଲ ଆସି ପାଉଁଆ ପାଇଁ ମୁକ୍ତି ପ୍ରାର୍ଥନା କଲା ? ପାଉଁଆ ତ ଖଲାସ ହେବାକୁ ଇଚ୍ଛା କରନି, ସେଇ ତାକୁ ଜୋର କରି ନେଇଗଲା । କାହିଁକି ? ଫୁଲ ସ୍ପଷ୍ଟ ସ୍ୱୀକାର କରିଯାଇଛି—ପାଉଁଆ ଭବିଷ୍ୟତରେ ଆଉ କୌଣସି ଉପଦ୍ରବ କରିବନି । ସେ ଯେମିତି ସେ ବିଷୟରେ ସ୍ଥିର-ନିଶ୍ଚିତ । ତା ଉପରେ ଫୁଲର କ'ଣ ପାଇଁ ଏତେ ବିଶ୍ୱାସ ? ଲଛୁଆ ସମ୍ବନ୍ଧରେ ତ ସେ ଏମିତି ସ୍ଥିର କରି କିଛି କହିପାରିଲାନି ? ନିଜକୁ ସେ ଏମିତି ଅସଂଖ୍ୟ ପ୍ରଶ୍ନରେ ଜର୍ଜରିତ କରି ଚାଲିଥିଲା ଏବଂ ମନେ ମନେ ଯେଉଁ ଉତ୍ତର ପାଉଥିଲା, ସେସବୁ ଏତେ ଟିକିଏ ହେଲେ ପ୍ରୀତିପ୍ରଦ ନୁହେଁ । ଧନଞ୍ଜୟ ସ୍ଥିର ଦୃଷ୍ଟିରେ ଚାହିଁରହିଲା । ତା'ର ମନେ ହେବାକୁ ଲାଗିଲା, ପୃଥିବୀଟା ଅନେକ ସଂକୀର୍ଣ୍ଣ ହୋଇଯାଇଛି । ଏହା ମଧ୍ୟରେ ପାହାଡ଼ଗୁଡ଼ାକ ଯେମିତି ଆହୁରି ଶ୍ରେଷ୍ଠ ହେଇ-ଯାଇଚନ୍ତି । ପବନରେ ଆଉ 'ମନ୍ଦରତା ନାହିଁ । ବନଫୁଲର ଗନ୍ଧ-ଗୁଡ଼ାକ ଆଉ ଯେମିତି ସୁମଧୁର ନୁହେଁ ।

କିନ୍ତୁ ଏମିତି କାହିଁକି ହେଲା ?

ଫୁଲ ଯଦି ପାଉଁଆକୁ ଘନିଷ୍ଠ ଭାବରେ ଜାଣିଥାଏ, ଭଲ ପାଉଥାଏ ତ ତା'ର ଦୁଃଖ କରିବାର କ'ଣ ଅଛି ? ପାଉଁଆ ଫୁଲର ସ୍ୱଜାତି ଏବଂ ପ୍ରତିବେଶୀ । ହୁଏତ ଶୈଶବରୁ ସେମାନଙ୍କର ପରିଚୟ । ହୁଏତ ଶୈଶବବେଳୁ ସେମାନଙ୍କର ଭଲ ପାଇବା ନିବଡ଼ ହୋଇଥିବ । ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଆଉ ସେ ବା ଫୁଲର କିଏ ?

ଭିନ୍ନ ଜାତି, ଭିନ୍ନ ଭାଷାଭାଷୀ—ଲମ୍ପଟ, ଅତ୍ୟାଚାରୀ ଜମିଦାର ଛଡ଼ା ସେ ତ ଏମାନଙ୍କ ଆଖିରେ ଆଉ କିଛି ନୁହେଁ । କିନ୍ତୁ ତା'ପାଇଁ ତା'ର ଦୁଃଖ ହୁଏ, ଆଖିରେ ଲୁହ ଦେଖାଦିଏ କାହିଁକି ? ଫୁଲ ତ ଜାଣେନି ଯେ କେବଳ ତା'ରି ଅଭିଯୋଗରେ ବ୍ୟଥିତ ହୋଇ ସେ ସୁରା ଏବଂ ସାକୀର ଆରାଧନା ତ୍ୟାଗ କରି ଶୁଦ୍ଧ ହେବାକୁ ଯାଉଛି ।...

ଧନଞ୍ଜୟ ଭାବିବାକୁ ଲାଗିଲା—ଆକାଶ ଭଳି ସେ ଭାବନା ଅସୀମ ; ତା'ର କୂଳ କିନାରା କିଛି ନାହିଁ ।

ଅନେକ ସମୟ ପରେ ସେ ମନେ ମନେ କହିଉଠିଲା—ନା, ଏଇଟା ସମ୍ଭବ ନୁହେଁ ! ଫୁଲ ଆଖିରେ ମାଟି ହୋଇ, ଲମ୍ପଟ ହୋଇ ରହିବା ତା' ପକ୍ଷେ ସମ୍ଭବ ନୁହେଁ । ଆପଣାର ଅର୍ଦ୍ଧ ଅଜ୍ଞାତରେ ସେ ଏସବୁ କରିଛି—ଫୁଲକୁ ଖୁସି କରିବାପାଇଁ, ଫୁଲ ମୁହଁରୁ ଦି'ପଦ ପ୍ରଶଂସା ଶୁଣିବାପାଇଁ । କିନ୍ତୁ, ସେ ବା କେମିତି ତା'ର ଚିତ୍ତ ଉପରେ ଅଧିକାରର ଆସନ ପକେଇ ବସିଲା ? କେମିତି ?...

ବିଦ୍ୟୁତ୍ ଚେତନା ଭଳି ଗୋଟାଏ କଥା ତା'ର ମନ ଉପରେ ଦେଇ ଖେଳିଗଲା । ସେ ଫୁଲକୁ ଭଲପାଏ । ଏତେ ଦିନ ଧରି ସେ ନିଜକୁ ବୁଝେଇ ଆସିଥିଲା ଯେ, ଫୁଲ ତାକୁ ଭଲଲାଗେ । ଆଜି ମୁହୂର୍ତ୍ତକ ମଧ୍ୟରେ ସେ ବୁଝିପାରିଲା—ବହୁଦିନର ଅନାଘ୍ରାତ ପ୍ରଣୟ-ଫୁଲକୁ ସେ ଫୁଲକୁ ସମର୍ପଣ କରିଦେଇଛି । ନ ହେଲେ, ଏମିତି ବା ହୁଅନ୍ତା କାହିଁକି ?

ଆଜି ଯେତେବେଳେ ନିଜକୁ ନିଜେ ଆବିଷ୍କାର କଲା, ସେତେବେଳେ ସେ ଜାଣିପାରିଲା ଯେ ତା'ରି ପାଇଁ ସେ ଏକଲା ଘରେ, ଏକୁଟିଆ ଏଠାରେ ପଡ଼ିରହିବା ପାଇଁ ରାଜି ହୋଇଯାଇଛି । ତା'ରି ପାଇଁ, ଯେତେବେଳେ ଇଚ୍ଛା ସେତେବେଳେ ସେ

ଅପଲକ ଦୃଷ୍ଟିରେ ଚଳେ ଯାଇଥିବା ରାସ୍ତାଆଡ଼େ ଚାହିଁରହେ । କିନ୍ତୁ ଫୁଲ ତା'ର ହେବାର ନୁହେଁ; ଫୁଲ ପାହାଡ଼, ଆଉ ସେ ସଭ୍ୟ ଜମିଦାର ! ତା'ପରେ—ଫୁଲ ହୁଏତ ପାଉଁଆକୁ ଭଲପାଏ···

ଧନଞ୍ଜୟର ଦୁଇ ଆଖି ଉଚ୍ଛୁଳାଇ ନିଃଶବ୍ଦରେ ଅଶ୍ରୁ ଝରି-ଆସିବାକୁ ଲାଗିଲା । ସେଇ ଅଶ୍ରୁ-ଅସ୍ପଷ୍ଟ ଆଖିରେ ବାହାରର ସୀମାହୀନ ଅନ୍ଧକାର ଭିତରେ କୁହୁଡ଼ିଘେରା ଆକାଶ ଆଡ଼େ ଚାହିଁ ସେ ଯେମିତି ବାରମ୍ବାର କାହାକୁ କହିବାକୁ ଲାଗିଲା—କାହିଁକି ଏମିତି ହୁଏ ? ଯାହାକୁ ଚିରଦିନ ପାଇଁ ବକ୍ଷ ପାଖରେ ପାଇ-ହେବନି, ସେ କାହିଁକି ଏଭଳି ଭାବରେ, ଅଜ୍ଞାତରେ, ଧୀରେ ଧୀରେ, ରକ୍ତମାଂସର ଅନୁଭୂତି ସଙ୍ଗେ ନିବିଡ଼ ଭାବରେ ଜଡ଼ିତ ହୋଇଯାଏ ?

ଗୋଲକବିହାରୀ ପାଖରେ ଆସି ଠିଆହେଲେ ।

ବିନୟ ଭଙ୍ଗୀରେ ଦୁଇ ହାତ ଯୋଡ଼ି କହିଲେ, "ହଜୁର, କାମଟା କ'ଣ ଠିକ୍ ହେଲା ?"

ଧନଞ୍ଜୟ ପଚାରିଲା, "କେଉଁ କାମ, ବିହାରୀବାବୁ ?"

ତହସିଲଦାର ପୂର୍ବ ପରି ବିନୟର ଅବତାର ହୋଇ କହିଲେ, "ହଜୁର, ସେ ବନ୍ଦୀମାନଙ୍କୁ ଛାଡ଼ିଦେବାଟା···"

—"କାହିଁକି, କ'ଣ ହେଲା ?"

—"ହଜୁର, ଭବିଷ୍ୟତରେ ସେମାନେ ଯଦି ଆଉ କିଛି ଗଣ୍ଡଗୋଳ କରନ୍ତି ?"

—"ଭୟ ନାହିଁ । ସିଅଟା କଥା ଦେଇଯାଇଚି ।"

ଗୋଲକବିହାରୀ ମୁରବୀଙ୍କ ଭଳି ହସିଲେ । ପର ମୁହୂର୍ତ୍ତରେ ସଯତ ହୋଇ କହିଲେ, "ହଜୁର, ସେମାନଙ୍କୁ ବିଶ୍ୱାସ ନାହିଁ ।"

—"ଆପଣ ଭୁଲିଯାଉଛନ୍ତି ବହୁବାଷ୍ଟିବାବୁ, ଏଇ ଫୁଲ ସେଦିନ ରାତିରେ ଖବର ଦେଇ କେତେ ବଡ଼ ଉପକାର କରିଥିଲା !"

—"ମନେ ଅଛି, ହଜୁର ! ଝିଅଟା ଖୁବ୍ ସରଳ—ସେକଥା ବି ମୁଁ ବୁଝିଛି । କିନ୍ତୁ ସେ ବଦମାସ୍ ପାଲୁଆ ଟା କଥା ଶୁଣିଲେ ତ ?"

—"ଶୁଣିବ ବୋଲି ଆଶା କରାଯାଉଛି ।"

—"ଶୁଣିଲେ ତ ଭଲ । ଟଙ୍କା ପଇସା ଧରି ଯିବାପାଇଁ କି ବ୍ୟବସ୍ଥା କରିବାକୁ ଭାବୁଛନ୍ତି, ହଜୁର ?"

—"ଆପଣ କିଛି ଚିନ୍ତା କରନ୍ତୁନାହିଁ ?"

—"ନାହିଁ, ହଜୁର । ଲୋକଗୁଡ଼ାଙ୍କର କଣ୍ଡ କାରଖାନା ଦେଖି ମୋର ପ୍ରାଣପକ୍ଷୀ ପିଣ୍ଡରୁ ବାହାରିଯାଉଛି । ଯାହା କିଛି ବ୍ୟବସ୍ଥା କରିବା କଥା ହଜୁର ବିଚାର କରନ୍ତୁ ।"

—"ହଉ, କାଲି ଆମେ ଚାଲିଯିବା ।"

—"ଆପଣ ବି ?"

—"ଏମିତି ଆଶ୍ଚର୍ଯ୍ୟ ହେଉଛନ୍ତି କାହିଁକି ?"

—"ନାହିଁ ହଜୁର, ଆଜି ସକାଳେ ମନା କଲେ ନା— ତେଣୁ..."

—"ଅଚ୍ଛା, ବର୍ତ୍ତମାନ କହୁଛି, ଯିବି । ଆପଣ ଯାଆନ୍ତୁ, ସ୍ଥିର ହୋଇ ଟିକିଏ ବିଶ୍ରାମ କରନ୍ତୁ ।"

—"ହଜୁର କିଛି ଖାଇବେନି ?"

—"ନା ।"

—"ସେ କି କଥା, ହଜୁର ? ଏତେବଡ଼ ରାତିରେ..."

—"କିଛି ନାହିଁ । କେଜାଣି କୌଣସିଥିରେ ମୋର ମନ ଲାଗୁନି । ଆପଣ ଯାଆନ୍ତୁ ।"

ଗୋଲକବିହାରୀ ବିମର୍ଷ ହୋଇ ଚାଲିଗଲେ । ଧନଞ୍ଜୟ ଭିତରକୁ ଗଲା ।

ଘରର ଗୋଟାଏ କୋଣରେ ଜୁଳୁ ଜୁଳୁ ହୋଇ ଗୋଟାଏ ଆଲୁଅ ଜଳୁଚି । ଖଟଟା ଉପରେ ବିଛଣା ପଡ଼ି ହୋଇ ରହିଚି । ଉପରେ ପଡ଼ିଥିବା ଚଦରଟା କୋଚ୍‌କୋଚ୍ ହୋଇଯାଇଚି; କେହି ଆଜି ଦେଖାଶୁଣା କରିନାହାନ୍ତି । ବିଳାସ-ଉତ୍ସବର ନାଆଁ ଗନ୍ଧ ନାହିଁ । ଘରଟା ଶ୍ମଶାନ ଭଳି ନିସ୍ତବ୍ଧ । ଧନଞ୍ଜୟ ଆଲୁଅଟା ଲିଭେଇଦେଲା—ଖଣ୍ଡେ ଚଦରର ଘୋଡ଼ାଇ ହୋଇ ସେଇ ଖଟ ଉପରେ ଶୋଇପଡ଼ିଲା ।

ମନେ ମନେ ସ୍ଥିର କଲା, ଫୁଲର ସ୍ମୃତି ଧରି ସେ ଆଉ ଖେଳିବନି । ସେ ଗୋଟାଏ ମରୀଚିକା, ନିଦାଘ ନିଶୀଥର ଦୁଃସ୍ୱପ୍ନ ।

## —ବାର—

ଜମିଦାର କୋଠିଠାରୁ କିଛି ଦୂର ଆସିବା ପରେ ପାଣୁଆ କହିଲା, "ଫୁଲ, ତୁ କାହିଁକି ତା ପାଖକୁ ଅନୁରୋଧ କରିବାକୁ ଗଲୁ ?"

—"ଦୋଷ କ'ଣ ହେଇଗଲା ?"

—"ମୋର ଖଲାସ ହେବା ଦରକାର ନ ଥିଲା ।"

—"ଆଉ କ'ଣ ଦରକାର ଥିଲା ?"

—"ଅତ୍ୟାଚାରୀର ଶାସ୍ତି ।"

—"ଏବେ ବି ତୋର ସେ ନିଶା ଛୁଟିନି ?"

—"ନା, ତୋର ସେଠାରେ ଯାଇ ଅନୁରୋଧ କରିବା ଦରକାର ନ ଥିଲା ।"

—"ଥିଲା ।"

—"କ'ଣ ଦରକାର ଥିଲା ?"

—"ମାଆ ତୋ ପାଇଁ ଏକାବେଳେ ବ୍ୟସ୍ତ ହୋଇପଡ଼ିଛି । ସେଇ ସେ଼ିକା ମତେ ପଠେଇଥିଲା । ତା'ର ଦେହ ଖରାପ କଥା ଶୁଣିଚୁ ?"

—"ନାଇଁ ତ ! କଣ ହେଇଚି ?"

—"ପଡ଼ିଯାଇ ମୁଣ୍ଡ ଫାଟି ରକ୍ତ ବାହାରୁଚି ।"

—"ଏଯାଏଁ ବନ୍ଦ ହେଇନି ?"

—"ନା, ଖୁବ୍ ଜୋର୍‌ରେ ବାଜିଚି ।"

ପାତ୍ରୁଆ ଚୁପ୍‌ଚାପ ଆଗେଇବାକୁ ଲଗିଲା । ଧନଞ୍ଜୟ ଫୁଲର ଅନୁରୋଧ ରଖିବାରେ ସେ ସନ୍ତୁଷ୍ଟ ହୋଇପାରିନି । ପ୍ରଥମତଃ ପାହାଡ଼ମାନଙ୍କର ତା ପାଖେ ପରାଜୟ ; ଦ୍ୱିତୀୟତଃ ଫୁଲ ପ୍ରତି ଗୋଟାଏ ଗୋପନ ସନ୍ଦେହ ! କିଛିଦୂର ଯିବା'ପରେ ପାତ୍ରୁଆ କହିଲା, "ଗୋଟାଏ କଥା ପଚାରିବି ଫୁଲ, ସତକଥା କହିବୁ ?"

—"ପଚାର, କହିବି ।"

—"ଏହା ଆଗରୁ ତୋ ସାଙ୍ଗେ ଜମିଦାରର କେବେ ଦେଖା-ହେଇଥିଲା ?"

—"ନା ।"

—"କିନ୍ତୁ ମୋର ମନେହେଉଚି, ହେଇଥିଲା ।"

—"କେମିତି ?"

—"ନ ହେଲେ କୋଉ ସାହସରେ ତୁ ତା ପାଖକୁ ଧାଇଁଗଲୁ ? ଆଶ୍ଚର୍ଯ୍ୟ !"

—"ଆଶ୍ଚର୍ଯ୍ୟ କ'ଣ ? ସେ ତ ପୁଣି ମଣିଷ !"

—"ଏ କଥାରେ ମୋର ବିଶ୍ବାସ ହେଉନି । ସନ୍ଦେହ ହେଉଚି ।"

—"କି ସନ୍ଦେହ ?"

—"ମୋର ସନ୍ଦେହ ହେଉଚି, ଜମିଦାର ଆଉ ତୋ ଭିତରେ କିଛି ଗୋଟାଏ ଖରାପ ସମ୍ବନ୍ଧ ଅଛି ।"

—"ଏଭଳି ସନ୍ଦେହର କାରଣ ?"

—"କାରଣ ? ସେ କଥା ତ ସଫା ଜଣାପଡ଼ୁଯାଉଚି । ଏତେଗୁଡ଼ାଏ ପାହାଡ଼ି ଲୋକଙ୍କର ଅନୁରୋଧ, ଉପରୋଧ, ଆକ୍ରମଣ ଯାହା କରିପାରିଲେନି, ତୋର ମାତ୍ର ଗୋଟାଏ ପଦ କଥାରେ ସେ କାମ ସୁରୁଖୁରୁରେ ହୋଇଗଲା—ଏ କ'ଣ ଅକାରଣ କଥା ?"

"କେଜାଣି" ବୋଲି କହି ଫୁଲ କମ୍ପିତ ପଦରେ ଅଗ୍ରସର ହେଲା ।

ପାଉଁଆ କହିଲା, "ଏଗୁଡ଼ାକ କିନ୍ତୁ ଭଲ ନୁହେଁ, ଫୁଲ ! ମୁଁ ତୋର ଭାବୀ ସ୍ୱାମୀ । ତୋ ନାଆଁରେ କୌଣସି ବିରୁଦ୍ଧ ଆଲୋଚନା ଶୁଣିବାକୁ ମୁଁ କେବେହେଲେ ଇଚ୍ଛା କରେନି ।"

—"ବିରୁଦ୍ଧ ଆଲୋଚନା ଶୁଣିଲା ଭଳି କୋଉ କାମ ମୁଁ କଲି ଯେ ?"

—"କରିଚୁ । କାଲି ସକାଳ ହେବା ମାତ୍ରେ ଜାଣିପାରିବୁ, ଯେତେବେଳେ ଏ ଅଞ୍ଚଳର ସବୁ ପାହାଡ଼ିଆ ଜାତି ଏକାଠି ହୋଇ ଜମିଦାର ଆଉ ତୋ ନାଆଁରେ କେତେ ପ୍ରକାର ଅଭଦ୍ର ଆଲୋଚନା କରିବେ । କେବଳ ସେତିକି ନୁହେଁ । ଆମର ସବୁ ସଙ୍କଳ୍ପ, ସମସ୍ତ ଉଦ୍ୟମ, ପ୍ରଚେଷ୍ଟା—ଆଜି ତୋ'ର ପାଇଁ ବ୍ୟର୍ଥ ହୋଇଯିବାକୁ ବସିଚି । ତତେ କେତେ ଥର, କେତେ ପ୍ରକାର ବୁଝେଇଚି, ଫୁଲ, ଏମାନେ ମଣିଷ ପୋଷାକ ପିନ୍ଧନ୍ତି, କିନ୍ତୁ ମଣିଷ

ନୁହନ୍ତି—ସେଗୁଡ଼ା କୁକୁର, ସେଗୁଡ଼ା ପଶୁଠାରୁ ବି ନିହାତି । ସେମାନଙ୍କ ସାଙ୍ଗେ କୌଣସି ଦିନ, କୌଣସି ଉପାୟରେ, କୌଣସି କାରଣରୁ ପଟିବନି । ଯୁଗ ଯୁଗ ଧରି ସେମାନେ ସେମାନଙ୍କର ଆର୍ଥିକ ସୁଯୋଗ ଧରି ଆମମାନଙ୍କୁ ଲାଞ୍ଛିତ କରିଆସୁଚନ୍ତି । କୌଣସି ଦିନ ତାଙ୍କ ଆମ ଭିତରେ ସାଲିସ ହୋଇ ନ ପାରେ !··· କିନ୍ତୁ ତୁ ମୋର ମନା ମାନିଲୁନି । ତା'ରି ଆଗରେ ଯାଇ ଠିଆ-ହେଲୁ । ଆଜି ସେ ବିନା ଆପତ୍ତିରେ ତୋର ଅନୁରୋଧ ରଖିଚି । ଏହା ପରେ ଖୁବ୍ ଚଞ୍ଚଳ ସେ ଦିନେ ତୋ ଦୁଆରକୁ ଆସିବ ତା'ର ଅନୁରୋଧ—ଉପରୋଧ ଜଣେଇବାକୁ, ଏବଂ ତୁ ଯଦି ତା'ରି ଭଳି ବିନା ଆପତ୍ତିରେ ପାଳନ କରିବାକୁ ରାଜି ନ ହେଉ, ସେତେବେଳେ ତା'ର ନୂଆ ମୂର୍ତ୍ତି ଦେଖିବୁ । ହୁଁ, ଫୁଲ !···ଯା ପରେ ଯଦି ଆଉ କିଛି ଶୁଣିବାକୁ ପାଏଁ କି ଜାଣିପାରେଁ, ତା'ହେଲେ ସିଧା କହିଦେଉଚି, ଆମର ବାହାଘର କୌଣସି ଦିନ ସମ୍ଭବ ହେବନି । ତୋର ଆଜିର ଅନୁରୋଧ ସମଗ୍ର ପାହାଡ଼ି ଜାତିକୁ କେମିତି ଅକାମୀ କରିଦେଇଚି, ଜାଣିଚୁ ଫୁଲ ?"

—"କ'ଣ, କହ ।"

—"ଜମିଦାର ପାଖରେ ତୁ ପ୍ରତିଶ୍ରୁତି ଦେଇଆସିଚୁ, ଆମେମାନେ ଆଉ କୌଣସି ଦିନ ଅଦାଲତି କରିବୁନି; ଯଦି କରୁ, ତୁ ତା ପାଇଁ ଦାୟୀ ହେବୁ । କିଛି ନ ବୁଝି, କିଛି ନ ବିଚାରି ତୁ ପ୍ରତିଶ୍ରୁତି ଦେଇଆସିଲୁ । କିନ୍ତୁ ଏ ପ୍ରତିଶ୍ରୁତି ରଖିବା କେତେ କଠିନ, ସେକଥା ତୁ ଜାଣିଚୁ ?"

—"ଜାଣିନି । କିନ୍ତୁ କଠିନ ହେଲେ ପ୍ରତିଶ୍ରୁତି ନ ରଖିପାରି । ସେମିତି କିଛି ବାଧା ନାହିଁ ତ ।"

—"ବାଧା ନାହିଁ, କ'ଣ କହୁଚୁ ଫୁଲ !"

ଘରର ଗୋଟାଏ କୋଣରେ ଜୁଳୁ ଜୁଳୁ ହୋଇ ଗୋଟାଏ ଆଲୁଅ ଜଳୁଚି । ଖଟଟା ଉପରେ ବିଛଣା ପଡ଼ି ହୋଇ ରହିଚି । ଉପରେ ପଡ଼ିଥିବା ଚଦରଟା ଲୋଟୁକୋଟୁ ହୋଇଯାଇଚି; କେହି ଆଜି ଦେଖାଶୁଣା କରିନାହାନ୍ତି । ବିଳାସ-ଉତ୍ସବର ନାଆଁ ଗନ୍ଧ ନାହିଁ । ଘରଟା ଶ୍ମଶାନ ଭଳି ନିସ୍ତବ୍ଧ । ଧନଞ୍ଜୟ ଆଲୁଅଟା ଲିଭେଇଦେଲା—ଖଣ୍ଡେ ଚଦର ଘୋଡ଼ାଇ ହୋଇ ସେଇ ଖଟ ଉପରେ ଶୋଇପଡ଼ିଲା ।

ମନେ ମନେ ସ୍ଥିର କଲା, ଫୁଲର ସ୍ମୃତି ଧରି ସେ ଆଉ ଖେଳିବନି । ସେ ଗୋଟାଏ ମରୀଚିକା, ନିଦାଘ ନିଶୀଥର ଦୁଃସ୍ୱପ୍ନ ।

## —ବାର—

ଜମିଦାର କୋଠିଠାରୁ କିଛି ଦୂର ଆସିବା ପରେ ପାତ୍ରୁଆ କହିଲା, "ଫୁଲ, ତୁ କାହିଁକି ତା ପାଖକୁ ଅନୁରୋଧ କରିବାକୁ ଗଲୁ ?"

—"ଦୋଷ କ'ଣ ହେଇଗଲା ?"

—"ମୋର ଖଲାସ ହେବା ଦରକାର ନ ଥିଲା ।"

—"ଆଉ କ'ଣ ଦରକାର ଥିଲା ?"

—"ଅତ୍ୟାଚାରୀର ଶାସ୍ତି ।"

—"ଏବେ ବି ତୋର ସେ ନିଶା ଛାଡ଼ିନି ?"

—"ନା, ତୋର ସେଠାରେ ଯାଇ ଅନୁରୋଧ କରିବା ଦରକାର ନ ଥିଲା ।"

—"ଥିଲା ।"

—"କ'ଣ ଦରକାର ଥିଲା ?"

—"ମାଆ ତୋ ପାଇଁ ଏକାବେଳେ ବ୍ୟସ୍ତ ହୋଇପଡ଼ିଚି । ସେଇ ସେଥିକି ମତେ ପଠେଇଥିଲା । ତା'ର ଦେହ ଖରାପ କଥା ଶୁଣିଚୁ ?"

—"ନାହିଁ ତ ! କଣ ହେଇଚି ?"

—"ପଡ଼ିଯାଇ ମୁଣ୍ଡ ଫାଟି ରକ୍ତ ବାହାରୁଚି ।"

—"ଏଯାଏଁ ବନ୍ଦ ହେଇନି ?"

—"ନା, ଖୁବ୍ ଜୋର୍‌ରେ ବାଜଚି ।"

ପାଭୁଆ ଚୁପ୍‌ଚାପ ଆଗେଇବାକୁ ଲାଗିଲା । ଧନଞ୍ଜୟ ଫୁଲର ଅନୁରୋଧ ରଖିବାରେ ସେ ସନ୍ତୁଷ୍ଟ ହୋଇପାରିନି । ପ୍ରଥମତଃ ପାହାଡ଼ମାନଙ୍କର ତା ପାଖେ ପରାଜୟ ; ଦ୍ୱିତୀୟତଃ ଫୁଲ ପ୍ରତି ଗୋଟାଏ ଗୋପନ ସନ୍ଦେହ ! କିଛିଦୂର ଯିବା'ପରେ ପାଭୁଆ କହିଲା, "ଗୋଟାଏ କଥା ପଚାରିବି ଫୁଲ, ସତକଥା କହିବୁ ?"

—"ପଚାର, କହିବି ।"

—"ଏହା ଆଗରୁ ତୋ ସାଙ୍ଗେ ଜମିଦାରର କେବେ ଦେଖା-ହେଇଥିଲା ?"

—"ନା ।"

—"କିନ୍ତୁ ମୋର ମନେହେଉଚି, ହେଇଥିଲା ।"

—"କେମିତି ?"

—"ନ ହେଲେ କୋଉ ସାହସରେ ତୁ ତା ପାଖକୁ ଧାଇଁଗଲୁ ? ଆଶ୍ଚର୍ଯ୍ୟ !"

—"ଆଶ୍ଚର୍ଯ୍ୟ କ'ଣ ? ସେ ତ ପୁଣି ମଣିଷ !"

—"ଏ କଥାରେ ମୋର ବିଶ୍ୱାସ ହେଉନି । ସନ୍ଦେହ ହେଉଛି ।"

—"କି ସନ୍ଦେହ ?"

—"ମୋର ସନ୍ଦେହ ହେଉଛି, ଜମିଦାର ଆଉ ତୋ ଭିତରେ କିଛି ଗୋଟାଏ ଖରାପ ସମ୍ବନ୍ଧ ଅଛି ।"

—"ଏଭଳି ସନ୍ଦେହର କାରଣ ?"

—"କାରଣ ? ସେ କଥା ତ ସଫା ଜଣାପଡ଼ିଯାଉଛି । ଏତେଗୁଡ଼ାଏ ପାହାଡ଼ି ଲୋକଙ୍କର ଅନୁରୋଧ, ଉପରୋଧ, ଆକ୍ରମଣ ଯାହା କରିପାରିଲାନି, ତୋର ମାତ୍ର ଗୋଟାଏ ପଦ କଥାରେ ସେ କାମ ସୁରୁଖୁରୁରେ ହୋଇଗଲା—ଏ କ'ଣ ଅକାରଣ କଥା ?"

"କେଜାଣି" ବୋଲି କହି ଫୁଲ କମ୍ପିତ ପଦରେ ଅଗ୍ରସର ହେଲା ।

ପାରୁଆ କହିଲା, "ଏଗୁଡ଼ାକ କିନ୍ତୁ ଭଲ ନୁହେଁ, ଫୁଲ ! ମୁଁ ତୋର ଭାବୀ ସ୍ୱାମୀ । ତୋ ନାଆଁରେ କୌଣସି ବିରୁଦ୍ଧ ଆଲୋଚନା ଶୁଣିବାକୁ ମୁଁ କେବେହେଲେ ଇଚ୍ଛା କରେନି ।"

—"ବିରୁଦ୍ଧ ଆଲୋଚନା ଶୁଣିଲା ଭଳି କୋଉ କାମ ମୁଁ କଲି ଯେ ?"

—"କରିଛୁ । କାଲି ସକାଳ ହେବା ମାତ୍ରେ ଜାଣିପାରିବୁ, ଯେତେବେଳେ ଏ ଅଞ୍ଚଳର ସବୁ ପାହାଡ଼ିଆ ଜାତି ଏକାଠି ହୋଇ ଜମିଦାର ଆଉ ତୋ ନାଆଁରେ କେତେ ପ୍ରକାର ଅଭଦ୍ର ଆଲୋଚନା କରିବେ । କେବଳ ସେତିକି ନୁହେଁ । ଆମର ସବୁ ସଙ୍କଳ୍ପ, ସମସ୍ତ ଉଦ୍ୟମ, ପ୍ରଚେଷ୍ଟା—ଆଜି ତୋ'ର ପାଇଁ ବ୍ୟର୍ଥ ହୋଇଯିବାକୁ ବସିଛି । ତତେ କେତେ ଥର, କେତେ ପ୍ରକାର ବୁଝେଇଛି, ଫୁଲ, ଏମାନେ ମଣିଷ ପୋଷାକ ପିନ୍ଧନ୍ତି, କିନ୍ତୁ ମଣିଷ

ମୁହଁନ୍ତି — ସେଗୁଡ଼ା କୁକୁର, ସେଗୁଡ଼ା ପଶୁଠାରୁ ବି ନିହାତି । ସେମାନଙ୍କ ସାଙ୍ଗେ କୌଣସି ଦିନ, କୌଣସି ଉପାୟରେ, କୌଣସି କାରଣରୁ ପଟିବନି । ଦୀର୍ଘ ଯୁଗ ଯୁଗ ଧରି ସେମାନେ ସେମାନଙ୍କର ଆର୍ଥିକ ସୁଯୋଗ ଧରି ଆମମାନଙ୍କୁ ଲାଞ୍ଛିତ କରିଆସୁଛନ୍ତି । କୌଣସି ଦିନ ତାଙ୍କ ଆମ ଭିତରେ ସାଲିସ ହୋଇ ନ ପାରେ !··· କିନ୍ତୁ ତୁ ମୋର ମନା ମାନିଲୁନି । ତା'ରି ଆଗରେ ଯାଇ ଠିଆ-ହେଲୁ । ଆଜି ସେ ବିନା ଆପତ୍ତିରେ ତୋର ଅନୁରୋଧ ରଖିଛି । ଏହା ପରେ ଖୁବ୍ ଚଞ୍ଚଳ ସେ ଦିନେ ତୋ ଦୁଆରକୁ ଆସିବ ତା'ର ଅନୁରୋଧ — ଉପରୋଧ ଜଣେଇବାକୁ, ଏବଂ ତୁ ଯଦି ତା'ରି ଭଳି ବିନା ଆପତ୍ତିରେ ପାଳନ କରିବାକୁ ରାଜି ନ ହେଉ, ସେତେବେଳେ ତା'ର ନୂଆ ମୂର୍ତ୍ତି ଦେଖିବୁ । ଛି, ଫୁଲ !···ଏହା ପରେ ଯଦି ଆଉ କିଛି ଶୁଣିବାକୁ ପାଏଁ କି ଜାଣିପାରେଁ, ତା'ହେଲେ ସିଧା କହିଦେଉଛି, ଆମର ବାହାଘର କୌଣସି ଦିନ ସମ୍ଭବ ହେବନି । ତୋର ଆଜିର ଅନୁରୋଧ ସମଗ୍ର ପାହାଡ଼ି ଜାତିକୁ କେମିତି ଅକାମୀ କରିଦେଇଛି, ଜାଣିଚୁ ଫୁଲ ?"

— "କ'ଣ, କହ ।"

— "ଜମିଦାର ପାଖରେ ତୁ ପ୍ରତିଶ୍ରୁତି ଦେଇଆସିଚୁ, ଆମେମାନେ ଆଉ କୌଣସି ଦିନ ଅଦାଲତି କରିବୁ ନାଁ; ଯଦି କରୁଁ, ତୁ ତା ପାଇଁ ଦାୟୀ ହେବୁ । କିଛି ନ ବୁଝି, କିଛି ନ ବିଚାରି ତୁ ପ୍ରତିଶ୍ରୁତି ଦେଇଆସିଲୁ । କିନ୍ତୁ ଏ ପ୍ରତିଶ୍ରୁତି ରଖିବା କେତେ କଠିନ, ସେକଥା ତୁ ଜାଣିଚୁ ?"

— "ଜାଣିନି । କିନ୍ତୁ କଠିନ ହେଲେ ପ୍ରତିଶ୍ରୁତି ନ ରଖିପାରି । ସେମିତି କିଛି ବାଧା ନାହିଁ ତ ।"

— "ବାଧା ନାହିଁ, କ'ଣ କହୁଚୁ ଫୁଲ !"

—"କାହିଁକି, କି ବାଧା ଅଛି ?"

—"ତୁ କଣ ଭାବୁଚୁ ଫୁଲ, ତୋର ସୁଖଦୁଃଖ, ବିପଦ ସମ୍ପଦରେ ମୋର କିଛି ଲାଭ କ୍ଷତିବୃଦ୍ଧି ନାହିଁ ?"

—"କେଜାଣି ।"

—"ଜାଣିନୁ ? ଆଶ୍ଚର୍ଯ୍ୟ ! ମତେ ସମସ୍ତେ ମିଳେଇବା ଦୁଇଟି ଫୁଲ, ଯେତେବେଳେ ଇଚ୍ଛା ସେତେବେଳେ ତମ ଘରକୁ ଯାଇ ତୋ ସଙ୍ଗେ ହସଖୁସି ହେବାକୁ । କିନ୍ତୁ ମୋର କାମଦାମ ଭିତରେ ମୁଁ କେବଳ ତତେହିଁ ଭାବେ ! ତତେ ପାଇବ, ତୁ ମୋର ଘରଣୀ ହେବୁ— ଭବିଷ୍ୟତର ଏଇ ଚିନ୍ତାହିଁ ମତେ ସବୁ କାମରେ ଉତ୍ସାହ ଆଉ ଉଦ୍ଦୀପନା ଦିଏ । ତେବେ ହସଖୁସି ହେବାର ସମୟ ନାହିଁ, ଦରକାର ବି ନାହିଁ । ଏକାଠି ଆମେ ଗୋଟାଏ ମାଆର ଆଶ୍ରୟରେ ବଢ଼ିଆସିଚେ ; ଏକା ସାଙ୍ଗରେ ଖେଳିଚେ ; ଏକା ସଙ୍ଗରେ ବୁଲିଚେ; ଭୋକ ଲାଗିଲେ ଭାତ ବାଣ୍ଟି ଖାଇଚେ ! କେବଳ ମାଆର ଇଚ୍ଛାରୁ ଆମର ବାହାଘର ହୋଇପାରିନି । ତୋର ବାହାଘର ହୋଇଗଲେ ସେ ନିଆଶ୍ରା ହୋଇଯିବ—ଏଇଆ ତା'ର ଆପତ୍ତି ! ନ ହେଲେ ତ ଏତେ-ବେଳକୁ…"

—"ଭୁଲ୍ ମ ଚଞ୍ଚଳ, ମାଆର ବଡ଼ ଖରାପ ; ସେ ବୁଝିବ କେତେ କଣ ଭାବୁଥିବ ।"

—"ଭୟ ନାହିଁ ଫୁଲ, ଆମେ ଜମିଦାରର ଜାତି ନୁହଁ । ଆତ୍ମସଂଯମର ମର୍ଯ୍ୟାଦା ଆମେ ବୁଝିପାରୁ । କିନ୍ତୁ ଏ ସଭ୍ୟଗୁଡ଼ାଙ୍କୁ ଆମେ ସହିପାରୁନି । ମୋର ଅନୁରୋଧ, ତୁ ସେମାନଙ୍କ ସାଙ୍ଗେ ଆଉ କୌଣସି ସମ୍ପର୍କ ରଖିବୁନି ।"

ଫୁଲ କୌଣସି ଉତ୍ତର ଦେଲାନି । ନୀରବରେ ଚାଲିବାକୁ ଲାଗିଲା । ବାକିତକ ରାସ୍ତା ଚୁପ୍‌ଚାପ କଟିଗଲା ।

ଘରବାହାରୁ ଆସି ଫୁଲ କହିଲା, "ଭିତରକୁ ଚାଲ୍ , ମାଆ ସାଙ୍ଗରେ ଦେଖା କରିଯିବୁ ।"

ପାଉଁଆ ଜବାବ ଦେଲାନି ।

ଆଶ୍ଚର୍ଯ୍ୟ ହୋଇଯାଇ ଫୁଲ ପଚାରିଲା," କ'ଣ ?"

—"ନାଇଁ ଫୁଲ, ଆଉ ମତେ କିଛି କହନା । ଆଜିର ଏଇ ମୂଲ୍ୟର ଅପମାନ ନେଇ ମୁଁ କୌଣସି ପ୍ରକାରେ ତା ଆଗରେ ଠିଆ ହେଇ ପାରିବିନି ।"

ଅତ୍ୟଧିକ ଆଶ୍ଚର୍ଯ୍ୟ ହେବା ଭଙ୍ଗୀରେ ଫୁଲ ତା ଆଡ଼େ କିଛି ସମୟ ଚାହିଁରହିବା ପରେ କହିଲା, "ମାଆର ଦେହ ଖରାପ ।"

—"ହେଲେ ହଉ, ମତେ କିଛି କହନା ।"

ଦ୍ରୁତଗତିରେ ପାଉଁଆ ଚାଲିଗଲା ।

ଫୁଲ ଭିତରକୁ ଆସି ଦେଖିଲା, ମାଆ ଜର୍ଜରିତଙ୍କ ଭଳି ଅବସନ୍ନ ହୋଇ ପଡ଼ିଛି । ଧୀରେ ଧୀରେ ଯାଇ ତା ମୁଣ୍ଡ ପାଖରେ ଠିଆ ହେବାମାତ୍ରେ କ୍ଳାନ୍ତ ଆଖି ଦୁଇଟି ଖୋଲି ସେ କ୍ଷୀଣ କଣ୍ଠରେ ପଚାରିଲା, "ତାକୁ ନେଇଆସିଲୁ ?"

—"ହଁ, ମାଆ !"

—"କାଇଁ, କୋଉଠି ସିଏ ?"

—"ଆସିଲାନି, ଚାଲିଗଲା ।"

—"କାହିଁକି ?"

—"କେଜାଣି, ସେଇ ଜାଣିଥିବ ।"

ଆହତା ବୃଦ୍ଧାର ବେଶି କଥା କହିବା ଶକ୍ତି ନ ଥିଲା ; ସେ ଚୁପ୍ ହୋଇଗଲା । ଫୁଲ ତା ମୁଣ୍ଡ ପାଖରେ ଯାଇ ବସିପଡ଼ିଲା । ମାଆର ଅସୁସ୍ଥତା ପୁଣି ପାଉଁଆର ଏକାଧିକ କଠିନ ଅଭିଯୋଗ ସତ୍ତ୍ୱେ, କେଜାଣି କାହିଁକି, ମନେ ମନେ ସେ ପୁଲକ ବୋଧ କରିବାକୁ

ଲାଗିଲା । କାରଣ ଅନୁସନ୍ଧାନ କରିବାକୁ ଯାଇ ଦେଖିଲା, ଧନଞ୍ଜୟ ତା'ର ଅନୁରୋଧ ରଖିଛି, ଏଇଥିପାଇଁ ତା'ର ଏ ଆନନ୍ଦର ଉତ୍ପତ୍ତି ହୋଇଛି ।

ଆହୁରି ଆଶ୍ଚର୍ଯ୍ୟର କଥା, ଯାଭୁଆ ଯେ ତା ଉପରେ ରାଗି ମରଣପଥର ଯାତ୍ରୀ ମାଆକୁ ବି ଦେଖିବାକୁ ଆସିଲାନି, ଏ କଥା ତା'ର ମୋଟେ ମନେନାହିଁ ।

ଧନଞ୍ଜୟ କଥା ଯେମିତି ତା'ର ସାରା ଶରୀରରେ—ମନ ଭିତରେ ଖେଳି ବୁଲୁଥିଲା ।

## —ଭୋର—

ରାତି ସେତେବେଳକୁ ଭୋର ଆଡ଼େ ଆଗେଇ ଚାଲିଛି । ଧନଞ୍ଜୟର ନିଦ ଭାଙ୍ଗିଗଲା । ଘରଟା ଅନ୍ଧାର, ଚାରିଆଡ଼ ନିସ୍ତବ୍ଧ । ଅନେକ ସମୟ କଟିଗଲା, ଧନଞ୍ଜୟର ଆଖିପତାରେ ଆଉ ନିଦ ଦେଖାଦେଉନି । ରାତି ପାହିବାମାତ୍ରେ ସେମାନେ ଏଠାରୁ ଚାଲିଯିବେ । କିନ୍ତୁ ଏ ବିଦାୟ ତା'ପକ୍ଷେ କେଡ଼େ ମର୍ମାନ୍ତିକ, ସେ କଥା କେହି ଜାଣନ୍ତିନି ।

ମାତ୍ର ଦୁଇଟା ଦିନର ପରିଚୟ ; କିନ୍ତୁ ଏତିକରେ ତା'ର ସମସ୍ତ ହୃଦୟ-ମନ ଲକ୍ଷଯୁଗର ସୁଧା-ମାଧୁର୍ଯ୍ୟରେ ପରିପୂର୍ଣ୍ଣ ହୋଇ-ଉଠିଛି । ତା'ର ଆକାଶର ରଙ୍ଗ ବଦଳିଯାଇଥିଲା ; ପବନରେ ସେ ଗୋଟାଏ ନୂଆ ସୁଗନ୍ଧର ସନ୍ଧାନ ପାଇଥିଲା ! କିନ୍ତୁ

ତା'ପରେ ? ଆଜ ସେ ବୁଝିପାରିଲା, ତା'ର ବିଦାୟ ନେବା ଦରକାର । ଫୁଲକୁ କେବେ ଅତି ନିକଟରେ ପାଇବା ସମ୍ଭବ ନୁହେଁ ।

ଧନଞ୍ଜୟ ବିନ୍ଦଣା ଗ୍ରୁଡ଼ି ଉଠିପଡ଼ିଲା । ଯଦି ଯିବାକୁ ହୁଏ, ତେବେ ଫୁଲ ପାଖରେ ଥରେ ସବୁ ବିଷୟ ଜଣେଇ ବିଦାୟ ନେଇ-ଯିବାଟା ଭଲ ହେବ । ତା ଛଡ଼ା, ତା'ର ମାଆ ବିଶେଷ ଭାବରେ ଅସୁସ୍ଥ ; ସେଥିପାଇଁ ସେ ଏ ପର୍ଯ୍ୟନ୍ତ କିଛି କରିନି । ଅନ୍ତତଃ ଥରକ ପାଇଁ ତାକୁ ଦେଖିବାକୁ ଯିବା ତା'ର ଉଚିତ ଥିଲା ।

ଗରମ ଚଦର ଖଣ୍ଡିକ ଘୋଡ଼ାଇ ହେଇ ଧନଞ୍ଜୟ ନିଃଶବ୍ଦ ପଦରେ ବାହାରକୁ ଆସି ଠିଆ ହେଲା । କୋଠି ଭିତରେ ସମସ୍ତେ ନିଘୋଡ଼ ନିଦରେ ଶୋଇପଡ଼ିଚନ୍ତି । ଅନ୍ଧାର···ବନ୍ଧୁର ପଥ ଅତିକ୍ରମ କରି ଧନଞ୍ଜୟ ଅଗ୍ରସର ହେବାକୁ ଲଗିଲା ।

ଫୁଲର ଘର ଦ୍ୱାର ପାଖରେ ଆସି ଡାକିଲା, "ଫୁଲ !"

ମାଆ ପାଖରେ ବସି ବସି ଫୁଲ କେତେବେଳେ କ୍ଳାନ୍ତ ହେଇ ଢୁଳେଇ ପଡ଼ିଥିଲା । ପରିଚିତ କଣ୍ଠର ଅପ୍ରତ୍ୟାଶିତ ଆହ୍ୱାନରେ ବିସ୍ମିତ ହୋଇ ଧଡ଼ପଡ଼ ହୋଇ ଉଠି ଠିଆହେଲା । କଣ୍ଠସ୍ୱରର କମ୍ପନକୁ ସମ୍ବରଣ କରିନେଇ ପଚାରିଲା, "କିଏ ?"

—"ମୁଁ ଧନଞ୍ଜୟ ।"

ଫୁଲ ଆସି ଦ୍ୱାର ଖୋଲିଦେଲା ।

—"କାଲି ସକାଳୁ ମୁଁ ଏଠୁ ଗ୍ରୁଡ଼ି ଚାଲିଯାଉଚି, ସେଥିପାଇଁ ବିଦାୟ ନେବାକୁ ଆସିଚି ।"

ଧନଞ୍ଜୟ ସ୍ପଷ୍ଟ ଲକ୍ଷ୍ୟ କଲା, ଫୁଲର ମୁହଁଟା ସେଇ ଅନ୍ଧାର ଭିତରେ ଝାଉଁଳି ପଡ଼ିଲା ।

—"ତମର ମାଆ କେମିତି ଅଛନ୍ତି, ଫୁଲ ?"

— "ଭଲ ନୁହେଁ ; ହୁଏତ···"

— "ଚାଲ, ଦେଖି ଆସେଁ ।"

ଅଦୂରରେ ଶାୟିତା, ମରଣପଥର ଯାତ୍ରୀ ଜନନୀକୁ ନିର୍ଦ୍ଦେଶ କରି ଫୁଲ କହିଲା, "ଏଇଠି ଶୋଇଛି ।"

ଧନଞ୍ଜୟ ଆଗେଇଆସିଲା ; ରକ୍ତହୀନ ପାଣ୍ଡୁର ଗୋଡ଼ହାତ ଉପରେ ଦୃଷ୍ଟି ବୁଲେଇଆଣି ଜାଣିପାରିଲା, ମୃତ୍ୟୁ ଖୁବ୍ ନିକଟରେ ପହଞ୍ଚିଯାଇଛି । କିଛି ସମୟ ନୀରବରେ କଟିଗଲା । ତା'ପରେ ଧନଞ୍ଜୟ କହିଲା, "କାଲି ଯେ ମୁଁ ଚାଲିଯିବି ସେକଥା ତୁମକୁ ପ୍ରଥମେ କହୁଛି, ଫୁଲ ! କିନ୍ତୁ ମୋର ଏଇ ବିଦାୟ ହୁଏତ ତମମାନଙ୍କର କାହାରି ମନରେ କିଛିହେଲେ ପରିବର୍ତ୍ତନ ଆଣିପାରିବନି । ମୁଁ ତମମାନଙ୍କର କିଏ ?"

ଫୁଲ କୌଣସି ଉତ୍ତର ଦେଇପାରିଲାନି । ସେ ନୀରବରେ ମୁହଁ ତଳକୁ କରି ସ୍ଥିର ଭାବରେ ଠିଆ ହୋଇ ରହିଲା ।

ଧନଞ୍ଜୟ କହିଲା, "କିନ୍ତୁ ଏ ବିଦାୟ ଯେ ମୋ ପକ୍ଷରେ ସହଜ ନୁହେଁ, ଏକଥା ହୁଏତ ତମେ ଜାଣିନ, ଫୁଲ !"

ଅନ୍ତରର କମ୍ପନକୁ ପ୍ରାଣପଣେ ନିରୋଧ କରି ଫୁଲ ପଚାରିଲା, "କାହିଁକି ସହଜ ନୁହେଁ ?

ଧନଞ୍ଜୟ କହିବାକୁ ଲାଗିଲା, "କାରଣ ତମର ଜାଣିବା ଉଚିତ ଥିଲା । ମୋର ଏଇ ବିଦାୟକୁ ତମେ ନିଜେ ଦୁଃସହ କରିପକେଇଛ ।"

— "ମୁଁ'ଣ କହୁଛନ୍ତି !"

— "ବିସ୍ମିତ ହେଉଛ, ଫୁଲ ? ଆଶ୍ଚର୍ଯ୍ୟ ନୁହେଁ । ମନୁଷ୍ୟ ମାତ୍ରେହିଁ ବିସ୍ମୟ । କିନ୍ତୁ ମୋର ସମସ୍ତ ବ୍ୟଥା, ସମସ୍ତ ପରିବର୍ତ୍ତନର

ଗୋଟାଏ ମାତ୍ର କାରଣ ହେଉଚ ତମେ—ଏକଥା ମୁଁ ଆଜ ଅସ୍ୱୀକାର କରିବିନି । ଏହା ପୂର୍ବରୁ, ଅନେକ ଥର, ଅନେକ ପ୍ରକାରରେ ମୁଁ ନିଜକୁ ଫାଙ୍କିଦେବାକୁ ଇଚ୍ଛା କରିଚି । ଆଜ ସେ ଚେଷ୍ଟା କରିବିନି । ତମର ମୋର ପ୍ରଥମ ପରିଚୟ ନିହାତି ସାଧାରଣ ଭାବରେ ହୋଇଥିଲା । ନିକଏ ହେଲେ ବିଶେଷତା ସେଥିରେ ନ ଥିଲା । କିନ୍ତୁ ସେଇ ପ୍ରଥମ ସାକ୍ଷାତ ମୋ ବକ୍ଷରେ ଅକ୍ଷୟ ହୋଇ ରହିଲା । ଏତେଦିନ ହେଲା ନାରୀକୁ ନେଇ ଖେଳିଚି—ପିଲା ଯେମିତି କଣ୍ଢେଇ ଧରି ଖେଳେ, ଠିକ୍ ସେମିତି । ଆଦର କରିବାରେ ତିଳେ ହେଲେ କୁଣ୍ଠିତ ହେଇନି—ଆଘାତ, ଅବହେଳାରେ ବି ତ୍ରୁଟି ହେଇନି । ପ୍ରଥମ ଯୌବନର ଉନ୍ମାଦନା ମୋହରେ ପ୍ରତ୍ୟେକ ବକ୍ଷରେ ନିଜକୁ ପ୍ରତିଷ୍ଠିତ କରିବାର ଇଚ୍ଛା କରିଚି । ଏସବୁ କେବଳ ନିଜର କ୍ଷମତାର ଅଧିକାରରେ, ଯଥେଚ୍ଛାଚାରର ଗର୍ବରେ । କିନ୍ତୁ ଭୁଲ କରି ଚାଲିଚି ବୋଲି ବୁଝି ପାରିନଥିଲି । ବୁଝି ପାରିନଥିଲି ଯେ, ଅନ୍ୟ ବକ୍ଷରେ ନିଜକୁ ପ୍ରତିଷ୍ଠିତ କରିବା ମଣିଷର ସବୁଠାରୁ ବଡ଼ ଲଭ ନୁହେଁ ; ନିଜର ଅନ୍ତର ମନ୍ଦିରରେ କାହାରିକୁ ଆଣି ପ୍ରତିଷ୍ଠା କରି ନ ପାରିଲେ ସାରା ଜୀବନଟା ବ୍ୟର୍ଥ ହୋଇଯାଏ । ଯେଉଁଦିନ ତୁମକୁ ପ୍ରଥମେ ଦେଖିଲି, ସେଇଦିନ ମୋର ଏ ଚେତନାବୋଧ ଜାଗ୍ରତ ହେଲା ।"

ଫୁଲ କହିଁ କହିଁ ହୋଇ କାନ୍ଦିଉଠିଲା ।

ଧନଞ୍ଜୟ କହିଲା, "କାନ୍ଦୁଚ କାହିଁକି, ଫୁଲ ? ମତେ ଭୟ କରୁଚ ? ଭୟ ଦେଖାଇବାର ସମସ୍ତ ଶକ୍ତି ଆଜ ମୁଁ ବାହାରେ ଛାଡ଼ିଦେଇ ଏ ଘର ଭିତରକୁ ଆସିଚି ; ତୁମକୁ ସବୁ କଥା ଜଣେଇ, ତୁମ ପାଖରୁ ବିଦାୟ ନେବାକୁ ଆସିଚି ।"

ଫୁଲର କାନ୍ଦ ବନ୍ଦ ନ ହୋଇ ଦ୍ୱିଗୁଣିତ ହେବାକୁ ଲାଗିଲା । ସେ ଅଶ୍ରୁର କାରଣ ଏକମାତ୍ର ଅନ୍ତର୍ଯ୍ୟାମୀଙ୍କ ବ୍ୟତୀତ ଅନ୍ୟ କାହାର ଜାଣିବାର ଉପାୟ ନ ଥିଲା ।

ଧନଞ୍ଜୟ କହିଲା, "କାନ୍ଦନା ଫୁଲ, ମୁଁ ସହିପାରୁନି । ନାରୀର ଅଶ୍ରୁ ଦେଖି ଦିନେ ମୁଁ ଛାତି ଫଟେଇ ହସୁଥିଲି ; ବ୍ୟଙ୍ଗ କରୁଥିଲି । କିନ୍ତୁ ମୋର ସେ ଶକ୍ତି ଆଜି ଆଉ ନାହିଁ । ମୁଁ ଆଜି ଦୁର୍ବଳ । ସେଦିନ ଉତ୍ସବ ରାତିରେ ହଠାତ୍ ତମେ ଯେତେବେଳେ ଖବର ଦେବାକୁ ଯାଇ ପହଞ୍ଚିଲ, ସେତେବେଳେ ମୁଁ ବିସ୍ମିତ ନ ହୋଇ ରହିପାରିଲିନି । ଭାବିଲି, ତା'ର ଧାଇଁ ଆସିବାର କି ଦରକାର ଥିଲା ? ଆଉ ସମସ୍ତଙ୍କ ପରି ସେ ବି ତ ନିଶ୍ଚିନ୍ତ ହୋଇ ବସିରହି ପାରିଥାଆନ୍ତା । ଜମିଦାର ମରୁ କି ବଞ୍ଚୁ, ସେଥିରେ ତା'ର ଲାଭକ୍ଷତି କଣ...!"

ମୁହଁ ଉପରେ ଦୁଇ ହାତ ଚାପି ଫୁଲ ଆର୍ତ୍ତ କଣ୍ଠରେ କହିଲା, "ନା...ନା..."

—"କ'ଣ, ଫୁଲ ?"

—"ନା, ନା...ତମେ ମତେ ଭଲ ପାଅନା—"

—"କାହିଁକି, ଫୁଲ ?"

—"ଜାଣିନି...। କିନ୍ତୁ...

—"ତମେ ଯେ କେବଳ କର୍ତ୍ତବ୍ୟବୋଧ ଦୃଷ୍ଟିରୁ ଯାଇ ନ ଥିଲ, ଏତିକି ମୁଁ ସେଦିନ ବୁଝିବାର ଚେଷ୍ଟା କରିଥିଲି । ଆଉ ତା'ପରେ ଦିନରାତି କେବଳ ତମରି କଥା ଭାବୁଥିଲି...। ପରଦିନ ତମ ସଙ୍ଗେ ମୋର ଦେଖା ହେଲା ; ତମେ ମୋର ଢଳାସଲ୍ଲାକୁ ଇଙ୍ଗିତ କରି ଗୋଟାଏ ସାମାନ୍ୟ ଅଭିଯୋଗ କରିଥିଲ । ସେଇ ଦିନଠ

ମୋ ଭିତରେ ବିରାଟ ପରିବର୍ତ୍ତନ ଆଣିଦେଲା । ତମେ ହୁଏତ ଜାଣି ନ ଫୁଲ, ମୁଁ ମଦ ଛାଡ଼ିଦେଇଚି, ଆଉ ମୋର ସଙ୍ଗୀମାନଙ୍କୁ ବିଦା କରିଦେଇଚି ।”

ସେଇ କାନ୍ଦବା ଭିତରେ ବି ଫୁଲ ମୁହଁରେ ଆନନ୍ଦର ଜେଉ ଖେଳିଯିବାକୁ ଲାଗିଲା ।

—“ସତରେ ଏଗୁଡ଼ା ଛାଡ଼ିଦେଇଚ ?”

—“ନିରାଟ ସତ ଫୁଲ, ତମ ଆଗରେ ଠିଆ ହୋଇ ମିଛ କହିବା ଶକ୍ତି ମୋର ନାହିଁ ।”

ଫୁଲ କିଛି ସମୟ ପାଇଁ ଅଦ୍ଭୁତ ଭଳି ସ୍ଥିର ହୋଇ ଠିଆ ହୋଇ ରହିଲା । ତା’ପରେ କହିଲା,!“କାହିଁକି, ମୋ’ରି ପାଇଁ···”

କଥାଟା ଶେଷ କରିବା ଆଗରୁ ତା’ର କଣ୍ଠ ଅଶ୍ରୁବାଷ୍ପରେ ରୁଦ୍ଧ ହୋଇଗଲା ।

—“କାରଣ ଜାଣିବାକୁ ଇଚ୍ଛା କରୁଚ, ଫୁଲ ? ତମ ପ୍ରଶ୍ନର ଉତ୍ତର ମତେ ଜଣାନାହିଁ । ତା ଆଗରୁ ଆଉ କେହି କେବେ ମୋ ମୁହଁ ଉପରେ ଏଭଳି ଅଭିଯୋଗ କରିବାର ଦରକାର ବୋଲି ସାହସ କରି ପାରି ନ ଥିଲେ । କିନ୍ତୁ ତମେ କାହିଁକି ମୋର ଅଧଃପତନ ପାଇଁ ଅଭିଯୋଗ ଜଣେଇଥିଲ, ଫୁଲ ? କାହିଁକି ତମେ ମତେ ଭଲ ହେବାକୁ କହିଥିଲ ? ସେଇଟା କ’ଣ କେବଳ ଦରକାର, କେବଳ କର୍ତ୍ତବ୍ୟ ? ଏଭଳି ପ୍ରଶ୍ନ ମୁଁ ନିଜକୁ ନିଜେ ଅନେକ ଥର କରିଚି ; କିନ୍ତୁ ସ୍ପଷ୍ଟ ଉତ୍ତର ପାଇନି । କିନ୍ତୁ ଗୋଟାଏ କଥା ଫୁଲ, ପାଉଁଆକୁ ବଞ୍ଚେଇବା ପାଇଁ କାହିଁକି ତମେ ମତେ ଅନୁରୋଧ କଲ ? ପାଉଁଆ ତମର କିଏ ?”

—“ଉଃ······ !”

—"କାନ୍ଦ ନା, ଫୁଲ ! ତମର ପଦେ ଅନୁରୋଧରେ ମୁଁ ତାକୁ ଖଲାସ କରିଦେଇଥିଲି । ଆଜି ତା'ର ବନ୍ଦୀ ସ୍ୱରୁରେ ଜାଣିବାକୁ ଚାହୁଁଚି, ସେ ତମର କିଏ ?"

—"ମୁଁ ବାଗ୍‌ଦତ୍ତା ।"

—"କାହାର, ପାଉଁଆର ?"

—"ହଁ ।···ସେଇ ମୋର ଭାବୀ ସ୍ୱାମୀ ।···ଉପାୟ ନାହିଁ, ଉପାୟ ଆଉ ନାହିଁ···ଅସଂଖ୍ୟ ଦିନର ପୁଞ୍ଜୀଭୂତ ସଂସ୍କାର···"

—"କି ଉପାୟ, ଫୁଲ ? ତମେ କ'ଣ ମତେ ଭଲ ପାଅ ?"

—"ଭଲ ପାଏ – ଭଲପାଏ ଯେମିତି ତମେ ମତେ ଭଲପାଅ । କିନ୍ତୁ ଆଉ ଉପାୟ ନାହିଁ । ମୁଁ ଲୁହା ଶିକୁଳିରେ ବନ୍ଧା ହୋଇଚି । ଉପାୟ ନାହିଁ, ଏମିତି ବିଚ୍ଛିନ୍ନ ହୋଇ ଆମର ଜୀବନ କଟିବ ; ଚିରକାଳ,···ଚିରଦିନ···"

—"କିଛି, ଫୁଲ, କିନ୍ତୁ ତା ପାଇଁ କୌଣସି ଦିନ ଦୁଃଖ କରିବନି । ତମେ ତ ମତେ ଭଲ ପାଅ ! ତମ ମୁହଁରୁ ମୁଁ ଏକଥା ଶୁଣିପାରିଚି, ସେତିକରେ ମୁଁ ପୂର୍ଣ୍ଣ କୃତାର୍ଥ ! ସେତିକ ଶୁଣିବା ପାଇଁ ଆସିଥିଲି— ଏଣିକି ମୁଁ ଖୁସିରେ ବିଦାୟ ହୋଇଯିବି ।"

ଧନଞ୍ଜୟର କଥା ଶେଷ ହେବା ସଙ୍ଗେ ସଙ୍ଗେ ଫୁଲ ତା'ର ମାଆ ପାଖକୁ ଚାଲିଗଲା । ଧନଞ୍ଜୟ ଦେଖିଲା, ସେ କମ୍ପିତ ହାତ ଦୁଇଟି ଟେକି ତାକୁ ଡାକୁଚି । ଏତେବେଳଯାଏ ଏଇ ମୁମୂର୍ଷୁ ପ୍ରାଣୀଟି ପ୍ରତି କାହାରି ଲକ୍ଷ୍ୟ ନ ଥିଲା ।

ଝିଅ ମୁଣ୍ଡରେ ହାତ ଦେଇ ମାଆ କହିଲା, "ମୁଁ ସବୁ ଶୁଣିଚି, ଫୁଲ !"

ଫୁଲ କଥା କହିପାରିଲାନି । ତା'ର ଆନତ ନେତ୍ରପ୍ରାନ୍ତରୁ ଅଶ୍ରୁ ଝରିପଡ଼ିବାକୁ ଲାଗିଲା ।

—"ଏସବୁ ହେବାର ନୁହେଁ, ମାଆ, ହେବାର ନୁହେଁ !"

—"ସେ କଥା ଜାଣିଚ, ମାଆ !"

—"ତା'ହେଲେ ଏମିତି କାହିଁକି କଲୁ, ଫୁଲ ?"

ଏଥର ବି ଫୁଲ କୌଣସି ଉତ୍ତର ଦେଇପାରିଲନି । ଦେଲାଭଳି କ'ଣ ବା ଉତ୍ତର ଥିଲା ? ମଣିଷର ମନ କେତେବେଳେ କେଉଁ ପଥ ଲକ୍ଷ୍ୟ କରି ଧାଏଁ, ତା'ର ଉତ୍ତର ଏକମାତ୍ର ମଣିଷର ସ୍ରଷ୍ଟା ହୁଏତ ଦେଇପାରିବେ ! ଫୁଲ ଚୁପ୍ ହୋଇ ରହିଲା ଏବଂ କନ୍ୟାର ଏଇ ମର୍ମଭେଦୀ ନିରୁତ୍ତର ବ୍ୟଥାରେ ଆସନ୍ନମୃତ୍ୟୁ ଜନନୀର ଦୁଇ ଆଖିରୁ ଅଜସ୍ର ଧାରାରେ ଅଶ୍ରୁ ଝରିବାକୁ ଲାଗିଲା ।

ଅନେକ ସମୟ ଚୁପ୍‌ଚାପ୍ କଟିଗଲା । ତା'ପରେ ଧନଞ୍ଜୟ ଆଡ଼େ ଚାହିଁ ଫୁଲର ମାଆ କହିବାକୁ ଲାଗିଲା, "ହଜୁରଙ୍କ ବିଷୟରେ ଆଜଯାଏ ଅନେକ ଖରାପ କଥା କହିଚି; ନାଆଁ ଶୁଣିଲେ ମନେ ମନେ ଆତଙ୍କରେ ଥରିଉଠିଚି । କିନ୍ତୁ ଆଜି ହଜୁରଙ୍କୁ ଦେଖିଲେ ଟିକିଏ ହେଲେ ଭୟ ଲାଗୁନି । ବୁଝିପାରିଚି ହଜୁର, ଆପଣଙ୍କ ଭଳି ମଣିଷ ବଡ଼ଲୋକଙ୍କ ଘରେ ଖୁବ୍ କମ୍ ମିଳିବେ । ଆଜି ବୁଝିପାରିଚି, ମଣିଷକୁ ନ ଜାଣି ତା ବିଷୟରେ ଗୋଟାଏ ଧାରଣା କରିବା କେବଳ ଅନ୍ୟାୟ ନୁହେଁ, ପାପ । କିନ୍ତୁ କିଛି କଲାଭଳି ଉପାୟ ମୋର ନାହିଁ । ଏଠିକାର ମାଟି-ନିୟମ ମୋ ଝିଅକୁ ମାନିବାକୁ ହେବ । ଯେଉଁ ପାଣ୍ଡୁଆ ଏତେଦିନ ହେଲା ନାନା ଉପାୟରେ ହଜୁରଙ୍କର ଅନିଷ୍ଟ କରିବାର ଚେଷ୍ଟା କରି ଆସୁଚି, ସେଇ ଫୁଲର ଭାବୀ ସ୍ୱାମୀ । ତାକୁ ହଜୁର କ୍ଷମା କରିବେ । କେହି ଯଦି ତାକୁ କ୍ଷମା କରିବାର ଥାଏ, ସେ ହେଉଚନ୍ତି ଆପଣ । ଖୁବ୍ ଛୋଟ ବେଳୁ ପାଣ୍ଡୁଆର ବାପମାଆ ମରିଗଲେ ।

ତା'ପରେ ମୁଁ ତାକୁ କୋଳେଇ କାଟେଇ ମଣିଷ କରିବ । ସମସ୍ତେ ଏଠି ଜାଣନ୍ତି, ମୋ ଝିଅ ପାଣ୍ଡୁଆର ହାତ ଧରିବ । ଆଜଯାଏ କେବଳ ମୋର ପାଇଁ ପାଖଛଡ଼ା କରିପାରିନି । କିନ୍ତୁ ଆଉ ଡେରି ନାହିଁ, ହଜୁର ! କାହାରି ମାଆ ସବୁଦିନେ ବଞ୍ଚନ୍ତିନି । ହଜୁର, ମୁଁ ଯଦି ମରିଯାଏ, ଆପଣ ଏ ଦୁହିଁଙ୍କୁ ଯୋଡ଼ିଦେବେ । ଆପଣ ନ ହେଲେ ଏ କାମ ମୋ ପାଇଁ କେହି କରିବେନି । ହଜୁର କଥା ଦିଅନ୍ତୁ ।"

ମୁହୂର୍ତ୍ତକ ମଧ୍ୟରେ ଧନଞ୍ଜୟର ବକ୍ଷ ଭିତରେ ରକ୍ତସ୍ରୋତ ଉଦ୍‌ବେଳ ହୋଇଉଠିଲା । ପର ମୁହୂର୍ତ୍ତରେ ନିଜକୁ ସଂଯତ କରି ସେ କହିଲା, "ହଁ ମାଆ, କଥା ଦେଲି ।"

ଉତ୍ତର ଦେବା ପରେ ଧନଞ୍ଜୟ ଆଉ ଅଶ୍ରୁ ସମ୍ବରଣ କରିପାରିଲାନି । ଫୁଲ ବି ଉଚ୍ଛ୍ୱସିତ ଭାବରେ କାନ୍ଦିଉଠିଲା । ଅସ୍ତସୂର୍ଯ୍ୟର ପାଣ୍ଡୁ ଭଙ୍ଗୀରେ ଗୋଟାଏ ଦୀର୍ଘ ନିଶ୍ୱାସ ପକେଇ ଫୁଲର ମାଆ କହିଲା, "ପଅରିଦିନ ପୂର୍ଣ୍ଣିମା । ହଜୁର ଯଦି..."

ଧନଞ୍ଜୟ କହିଲା, "ହଁ, ସେଇଆ ହେବ ମାଆ, ସେଇଆ ହେବ ।"

ବୁଢ଼ୀ ଆଖି ବୁଜିଦେଲା ।

ଫୁଲ ପଥର ପରି ଠିଆହୋଇ ରହିଲା । କିଛି ସମୟ ନୀରବରେ କଟିଗଲା । ତା'ପରେ ଧନଞ୍ଜୟ କ'ଣ ଭାବି ବୁଢ଼ୀର ହାତଟା ଉଠାଇ କିଛି ସମୟ ପରୀକ୍ଷା କରିବା ପରେ କହିଲା, "ଫୁଲ, ମାଆ ଆଉ ନାହାନ୍ତି ।"

ଆକୁଳ ଆର୍ତ୍ତନାଦ କରି, ପ୍ରଭାତର ନିସ୍ତବ୍‌ଧତା ବିଦୀର୍ଣ୍ଣ କରି ଫୁଲ ମାଆର ନିର୍ଜୀବ ପଦପ୍ରାନ୍ତରେ ଲୋଟିପଡ଼ିଲା ।

—"ମୁଁ ଯାଉଚି, ଫୁଲ ! ତୁମେ ତାଙ୍କର ସତ୍କାରର ବ୍ୟବସ୍ଥା କର । କାନ୍ଦିଲେ ଆଉ କିଛି ଲାଭ ନାହିଁ । ସ୍ଥିର ହୁଅ । ଏଭଳି ମୋର ଏଠାରେ ରହିବା ଉଚିତ ନୁହେଁ । ଦରକାର ହେଲେ ମତେ ଖବର ଦେବ ।"

ଧନଞ୍ଜୟ ଘର ଛାଡ଼ି ଚାଲିଯିବାକୁ ବାହାରିଚି, ତା' ଆଗରୁ ରୁଦ୍ର ମୂର୍ତ୍ତି ଧରି ପାଗୁଆ ସେ ଘରକୁ ପଶିଆସିଲା ।

## —ଚଉଦ—

ପାଗୁଆଆଡ଼େ ଥରେ ଉଦାସ ଦୃଷ୍ଟି ନିକ୍ଷେପ କରି ଧନଞ୍ଜୟ ଘରଭିତରୁ ବାହାରି ଚାଲିଗଲା । ପାଗୁଆର ମୁହଁ ଭୀଷଣତର ହୋଇଉଠିଲା । ସେ ପଚାରିଲା, "ମୁଁ ଜାଣିବାକୁ ଇଚ୍ଛା କରୁଚି, ଜମିଦାର ଏଠିକି କ'ଣ କରିବାକୁ ଆସିଥିଲା ?"

ଫୁଲ ପ୍ରଥମେ କୌଣସି ଉତ୍ତର ଦେଇପାରିଲାନି ; ନିସ୍ତବ୍ଧ ହୋଇ ରହିଲା ।

ପାଗୁଆ କହିଲା, "ତୁନି ହୋଇ ରହିଲେ ଚଳିବନି ଫୁଲ, ଜଲଦି କହ, କ'ଣ ପାଇଁ ସେ ପାହାନ୍ତିଆବେଳେ ତମ ଘରକୁ ଆସିଥିଲା ?"

ଫୁଲ କଣ୍ଠସ୍ୱର କଠିନ କରି ଉତ୍ତର ଦେଲା, "ପାହାନ୍ତିଆ ହେବାର ବହୁତ ଆଗରୁ ସେ ଆସିଥିଲା !"

ପାଗୁଆ ବିସ୍ମୟରେ କାଠ ପାଲଟିଗଲା । ପଚାରିଲା, "କାହିଁକି ଆସିଥିଲା ?"

ଫୁଲ କହିଲା, "ସମସ୍ତେ ତୋ ଭଳି ଏକଜିଦିଆ ନୁହନ୍ତି, ଯାଉଛୁ ! ଯିଏ ତତେ ଏତେଦିନ ନିହାତି ଅସହାୟ ଅବସ୍ଥାରେ କୋଳେଇ କାଖେଇ, ନିଜର ଲହୁ ନିଗାଡ଼ି, ଅନ୍ତରର ସ୍ନେହ ଦେଇ ମଣିଷ କରିଥିଲା, ତା'ର ଦେହ ଖରାପ ଖବର ପାଇ ବି ଥରେ ଆଖିରେ ଦେଖିଯିବାକୁ ତୋର ମନ ଡାକିଲାନି ! ମୋର ଦୁର୍ଭାଗ୍ୟ…"

—"କ'ଣ ତୋର ଦୁର୍ଭାଗ୍ୟ ?"

—"ମୋର ଦୁର୍ଭାଗ୍ୟ ଯେ ତୋ'ରି ସାଙ୍ଗରେ ମତେ ପୁଣି ଦିନ କଟେଇବାକୁ ହେବ ।"

—"ତୋର ବୋଧହୁଏ ଇଚ୍ଛା ନାହିଁ ? ଏଇୟା ତ ?… ବୁଝିଲି ।"

—"କ'ଣ ତୁ ବୁଝିଲୁ ?"

—"ମୁଁ କଚ୍ଚା ଗେଲ୍ହା ପିଲା ହୋଇନି ଯେ ଏତିକି କଥା ବୁଝିପାରିବିନି । ସତରେ, ଅଭିଆଡ଼ୀ କୁଆଁରୀ ଝିଅ ଘରେ ଜମିଦାରର ଉପସ୍ଥିତି ଅର୍ଥ ମତେ ଭଲଭାବରେ ଜଣା ଅଛି ।"

—"ସ୍ୟାର ଅର୍ଥ କ'ଣ ?"

—"ଅର୍ଥ ଏଇୟା ଯେ ତୋ ସାଙ୍ଗରେ ମୋର ବାହାଘର ହେବା ଆଉ ସମ୍ଭବ ନୁହେଁ । ତୁ ଭ୍ରଷ୍ଟା – ତୁ ଧର୍ମରେ ପତିତା ।"

ଫୁଲ ଚିତ୍କାର କରି ଉଠିଲା, "ମିଛ କଥା ।"

—"ଏହାପରେ ବି କ'ଣ ତତେ ବିଶ୍ୱାସ କରାଯାଇପାରେ, ଫୁଲ ? ତୁ ନିଜ ମୁହଁରେ ସ୍ୱୀକାର କରିଛୁ, ମୋତେ ପତିତ୍ୱରେ ବରଣ କରିବା ତୋ ପକ୍ଷେ ବିଶେଷ ଦୁର୍ଭାଗ୍ୟର ବିଷୟ । ଆଉ ମୁଁ ବି

ନିଜ ଆଖିରେ ଦେଖିଚ, ଗଣ୍ଡସାରା ଏ ଘରେ ରହି ଜମିଦାର ସକାଳୁ ଚାଲିଗଲା । ଏହାଠାରୁ ବଳି ଆଉ କଣ ଜାଣିବା କିମ୍ବା ଶୁଣିବା ଦରକାର ନାହିଁ ।"

ମାଆର ମୃତ୍ୟୁ ଏବଂ ନିଜର ବ୍ୟଥାରେ ଫୁଲ ଏଭଳି ମୁହ୍ୟ-ମାନ ହୋଇଯାଇଥିଲା ଯେ ତର୍କ କରିବାପାଇଁ ତା'ର ଇଚ୍ଛା ହେଲାନି । ସେ ଚୁପ୍ ହୋଇ ରହିଲା ।

ପାଉଁଆ କହିବାକୁ ଲାଗିଲା, "ଭ୍ରଷ୍ଟା ସ୍ତ୍ରୀଲୋକକୁ ଆମେମାନେ ପୋଳଧରା ଫୁଲ ପରି ପରିତ୍ୟାଗ କରୁଁ । ଆମେମାନେ ପାହାଡ଼ ; ପ୍ରେମର ଯେମିତି ପୂଜା କରିଜାଣୁଁ, ପୁଣି ସେମିତି କଦାଚାରୀଙ୍କୁ ପଥରଭଳି କଠିନ ପ୍ରାଣରେ ଶାସ୍ତି ମଧ ଦେଇପାରୁଁ । ବଜାଞ୍ଚାପୁ ସମ୍ପର୍ଣ୍ଣ ଦୋଷର ଶାସ୍ତି କ'ଣ ସେ କଥା ବୋଧହୁଏ ତତେ ଅଜଣା ନାହିଁ !"

—"ବ୍ୟଭିଚାର କରିବା ଆମମାନଙ୍କ ବଂଶର ଧର୍ମ ନୁହେଁ; ତା'ର ଶାସ୍ତି ମଧ ମତେ ଜଣା ନାହିଁ ।"

—"ବେଶ୍, ତା'ହେଲେ ମନେରଖ, ସ୍ଥା'ର ଶାସ୍ତି ହେଉଚି ମୃତ୍ୟୁ । ଯେଭଳି ଲଛୁଆର ଜେଜେମାଆ ମୃତ୍ୟୁ ଦଣ୍ଡ ପାଇଥିଲା— ଠିକ୍ ସେମିତି । ମାଆ କ'ଣ ଶୋଇଚି ? କେମିତି ଅଛି ?"

"ମାଆ ଆଉ ନାହିଁ !"

ପାଉଁଆ ମୁହୂର୍ତ୍ତକ ପାଇଁ ଚୁପ୍ ହୋଇଗଲା । ତା'ପରେ କହିଲା, "ବେଶ୍, ପରେ ତା' କଥା ଦେଖାଯିବ । ତା' ଆଗରୁ ତତେ ଶାସ୍ତି ଗ୍ରହଣ କରିବାକୁ ହେବ । କେବଳ ସତୀତ୍ୱ ନଷ୍ଟ ତୋର ଅପରାଧ ନୁହେଁ । ମୁଁ ବୁଝିପାରିଚି, ସେଦିନ କାହାପାଇଁ ଆମମାନଙ୍କର

ଲୁଟ୍‌ର ସମସ୍ତ ଆୟୋଜନ ପଣ୍ଡ ହୋଇଯାଇଥିଲା ! ବ୍ୟଭିଚାରିଣୀ ! ଦୁଇଟାଯାକର ଶାସ୍ତି ତତେ ଗ୍ରହଣ କରିବାକୁ ପଡ଼ିବ।...... ତା'ପରେ ସେ ଜମିଦାର କଥା ବିଚାର ହେବ ! ...ସାପ ସଙ୍ଗେ ଖେଳିବାର ଫଳ ସେ ବି ପାଇବ । ତା'ପରେ ଯାଇ ମାଆ କଥା ଦେଖାଯିବ ।"

ଫୁଲ ଚୁପ୍ ହୋଇ ଠିଆ ହୋଇଥିଲା । ଏତେବେଳ ପରେ କହିଲା, "ମାଆର ମୃତ୍ୟୁ ଯନ୍ତ୍ରଣାରେ ଠିଆହେଲେ ଯିଏ ତା ଝିଅ ନାଆଁରେ ଅପବାଦ ଦେଉଚ ତାକୁ ବାହାହେବାଠାରୁ ମରିଯିବାଟା ଭଲ ।"

ପାଉଁଆ ପାହାଡ଼ ସର୍ଦ୍ଦାରମାନଙ୍କୁ ଡାକଆଣିବା ପାଇଁ ଚାଲିଗଲା ।

ଫୁଲ ସ୍ଥିର ପାଷାଣ ମୂର୍ତ୍ତିଭଳି କିଛି ସମୟ ଠିଆହୋଇ ରହିଲା ତା'ପରେ ଧାଇଁଯାଇ ମାଆର ମୃତ୍ୟୁଶୀତଳ ହିମ କପାଳ ଉପରେ ବାରମ୍ବାର ଚୁମ୍ବନ କଲା ତା'ପରେ ତା'ର ଶବଦେହ ପାଖରେ ନିଶ୍ଚଳ ହୋଇ ଠିଆହୋଇ ରହିଲା । ତା' ଆଖିରେ ଟୋପାଏ ହେଲେ ଲୁହ ଦେଖାଗଲାନି ।

କିଛି ସମୟ ପରେ ପାଉଁଆ ଫେରିଆସିଲା ।

ଲଚ୍ଛୁଆ, ମାନିଆ, ଗଫୁର ପ୍ରଭୃତି ପାହାଡ଼ ପଞ୍ଚାୟତର ସର୍ଦ୍ଦାର-ମାନେ ମଧ୍ୟ ଆସି ପହଞ୍ଚିଲେ ।

ପାଉଁଆ କହିଲା, "ହେଇଟି ସେ ନଷ୍ଟଚରିତ୍ରା, ଜମିଦାର ସଙ୍ଗେ ବ୍ୟଭିଚାର ଅପରାଧରେ ଅପରାଧୀ । କେବଳ ସେତିକି ନୁହେଁ; ସେଥିର ଆମମାନଙ୍କର ସମସ୍ତ ଉଦ୍ୟୋଗ ଆୟୋଜନ ଯା'ର ଯୋଗୁ ବ୍ୟର୍ଥ ହୋଇଯାଇଥିଲା । ଆପଣମାନେ ଯା'ର ବିଚାର କରନ୍ତୁ ।

ଆଜ ଜମିଦାର ଏ ଘରଭିତରୁ ବାହାରିଯିବାର ମୁଁ ନିଜ ଆଖିରେ ଦେଖିଚି ।"

ବୃଦ୍ଧ ସର୍ଦ୍ଦାର ମାନିଆ ଉଠି ଠିଆହେଲା । ଦୁଇ ହାତ ଉପରକୁ ଉଠାଇ କହିଲା, "ଅତି ପ୍ରାଚୀନ କାଳରୁ ଅରଣ୍ୟ ଦେବୀଙ୍କ ଆଦେଶରେ ବ୍ୟଭିଚାରିଣୀ ନାରୀ ଏ ଦେଶରେ ବନ୍ୟ ବାକ୍ୟବ୍ୟୟରେ ମୃତ୍ୟୁ ଗ୍ରହଣ କରିବାକୁ ବାଧ୍ୟ । ପାଲୁଆ ଆମମାନଙ୍କର ଏକାନ୍ତ ପରିଚିତ । ତା' ଛଡ଼ା ସେ ଏଇ ଝିଅଟାକୁ ବିବାହ କରିବା ପାଇଁ ମନସ୍ଥ କରିଥିଲା । ସୁତରାଂ ପାଲୁଆ ମିଛ କହିନି । ଆମେ ଏଇ ଧର୍ମ୍ମ-ଭ୍ରଷ୍ଟା ପ୍ରତି ମୃତ୍ୟୁଦଣ୍ଡ ଆଦେଶ କଲୁଁ ।"

ଲଲୁଆ ଠିଆହୋଇ ବାପକୁ ସମର୍ଥନ କଲା ।

ଫୁଲ ସେମିତି ସ୍ଥିର ହୋଇ ଠିଆହୋଇ ରହିଲା ।

ଗପୁର ମେଞ୍ଚାଏ ବଣୁଆ ଘାସର ତିଆରି ଦଉଡ଼ି ଆଣି ଫୁଲର ଦୋଗୋଡ଼ହାତ ବାନ୍ଧିପକେଇଲା ।

ବୃଦ୍ଧ ସର୍ଦ୍ଦାର ଆଦେଶ ଦେଲା, "ଶାଳୁଆ କୂଳରେ ଥିବା ସେଇ ମୃତ୍ୟୁଶିଳା ଉପରକୁ ନେଇ ଚାଲ ।"

ଫୁଲକୁ କାନ୍ଧ ଉପରକୁ ଉଠେଇ ସମସ୍ତେ ଚାଲିଗଲେ । ମୃତ ଶବଟା ଆଡ଼େ କେହି ଦୃଷ୍ଟି ପକେଇ ପାରିଲେନି ।

ଫୁଲ ଆଖିରୁ ଟୋପାଏ ହେଲେ ଲୁହ ବାହାରିଲାନି । ଦଣ୍ଡା-ଦେଶ ପରିବର୍ତ୍ତନ ପାଇଁ ସେ ଟିକିଏ ହେଲେ ଅନୁରୋଧ ଜଣେଇଲାନି । ମନେ ମନେ ସେ ବାରମ୍ବାର ପ୍ରାର୍ଥନା କରିବାକୁ ଲାଗିଲା—ଯେମିତି ନିର୍ବିଘ୍ନରେ ମରଣ ଲଭିପାରେଁ, ପ୍ରଭୁ !

ମୃତ୍ୟୁ କେବଳ ବରଣୀୟ ନୁହେଁ—ରମଣୀୟ ବୋଲି ତା'ର ମନେହେଲା ।

—ପନ୍ଦର—

କୋଠିରେ ଗୋଡ଼ ଦେବା ମାତ୍ରେ ଧନଞ୍ଜୟ ଦେଖିଲା, ସିପେଇମାନେ ଇତସ୍ତତଃ ଧାଁଧପଡ଼ କରୁଚନ୍ତି । ତହସିଲଦାର ଗୋଲକବହାରୀ ଅସ୍ତବ୍ୟସ୍ତ ହୋଇ ଚିତ୍କାର କରୁଚନ୍ତି—"ସବୁ ପାହାଡ଼ ତଳ ପ୍ରଭୃତି ଖୋଜାଖୋଜି କରି ଦେଖ, ଲୋକଗୁଡ଼ାକ ଜମିଦାର-ସାହେବଙ୍କୁ ଘରଭିତରୁ ଧରିନେଇଗଲେ ନା କ'ଣ ? ଏମାନଙ୍କୁ ପରା କୌଣସି କାଳେ ବିଶ୍ୱାସ ନାହିଁ ! ଶୁଣିଚ, ଏଠିକାର ଲୋକମାନେ ମଣିଷମାନଙ୍କୁ ମେଣ୍ଢା କରିଦିଅନ୍ତି ।"

ଧନଞ୍ଜୟ ଭିତରକୁ ଯିବାମାତ୍ରେ ଗୋଲକବହାରୀ ପ୍ରଶ୍ନାବଳୀ ଆରମ୍ଭ କରିଦେଲେ, "କୁଆଡ଼େ ଯାଇଥିଲେ ? ଆମେ ଏଣେ ଅସ୍ଥିର ।" ଇତ୍ୟାଦି—

କୌଣସି ଉପାୟରେ ଧନଞ୍ଜୟ ତାଙ୍କୁ ଆଶ୍ୱସ୍ତ କଲା ।

ଗୋଲକବହାରୀ କହିଲେ, "ମୁଁ ଥାନାକୁ ତ ଖବର ପଠେଇବି ବୋଲି ଭାବିଥିଲି । ଯାହାହେଉ, ଆସି ପହଞ୍ଚିଗଲେ, ରକ୍ଷା ପଡ଼ିଗଲା ! ଏଣେ ଜିନିଷପତ୍ର ବନ୍ଧାବନ୍ଧି କରି ଆମେ ଠିକ୍ ହୋଇ-ଯାଇଚୁଁ । ଯାଏଁ ଗାଧୋଇଆସେ ।"

ଧନଞ୍ଜୟ କହିଲା, "ବ୍ୟସ୍ତ ହେବେନି, ଆଜି ଆମେମାନେ ଯାଉନେ ।"

ଗୋଲକବହାରୀ ବିରକ୍ତ ଆଉ ବିସ୍ମିତ ହୋଇ କହିଲେ, "ସେ କି କଥା ? ପୁଣି ରହିବାର ଠିକ୍ କଲେ ନା କଣ ?"

—"ନା, ତା ନୁହେଁ ।"

—"ତେବେ ?"

—"ପଅରଦିନ ଆମେ ଯିବା ।"

—"ଆଜି କାହିଁକି ଯିବାନି ?"

—"ପଅରଦିନ ପାହାଡ଼ିମାନଙ୍କର ଗୋଟାଏ ବାହାଘର ହେବ । ମୁଁ ତା'ର କନ୍ୟାକର୍ତ୍ତା । ବାହାଘର ଶେଷ ହୋଇଗଲେ ଆମେ ଚାଲିଯିବା ।"

ଗୋଲକବିହାରୀ କିଛି ସମୟ ଚୁପ୍ ହୋଇ ରହିଲେ । ତା'ପରେ କହିଲେ, "ଯାହା ଭଲ ଭାବୁଚନ୍ତି, କରନ୍ତୁ । ପୁଣି ଲୋକଗୁଡ଼ାକ ଯେମିତି ଗଣ୍ଡଗୋଳ ନ ଲଗାନ୍ତି—"

ଧନଞ୍ଜୟ କହିଲା, "ନା, ସେ ଭୟ ଆଉ ନାହିଁ । ଆପଣ ଗାଧୋଇବେ ଯାଆନ୍ତୁ, ଅନେକବେଳୁ ତେଲଗୁଡ଼ିକ ଲଗେଇ ଠିଆ ହୋଇ ରହିଲେଣି ।"

ଗୋଲକବିହାରୀ କିଛି ନ କହି ଚାଲିଗଲେ ।

× × × ×

ଅବସନ୍ନଙ୍କ ଭଳି ଧନଞ୍ଜୟ ଖଟଟା ଉପରେ ଶୋଇପଡ଼ିଲା । ସାରା ଦେହଟା ତା'ର ନିର୍ଜୀବ ପରି ଲାଗୁଚି । ଜୀବନର ପରମ ପ୍ରିୟ ବସ୍ତୁଟିକୁ ସେ ଆଜି ହୃଦୟରୁ ବିଚ୍ଛିନ୍ନ କରିଦେଇ ଆସିଚି । ଫୁଲ ଆଉ ତା'ର ନୁହେଁ, ପାଉଁଆର । ଏହା ମଧ୍ୟରେ ହୁଏତ ସେ ଆସି ଫୁଲ ସଙ୍ଗେ ହସଖୁସି ହେଉଥିବ ।

ଏଭଳି ଚିନ୍ତା ଭିତରେ କେତେ ସମୟ କଟିଗଲା ତା'ର କିଛି ଠିକଣା ନାହିଁ । ହଠାତ୍ ଗୋଲକବିହାରୀ ଘରଭିତରକୁ ପଶିଆସି

କହିଲେ, "ହଜୁର, ଏ ପାହାଡ଼ଗୁଡ଼ାଙ୍କ ପକ୍ଷେ କିଛି ଅସାଧ୍ୟ ନାହିଁ ।"

ମ୍ଳାନ ହସ ହସି ଧନଞ୍ଜୟ ପଚାରିଲା, "କ'ଣ ହେଲା ବହାଲ-ବାବୁ ? ମୋ ଭଳି ଗଚ୍ଛାଗଣ୍ଡି ଟଙ୍କାପଇସା ସବୁ ଏଥରୁ ଉଭେଇଗଲା ନା କ'ଣ ?"

—"ନାଇଁ ହଜୁର, ତା'ଠାରୁ ଆହୁରି ଭୟଙ୍କର !"

—"କ'ଣ ଭୟଙ୍କର ? କହନ୍ତୁ, କହନ୍ତୁ..."

ଗୋଲକବହାଲୀ କହିଲେ, "ଗୋଟାଏ ଝିଅକୁ କେତେଜଣ ପାହାଡ଼ ଏକାଠି ହୋଇ ଗୋଡ଼ହାତ ବାନ୍ଧି, ନଈ କୂଳକୁ ଲାଗିଥିବା ଗୋଟାଏ ଉଚ୍ଚ ପଥର ଉପରେ ଉଠି ଚିତ୍କାର ଶବ୍ଦରେ ପାହାଡ଼ ଫଟେଇ ଦେଉଚନ୍ତି । ଗାଧୋଇବା ଯାଗାରୁ ମୁଁ ଏ ଦୃଶ୍ୟ ଦେଖି ଆଉ ଗାଧୋଇବ କଣ—ସିଧା ପଳାଇଆସିଲି ।"

ଖବର ଶୁଣିବାମାତ୍ରେ ଧନଞ୍ଜୟ ବାହାରିପଡ଼ିଲା । କିନ୍ତୁ ଦୂର ଯିବାପରେ ସେ ବନ୍ଧମା ଫୁଲ ଆଉ ପାଟୁଆକୁ ଚିହ୍ନିପାରିଲା । ପାହାଡ଼ମାନେ ସେତେବେଳକୁ ହାତଗୋଡ଼ ବନ୍ଧା ହୋଇଥିବା ଫୁଲକୁ ଉଚ୍ଚ ପଥରଟା ଉପରୁ ଶାଳୁଆର ଖରସ୍ରୋତ ଭିତରକୁ ଠେଲିଦେବାର ଉଦ୍ୟମ କରୁଥିଲେ ।

ଧନଞ୍ଜୟ ଚିତ୍କାର କରିଉଠିଲା, "ରହ !"

ପାହାଡ଼ମାନେ ମୁହଁ ବୁଲେଇ ଚାହିଁଲେ ।

ପାଟୁଆ ଚିତ୍କାର କରି କହିଲା, "ହେଇଟି ସେ ସଇତାନ୍‌ଟା !"

ଧନଞ୍ଜୟ ସ୍ପଷ୍ଟ ସ୍ୱରରେ ସେକଥା ଶୁଣିପାରିଲା । କିନ୍ତୁ ସେଥିପାଇଁ ଟିକିଏ ହେଲେ ଉଷ୍ମତା ପ୍ରକାଶ କଲାନି । ଆଗେଇଆସି ପଚାରିଲା, "କେଉଁ ଅପରାଧରେ ତମେମାନେ ତା'ର ପ୍ରାଣ ନେବାର ଉଦ୍ୟମ କରୁଚ ?"

କଣ୍ଠସ୍ୱର ଭିଜା କରି ପାତ୍ରୁଆ କହିଲା, "ତମେ କ'ଣ ସେକଥା ଜାଣିନ ?"

—"ତା'ହେଲେ ଅନର୍ଥକ ପଚାରି ନ ଥାନ୍ତ ।"

—"ବେଶ୍, ଶୁଣ ତା'ହେଲେ । ତୁମରି ପାଇଁ ଫୁଲ ଆଜି ମୃତ୍ୟୁ ବରଣ କରୁଛି ।"

—"କାରଣଟା କ'ଣ ?"

—"ତମେ କାଲି ଫୁଲ ଘରକୁ ଯାଇଥିଲ ?"

—"ହଁ, ଯାଇଥିଲି । କ'ଣ ହେଲା ସେଥିରେ ?"

—"ଫୁଲ ସେଥିରେ ଅପବାଦ ।"

ଧନଞ୍ଜୟ କିଛି ସମୟ ପାଇଁ ଅପଲକ ଦୃଷ୍ଟିରେ ପାତ୍ରୁଆକୁ ଚାହିଁରହିଲା । ପାତ୍ରୁଆ ସେ ଚାହାଣୀ ସହି ପାରୁ ନ ଥିଲା । ସେ ମୁହଁ ତଳକୁ କଲା ।

ଧନଞ୍ଜୟ କହିଲା, "ତମେ ପଶୁଠାରୁ ମଧ୍ୟ ହୀନ, ପତିତପାବନ ! ନ ହେଲେ ଫୁଲ ଭଳି ସତୀକୁ ତମେ ସନ୍ଦେହ କରି ନ ଥାନ୍ତ । ତମରି ପାଳନକାରିଣୀ ମାଆର ମୃତ୍ୟୁକୁ ବି ତମେ ଏଥିପାଇଁ ଉପେକ୍ଷା କରିଚ ! ଏତେ ଅମଣିଷ ତମେ···? ଛି !"

ପାତ୍ରୁଆ କିଛି ନ କହି ନୀରବରେ ତଳକୁ ମୁହଁ ପୋତି ଠିଆହେଲା । ମାତ୍ର ପଚାରିଲା, "ହଜୁର ସେଠିକି କ'ଣ ପାଇଁ ଯାଇଥିଲେ ?"

—"ଫୁଲର ମାଆଙ୍କୁ ଦେଖିବାକୁ ଯାଇଥିଲି । ଜମିଦାର ହେଲେ ବି ମୁଁ ମଣିଷ । ମୋର ଜମିଦାରୀରେ ଜଣେ ବୃଦ୍ଧା ବିନା ଚିକିତ୍ସାରେ ମରିଯିବ, ଏ କଥା ମୋର ଇଚ୍ଛା ନୁହେଁ—ସମୟ ଥିଲେ ଡାକ୍ତର ଡକେଇଥାଆନ୍ତି ।"

—"ଆଜ ପର୍ଯ୍ୟନ୍ତ ତ କୌଣସି ଜମିଦାର ଏ କଥା କରି-ନାହାନ୍ତି, ହଜୁର !"

—"ସମସ୍ତେ ସମାନ ନୁହନ୍ତି, ସର୍ଦ୍ଦାର ! ମୋର ବାପା-ଜେଜବାପା କରିନାହାନ୍ତି ବୋଲି ମୁଁ ଯେ ସେକଥା କରିବିନି, ସ୍ମାର କୌଣସି ଅର୍ଥ ନାହିଁ । ମୋର ଇଚ୍ଛା ଥିଲା, ତମମାନଙ୍କ ପାଇଁ ସ୍କୁଲ କରିବି—ଡାକ୍ତରଖାନା କରିବି । ଯେମିତି ତମେମାନେ ଭଲରେ ମୁଠାଏ ଖାଇବ, ଖଣ୍ଡେ ପିନ୍ଧିବ, ତା'ରି ବ୍ୟବସ୍ଥା କରିବାକୁ ଆସିଥିଲି ।"

ଲଛୁଆ କହିଲା, "କିନ୍ତୁ ହଜୁରଙ୍କ ସାଙ୍ଗରେ ମଦ ଆଉ ଝିଅପିଲା ମଧ୍ୟ ଆସିଥିଲେ ?"

ଧନଞ୍ଜୟ କହିଲା, "ହଁ, ଆସିଥିଲା ସବୁ—ସେସବୁ ନଥିଲେ ଜମିଦାରୀ ଠେକ ବଜାୟ ରହେନି । କିନ୍ତୁ ସେଥିରେ କ'ଣ ହେଲା ? ସେମାନେ ତ ତମମାନଙ୍କର କୌଣସି କ୍ଷତି କରିନାହାନ୍ତି ?"

—"ନାଇଁ ହଜୁର, ସେ କଥା କହୁନି···"

ଧନଞ୍ଜୟ କହିବାକୁ ଲାଗିଲା, "ଏତେଦିନ ହେଲା ତମେମାନେ ଏଠାରେ ଯାହାଙ୍କୁ ଦେଖିଚ, ସେମାନେ ଅତ୍ୟାଚ୍ଚାରୀ ହୋଇ ଆସିଥିଲେ । କିନ୍ତୁ ମତେ ତ ତମେମାନେ ଦେଖିନ ? ସବୁ ମଣିଷ ସମାନ ନୁହନ୍ତି ! ପାଉ୍ଆ, ଶୁଣ—

ତମମାନଙ୍କୁ ମୁଁ ଭଲଭାବରେ ଜଣେଇଦେଉଚି, ତମେମାନେ ଧର୍ମ ନାଆଁରେ ନରହତ୍ୟା କର ନାହିଁ । ସେ ଯେଉଁ ଧର୍ମ ହେଉ କି ପ୍ରଚଳିତ ରୀତି ହେଉ, ନରହତ୍ୟା ପାପ ! ଗୋଟାଏ ପତଙ୍ଗର ମୃତ୍ୟୁ ହେଲେ ବି ତାକୁ ପୁଣି ବଞ୍ଚେଇପାରିବାର ଶକ୍ତି ନାହିଁ; କୋଉ ସାହସରେ ମଣିଷର ପ୍ରାଣ ନେବାକୁ ଯାଉଚ ? ମୋର ଅନୁରୋଧ,

ତମେମାନେ ଏସବୁ କୁସଂସ୍କାର ଛାଡ଼ । ଫୁଲର ମାଆ ମତେ ଅନୁରୋଧ କରିଯାଇଚନ୍ତି, ଫୁଲକୁ ମୁଁ ତୁମ ସଙ୍ଗେ ବିବାହ ଦେବି । ତାଙ୍କର ସେଇ ଅନ୍ତିମ ଇଚ୍ଛାକୁ ଏଭଳି ନିଷ୍ଫଳ କରିଦିଅନା ! ବିଶ୍ୱାସ କର, ଫୁଲର ସତୀଧର୍ମ ମୋ ପାଇଁ ତିଳେହେଲେ କ୍ଷୁଣ୍ଣ ହୋଇନି । ଦରକାର ହେଲେ ତୁମେମାନେ ଯେଉଁ ହଲପ୍ ଦେବ ମୁଁ ସେ ହଲପ୍ କରି କହିବି ।"

ସର୍ଦ୍ଦାର ଦଳ ଚିତ୍କାର କରିଉଠିଲେ, "ହଜୁରଙ୍କ କଥା ଆମେ ମାନିନେଲୁ । ଫୁଲକୁ ଖୋଲିଦିଅ ।"

ଟପୁର ଦଉଡ଼ି ଫିଟେଇଦେଲା । ଫୁଲ ଉଠି ଠିଆହେଲା ।

ଧନଞ୍ଜୟ ଫୁଲକୁ ଆଣି ପାତୁଆ ହାତରେ ଦେଇ କହିଲା, "ଫୁଲ, ମୁଁ ତୁମକୁ ପାତୁଆ ହାତରେ ଦେଲି । ମାଆଙ୍କର ଇଚ୍ଛା ଅନୁସାରେ କାଲି ତୁମର ବାହାଘର ହେବ ।"

ଫୁଲର ଓଠ ଦୁଇଟା ଥରକ ମାରି ଥରିଉଠିଲା । କ'ଣ କହିବାର ଚେଷ୍ଟା କରି କହିପାରିଲାନି । ତା ର ଦୁଇ ଆଖିରୁ ଝର ଝର ହୋଇ ଲୁହ ଗଡ଼ିବାକୁ ଲାଗିଲା । ଧନଞ୍ଜୟ ବ୍ୟତୀତ ସେ ଅଶ୍ରୁଧାରର ଅର୍ଥ କେହି ବୁଝିପାରିଲେନି ।

ପାତୁଆ କହିଲା, "ହଜୁର, ଏତେଦିନ ଧରି କେବଳ ଆପଣଙ୍କର ପ୍ରତିଦ୍ୱନ୍ଦ୍ୱିତା କରିଆସିଚି ; ଆଜ ଝାଡ଼େଶ୍ୱରୀ ନାଆଁରେ ଶପଥ କରି କହୁଚି, ଆପଣ ମହତ୍, ଆପଣ ଶ୍ରେଷ୍ଠ ! ଏଇ ପାହାଡ଼ି-ମାନଙ୍କର ସମସ୍ତ ଅହଂକାର, ସମସ୍ତ ପୌରୁଷ ଆଜ ଆପଣଙ୍କ ପାଖରେ ପରାଜୟ ସ୍ୱୀକାର କରୁଚି ।"

କେଜାଣି କାହିଁକି ଧନଞ୍ଜୟ ଆଖିରେ ହଠାତ୍ ଲୁହ ଟଳମଳ କରିଉଠିଲା । ସେ ସମ୍ଭାଳିଯାଇ କହିଲା, "ଝାଡ଼େଶ୍ୱରୀଙ୍କ ଦୟାରୁ ତୁମମାନଙ୍କର ଭୁଲ ଭାଙ୍ଗିଗଲା । ଆଶୀର୍ବାଦ କରୁଚି, ତମେମାନେ

ସମସ୍ତେ ସୁଖୀ ହୁଅ । ଫୁଲର ବିବାହ ଯୌତୁକ ପାଇଁ ମୁଁ ତୁମମାନଙ୍କୁ ଆସନ୍ତା କଷ୍ଟଠାରୁ ସବୁଦିନ ପାଇଁ ଖଜଣା ଛାଡ଼ କରିଦେଲି ।"

ଧନଞ୍ଜୟ ଫେରିଆସୁଛି ।

ପାହାଡ଼ର ପାଦଦେଶରେ ତହସିଲଦାର ଗୋଲକବିହାରୀଙ୍କ ନିର୍ଦ୍ଦେଶ ଅନୁସାରେ ସିପେଇମାନେ ସଶସ୍ତ୍ର ଭାବରେ ପ୍ରସ୍ତୁତ ହୋଇ ରହିଥିଲେ । ଜମିଦାରସାହେବ ଫେରିଆସୁଥିବାର ଦେଖି ସେମାନେ ଉଦ୍ୟତ ବନ୍ଧୁକଗୁଡ଼ିକ ନିଜ ନିଜର କାନ୍ଧ ଉପରକୁ ଖସେଇ ଆଣିଲେ ଏବଂ ଧନଞ୍ଜୟର ଆଗେ ଆଗେ ଭାରି ଜୋତା-ଗୁଡ଼ିକ କଟକଟ ଚାଲିଲେ ।

ଫୁଲର ଲୁହ ଛଳ ଛଳ ଆଖି ଦୁଇଟାରେ ଢେଉ ଉଠୁଛି । ବକ୍ଷ ଭିତରେ ସେ ଢେଉଗୁଡ଼ାକ ଧକ୍କା ଖାଇ ଯେମିତି ଫେଣେଇ ହୋଇଯାଇ ! କୋହରେ ବାଷ୍ପିଳ ହୋଇଯାଉଛି···ସେଇ ପଦକ କ'ଣ ପ୍ରାପ୍ୟ ଥିଲା ? ତମେ ତ ଆଜି ଦୂରେଇଯାଉଛ···? ଫେରିବନି ଆଉ···ତେବେ କ'ଣ ଏ ଥିଲା ସ୍ୱପ୍ନ···? ଫେରିଚାହଁ···ଥରେ ହେଲେ କହିଯାଅ···।

୪୩୧୮୦
21.8.75

ରଙ୍ଗ ବେରଙ୍ଗର ଆବରଣ ନେଇ

ଗୁରୋଟି ଭାଗରେ

# ସୁବର୍ଣ୍ଣ ସୁନ୍ଦରୀ

ପ୍ରକାଶ ପଥେ ଆଗେଇ ଚାଲିଛି—